

ହସ୍ତେ ସ୍ଫଟିକ ମାଳୀକାମ୍ ବିଦଧତୀଂ
ପଦ୍ମାସନେ ସଂସ୍ଥିତାମ୍,
ବନ୍ଦେତାଂ ପରମେଶ୍ୱରୀଂ ଭଗବତୀଂ
ବୁଦ୍ଧିପ୍ରଦାମ୍ ଶାରଦାମ୍ ।

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-208 ◆FRIDAY ◆23 JANUARY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୦୮ ◆ଶୁକ୍ରବାର ◆୨୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 31 ଜାନୁୟାରୀ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293• **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979

## ପତ୍ନୀଙ୍କୁ ଗୁଳି କରି ଆତ୍ମହତ୍ୟା କଲେ ସାଂସଦଙ୍କ ଭଣଜା

ଅହମଦାବାଦ, ୨୨।୧(ଏଜେନ୍ସି): ଗୁଜରାଟ୍‌ରେ କଂଗ୍ରେସ ରାଜ୍ୟସଭା ସାଂସଦ ଶକ୍ତି ସିଂ ଗୋହିଲଙ୍କ ଭଣଜା ଯଶରାଜ ସିଂ ଗୋହିଲ୍ ଏକ ଅଭାବନୀୟ କାଣ୍ଡ ଘଟାଇଛନ୍ତି। ମାତ୍ର ଦୁଇମାସ ତଳେ ବିବାହ କରିଥିବା ଯଶରାଜ ପତ୍ନୀଙ୍କୁ ଗୁଳି ମାରି ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ପତ୍ନୀଙ୍କ ବେକରେ ଗୁଳି ବାଜିବା ପରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଦେଇଥିବା ସୂଚନା ଅନୁଯାୟୀ, ଯଶରାଜ ବୁଧବାର ରାତି ୧୧.୪୫ରେ ଆମ୍ବୁଲାନ୍ସ ଡାକିବା ପାଇଁ ୧୦୮କୁ ଫୋନ୍ କରିଥିଲେ। ଫୋନ୍‌ରେ ପତ୍ନୀ ରାଜେଶ୍ୱରୀଙ୍କ ଆଘାତ ବିଷୟରେ ଜଣାଇଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଡାକ୍ତରୀ ଦଳ ରାଜେଶ୍ୱରୀଙ୍କୁ ମୃତ ଘୋଷଣା କରିଥିଲେ। ଯଶରାଜ ଆମ୍ବୁଲାନ୍ସ ଦଳକୁ କହିଥିଲେ ଯେ, ଭୁଲବଶତଃ ତାଙ୍କ ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଗୁଳି ବାହାରି ରାଜେଶ୍ୱରୀଙ୍କ ବେକରେ ବାଜିଥିଲା। ରାଜେଶ୍ୱରୀଙ୍କ ମୃତଦେହକୁ ଆମ୍ବୁଲାନ୍ସରେ ରଖିବାକୁ ଡାକ୍ତରୀ ଦଳ ବାହରକୁ ଯାଇଥିବା ବେଳେ ଯଶରାଜ କୋଠାରୀ ଭିତର ନିଜକୁ ଗୁଳି କରିଥିଲେ ଓ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଯଶରାଜ ଗୁଜରାଟ ମେରିଟାଇମ ବୋର୍ଡରେ ଜଣେ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ପରିବାର ଦେଇଥିବା ସୂଚନା ଅନୁଯାୟୀ, ଏହି ଦମ୍ପତି ବିବାହ ପରେ ବେଶ୍ ଖୁସିଥିଲେ ଓ ବିଦେଶ ଗସ୍ତରେ ଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ହଠାତ ଏହି ଘଟଣା ସମସ୍ତଙ୍କୁ ଚକିତ କରିଛି।

## ବେଙ୍ଗାଲୁରୁ ବିମାନ ବନ୍ଦରରେ କୋରିଆ ମହିଳାଙ୍କୁ ଯୌନ ନିର୍ଯାତନା

ବେଙ୍ଗାଲୁରୁ, ୨୨।୧(ଏଜେନ୍ସି): ବେଙ୍ଗାଲୁରୁର କେମ୍ପେଗୌଡ଼ା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଦକ୍ଷିଣ କୋରିଆର ଜଣେ ମହିଳା ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଜାନୁଆରୀ ୧୯ରେ ଏହି ଘଟଣା ଘଟିଥିଲେ ମଧ୍ୟ ଗୁରୁବାର ଏହା ସାମ୍ନାକୁ ଆସିଛି। ଟର୍ମିନାଲ-୨ରେ ଇମିଗ୍ରେସନ ଯାଞ୍ଚ ସମୟରେ, ଅଭିଯୁକ୍ତ ବ୍ୟକ୍ତି ଯାଞ୍ଚ କରିବା ବାହାନାରେ ମହିଳାଙ୍କୁ ପୁରୁଷ ଶୌଚାଳୟକୁ ନେଇଯାଇଥିବା ଅଭିଯୋଗ ହୋଇଛି। ସେଠାରେ ସେ ମହିଳାଙ୍କୁ ଅନୁପଯୁକ୍ତ ଭାବେ ସ୍ପର୍ଶ କରିଥିଲେ। ବିମାନ ବନ୍ଦର ପୁଲିସ କହିଛି ଯେ, ମହିଳା ଜଣକ ଦକ୍ଷିଣ କୋରିଆ ଯାତ୍ରା କରୁଥିଲେ। ତାଙ୍କ ଟିକେଟ ଓ ବ୍ୟାଗେଜ ଯାଞ୍ଚ ସମୟରେ ଏକ ବିପ୍ ଶୁଭିଥିଲା। ଏହାପରେ ଅଭିଯୁକ୍ତ ତାଙ୍କୁ ଏକ ପାଖକୁ ନେଇଯାଇଥିଲେ। ଯାଞ୍ଚ ସମୟରେ ସେ ମହିଳାଙ୍କ ସହ ଅସଦାଚରଣ କରିଥିଲେ। ଇତିମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବିମାନ ବନ୍ଦରରେ ସେ ଗ୍ରାଉଣ୍ଡ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ କହିଛି ଯେ, ସେ ମହିଳାଙ୍କୁ ଜୋର ଜବରଦସ୍ତ ତାଙ୍କୁ ଆଲିଙ୍ଗନ କରିଥିଲେ। ମହିଳା ଜଣକ ଘଟଣା ବିଷୟରେ ସୁରକ୍ଷା କର୍ମଚାରୀଙ୍କୁ ଜଣାଇଥିଲେ। ସିସିଟିଭି ଫୁଟେଜର ଯାଞ୍ଚ କରାଯିବା ପରେ ଅଭିଯୁକ୍ତକୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା।

## ଓସ୍କାର ଦୌଡ଼ରୁ ବାଦ୍ ପଡ଼ିଲା 'ହୋମ୍‌ବାଉଣ୍ଡ'

ନୂଆଦିଲ୍ଲୀ, ୨୨।୧(ଏଜେନ୍ସି): ଓସ୍କାର ପୁରସ୍କାରର ୯୮ତମ ସଂସ୍କରଣପାଇଁ ଗୁରୁବାର ନୋମିନେସନ ଘୋଷଣା କରାଯାଇଛି। ସବୁ ଭାରତୀୟଙ୍କ ନଜର 'ହୋମବାଉଣ୍ଡ' ଉପରେ ଥିଲା। କିନ୍ତୁ ଏହି ଚଳଚ୍ଚିତ୍ର ଓସ୍କାର ଦୌଡ଼ରୁ ବାଦ୍ ପଡ଼ିଛି। ଫଳରେ ଭରାତୀୟଙ୍କ ଓସ୍କାର ନେଇ ଥିବା ସ୍ୱପ୍ନ ଭଙ୍ଗ ହୋଇଛି। ନୀରଜ ଘାୟୱାନଙ୍କ ନିର୍ଦ୍ଦେଶିତ 'ହୋମବାଉଣ୍ଡ' ଶ୍ରେଷ୍ଠ ଅନ୍ତର୍ଜାତୀୟ ଫିଚର ଫିଲ୍ମ ବର୍ଗର ସଂକ୍ଷିପ୍ତ ତାଲିକାରେ ସାମିଲ ହୋଇଥିଲା। ଏହି ଚଳଚ୍ଚିତ୍ର ୨୦୨୬ ଓସ୍କାରରେ ଭାରତ ପାଇଁ ଆଧିକାରୀକ ପ୍ରବେଶ ଭାବେ ଦାଖଲ କରାଯାଇଥିଲା। 'ହୋମବାଉଣ୍ଡ' ପୂର୍ବରୁ ଶ୍ରେଷ୍ଠ-୧୫ ତାଲିକାରେ ସ୍ଥାନ ପହଞ୍ଚିଥିଲା। କିନ୍ତୁ ଶ୍ରେଷ୍ଠ-୫ରେ ସ୍ଥାନ ପାଇ ନଥିଲା। ଲସ୍ ଏଞ୍ଜେଲ୍ସର ସାମୁଏଲ ଗୋଲ୍ଡୱିନ ଥିଏଟରରେ ଓସ୍କାର ପୁରସ୍କାରର ନାମାଙ୍କନ ଘୋଷଣା କରାଯାଇଥିଲା। 'ହୋମବାଉଣ୍ଡ' ଇଶାନ ଖଟ୍ଟର, ଜାନଭୀ କପୁର ଅଭିନୟ କରିଥିଲେ। ତେବେ ଭାରତୀୟ-ଆମେରିକୀୟ ଚଳଚ୍ଚିତ୍ର ନିର୍ମାତା ଗୀତା ଗାନ୍ଧବୀରଙ୍କୁ ଦୁଇଟି ଓସ୍କାର ନମିନେସନ ମିଳିଛି। ଶ୍ରେଷ୍ଠ ଡକୁମେଣ୍ଟାରୀ କାଟାଗୋରୀରେ 'ଦି ଡେଭିଲ ଇଜ୍ ବିଜି' ଏବଂ ଶ୍ରେଷ୍ଠ ଡକୁମେଣ୍ଟାରୀ ଫିଚର କାଟାଗୋରୀରେ 'ଦି ପରଫେକ୍ଟ ନେବୋର'କୁ ଓସ୍କାର ଏକାଡେମୀ ଆୱାର୍ଡ ପାଇଁ ମନୋନୀତ କରାଯାଇଛି।

## ଆମେରିକା-ରୁଷ୍-ୟୁକ୍ରେନ ତ୍ରିପାକ୍ଷିକ ବୈଠକ ଆଜି

ଡାଭୋସ, ୨୨।୧: ଆମେରିକା ମଧ୍ୟସ୍ଥତାରେ ଆସନ୍ତାକାଲି ରୁଷିଆ ଓ ୟୁକ୍ରେନ ମଧ୍ୟରେ ପ୍ରଥମ ଥର ଲାଗି ତ୍ରିପାକ୍ଷିକ ବୈଠକ ହେବାକୁ ଯାଉଛି। ଆଜି ଏହି ସୂଚନା ଦେଇଛନ୍ତି ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି। ସେ କହିଛନ୍ତି ଯେ ଆମେରିକା, ୟୁକ୍ରେନ ଓ ରୁଷିଆର ପ୍ରତିନିଧି ଦଳ ସଂଯୁକ୍ତ ଆରବ ଏମିରେଟ୍ସରେ ଆସନ୍ତା ୨୩ ଓ ୨୪ ତାରିଖରେ ବୈଠକ କରିବାକୁ ଯାଉଛନ୍ତି। ସେ କହିଛନ୍ତି ଯେ ଯୁଦ୍ଧ ପରେ ପ୍ରଥମ ଥର ଲାଗି ତିନି ଦେଶ ଏକାଠି ହୋଇ ଆଲୋଚନା କରିବାକୁ ଯାଉଛନ୍ତି। ଆଦୌ ଆଲୋଚନା ନହେବା ଠାରୁ ଏଭଳି ବୈଠକ ଭଲ। ତେବେ ବୈଠକ ଫଳପ୍ରଦ ହେବ ଏବଂ ଯୁଦ୍ଧ ବନ୍ଦ ହୋଇଯିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନା ପରେ ସେ ଏହି ସୂଚନା ଦେଇଛେନ୍ତି।

## ଦିଲ୍ଲୀରେ ୭ ବର୍ଷର ରେକର୍ଡ ଭାଙ୍ଗିଲା ତାପମାତ୍ରା

ନୂଆଦିଲ୍ଲୀ, ୨୨।୧: ପାଖାପାଖି ତିନି ମାସ ଧରି ନାକେଦମ କରି ରଖିଥିବା ଶୀତ ଏବେ ରାଜଧାନୀ ଦିଲ୍ଲୀରୁ ବିଦାୟ ନେବା ଆରମ୍ଭ କରିଛି। ରାଜଧାନୀରେ ଆଜି ତାପମାତ୍ରା ହଠାତ ବୃଦ୍ଧି ପାଇ ସାତ ବର୍ଷର ରେକର୍ଡ ଭଙ୍ଗ କରିଛି। କେତେକ ସ୍ଥାନରେ ତାପମାତ୍ରା ଆଜି ୨୭ ଡିଗ୍ରୀ ଅତିକ୍ରମ କରିଛି। କୁହାଯାଉଛି ଯେ ଗତ ୭ ବର୍ଷ ମଧ୍ୟରେ ଜାନୁଆରୀ ମାସରେ ପ୍ରଥମ ଥର ଲାଗି ତାପମାତ୍ରା ଏହି ସୀମା ଟପିଛି। ଏହାପୂର୍ବରୁ ୨୦୧୯ ଜାନୁଆରୀ ୨୧ ତାରିଖରେ ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୨୮.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ତାପମାତ୍ରା ବୃଦ୍ଧି ସହିତ ପ୍ରଦୂଷଣ ସ୍ତର ଖସିଥିବାରୁ ଦିଲ୍ଲୀ ଏନସିଆରରୁ ଗ୍ରାପ୍-୩ କଟକଣା ହଟାଇ ଦିଆଯାଇଛି।

### ଅଷ୍ଟ୍ରେଲିଆ ଭଳି ଆନ୍ଧ୍ରରେ ଲାଗିବ କଟକଣା

## ପିଲାଙ୍କୁ ସାମାଜିକ ଗଣମାଧ୍ୟମ ମନା



ହାଇଦରାବାଦ୍, ୨୨।୧(ଏଜେନ୍ସି): ନାବାଳକଙ୍କ ଉପରେ ଇଣ୍ଟରନେଟ୍ ଓ ସାମାଜିକ ଗଣମାଧ୍ୟମର ନକରାତ୍ମକ ପ୍ରଭାବକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଏକ ଦୃଷ୍ଟାନ୍ତମୂଳକ ଆଇନ୍ ପ୍ରଣୟନ କରିଥିଲା। ଏହା ଦ୍ୱାରା ନାବାଳକଙ୍କ ପାଇଁ ସାମାଜିକ ଗଣମାଧ୍ୟମକୁ ନିଷିଦ୍ଧ କରାଯାଇଥିଲା। ଅଷ୍ଟ୍ରେଲିଆର ଏହି ପଦକ୍ଷେପଠାରୁ ପ୍ରେରଣା ନେଇ ଏବେ ଆନ୍ଧ୍ରପ୍ରଦେଶ ସରକାର ଏହି ଭଳି ନୀତି ଆପଣାଇବାକୁ ଯାଉଛନ୍ତି। ଆନ୍ଧ୍ର ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଇବାକୁ ବିଚାର କରୁଛି। ଡାଭୋସରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚରେ ଭାଷଣ ଦେଇ ଆନ୍ଧ୍ର ଆଇଟି ମନ୍ତ୍ରୀ ନାରା ଲୋକେଶ କହିଛନ୍ତି ଯେ, ସରକାର ଅଷ୍ଟ୍ରେଲିଆର ଏହି ପଦକ୍ଷେପ ତଥା ଅଭିମୁଖ୍ୟକୁ ନିକଟରୁ ଅଧ୍ୟୟନ କରୁଛନ୍ତି। ପିଲାମାନଙ୍କ ପାଇଁ ଆମକୁ ଏକ ଦୃଢ଼ ଆଇନଗତ ଢାଞ୍ଚା ସୃଷ୍ଟି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଅଷ୍ଟ୍ରେଲିଆ ୨୦୨୪ରେ ମାନସିକ ସ୍ୱାସ୍ଥ୍ୟ, ଅନଲାଇନ୍ କ୍ଷତି, ସାଇବର ଧମକ ଓ ନିଶା ଆଲଗାରିଦିମ ସଂକ୍ରାନ୍ତରେ ବଢୁଥିବା ଚିନ୍ତାକୁ ଦୃଷ୍ଟିରେ ରଖି ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମକୁ ନିଷିଦ୍ଧ କରିଥିଲା ଓ ଏ ନେଇ ଆଇନ ପ୍ରଣୟନ କରିଥିଲା। ତେଲଗୁ ଦେଶମ ପାର୍ଟି (ଟିଡିପି)ର ଜାତୀୟ ମୁଖପାତ୍ର ଦୀପକ ରେଡ୍ଡୀ କହିଛନ୍ତି ଯେ, ମନ୍ତ୍ରୀ ନାରା ଲୋକେଶ ଛୋଟ ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପର୍କରେ ଗମ୍ଭୀର ଚିନ୍ତାଧାରାକୁ ଠିକ୍ ଭାବେ ଉଜାଗର କରିଛନ୍ତି। ଆନ୍ଧ୍ର ସରକାର ଏବେ ଅଷ୍ଟ୍ରେଲିଆର ଏହି ଆଇନ୍‌ର ଯାଞ୍ଚ କରୁଛନ୍ତି ବୋଲି ସେ କହିଛନ୍ତି। ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ ଆନ୍ଧ୍ର ଭାରତର ପ୍ରଥମ ରାଜ୍ୟ ଭାବେ ନାବାଳଙ୍କ ପାଇଁ ସାମାଜିକ ଗଣମାଧ୍ୟମ ନିଷିଦ୍ଧ କରିବା ନେଇ ଆଇନ୍ ଲାଗୁ କରିବ।

**୧୬ ବର୍ଷରୁ କମ୍ ପିଲାଙ୍କୁ ଚିନ୍ତାଗ୍ରସ୍ତ କରୁଛି ଇଣ୍ଟରନେଟ, ସୋସିଆଲ ମିଡିଆ**

### ଗୁଜରାଟ ଉପକୂଳରେ ଆତଙ୍କ

## ଫୁଟୁଛି ସମୁଦ୍ର ପାଣି



ନୂଆଦିଲ୍ଲୀ, ୨୨।୧(ଏଜେନ୍ସି): ଗୁଜରାଟ ଓ ମହାରାଷ୍ଟ୍ରର ପାଲଘର ନିକଟରେ ସମୁଦ୍ର ଜଳ ହଠାତ ଉତ୍ତପ୍ତ ହୋଇ ଫୁଟୁଥିବାର ଦେଖାଯାଇଛି। ଫଳରେ ପାଲଘର ଜିଲ୍ଲାର ମତ୍ସ୍ୟଜୀବୀମାନଙ୍କୁ ଏ ନେଇ ସତର୍କ କରାଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ପାଣି ଫୁଟୁଥବା ଓ ବୁଦବୁଧ ହେଉଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହି ଅଦ୍ଭୂତ ଘଟଣା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଚିନ୍ତିତ କରିଛି। ଏ ନେଇ ତୁରନ୍ତ ଦଦନ୍ତ ଆରମ୍ଭ କରାଯାଇଛି।

ବୈଜ୍ଞାନିକମାନେ ଏହାର କାରଣ ଖୋଜିବାକୁ ପ୍ରୟାସ କରୁଛନ୍ତି। ସେମାନେ ଗ୍ୟାସ ଲିକ୍ ବା ପାଇପ୍ ଲାଇନ୍ ଫାଟିଥିବା ସନ୍ଦେହ କରୁଛନ୍ତି। ଏହି ସାମୁଦ୍ରିକ ଘଟଣାକୁ ଅତି ଅସାଧାରଣ ବୋଲି କୁହାଯାଇଛି। ଏ ନେଇ ପ୍ରମୁଖ ସାମୁଦ୍ରିକ ବିଶେଷଜ୍ଞ ତୁରନ୍ତ ଧ୍ୟାନ ଦେବା ଆବଶ୍ୟକ। ଏହି ଅଞ୍ଚଳ ଜାହାଜ ଓ ମାଛ ଧରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସ୍ଥାନ ସାମୁଦ୍ରିକ ପଥର ନିକଟତର ହୋଇଥିବାରୁ ଏହି ବାଟ ଦେଇ ଜାହଜଗୁଡିକ ଯିବାରେ ଅନ୍ତରାୟ ହେବାକୁ ଯାଉଛି। ଏହି ଘଟଣାକୁ ଅତ୍ୟନ୍ତ ଅସାଧାରଣ ଘଟଣା ଭାବେ ବର୍ଣ୍ଣନା କରାଯାଇଛି। ଘଟଣାର ପରୀକ୍ଷା ତଥା ତଦନ୍ତ ପାଇଁ ଇଣ୍ଡିଆନ ନ୍ୟାସନାଲ ସେଣ୍ଟର ଫର ଓସେନ ଇନଫର୍ମେସନ ସର୍ଭିସେସ ଦଳକୁ ନିୟୋଜିତ କରାଯାଇଛି।

ସମୁଦ୍ର ଗର୍ଭରୁ ମିଥେନ୍ ଗ୍ୟାସ୍ ପ୍ରାକୃତିକ ଭାବେ ବାହରୁ ଥିବା ଆଶଙ୍କାକୁ ମଧ୍ୟ ଏଡାଇ ହେବନି ଓ ଏହା ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ଭୂଗର୍ଭ ଗତିବିଧି ଅଞ୍ଚଳରେ ଘଟିଥାଏ। ପୁଣି ଜଳମଗ୍ନ ଭୂତାତ୍ତ୍ୱିକ ଗତିବିଧି, ସମୁଦ୍ର ତଳେ ବିଛା ଯାଇଥିବା ଏକ ତୈଳ କିମ୍ବା ଗ୍ୟାସ ପାଇପ୍ ଲାଇନ୍ ଫାଟିବା କାରଣରୁ ଗ୍ୟାସ୍ ଉତ୍ପନ୍ନ ହେବାର ଆଶଙ୍କାକୁ ମଧ୍ୟ ଏଡାଇ ହେବନି। ଅବଶ୍ୟ ଗୁଜରାଟ ଉପକୂଳରେ ଏଭଳି ଘଟଣା ଘଟିବା ନୂଆ ନୁହେଁ। ଅତୀତରେ ଏହି ଉପକୂଳରେ ଏଭଳି ଗତିବିଧି ଦେଖିବାକୁ ମିଳିଛି। ଆରବ ସାଗରର ଏହି ଅଂଶ ଅତ୍ୟନ୍ତ ସମ୍ବେଦନଶୀଳ, ବାରମ୍ବାର ସମୁଦ୍ର ଗତିବିଧି ଓ ଭୂକମ୍ପର ଅନୁଭବ କରିଆସୁଛି। ପୁଣି ସମୁଦ୍ରର ତାପମାତ୍ରା ବୃଦ୍ଧି ମଧ୍ୟ ଏଭଳି ସ୍ଥିତି ସୃଷ୍ଟି କରିପାରେ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରିନ୍ତି। ୨୦୨୪ରେ ଉତ୍ତର ସାଗରରେ ଘଟିଥିବା ଘଟଣା ସହ ଏହା ସମାନ ବୋଲି କୁହାଯାଉଛି। ସେଠାରେ ସମୁଦ୍ର ଭିତରରେ ଥିବା ଜ୍ୱାଳାମୁଖୀ ବିସ୍ଫୋରଣ ହୋଇଥିଲା ଓ ପାଣି ବୁଦ୍‌ବୁଦ୍ ହୋଇ ଉଠିଥିଲା। ସମୁଦ୍ରର ଏହି ଅଂଶରେ ସୃଷ୍ଟି ହୋଇଥିବା ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ବୈଜ୍ଞାନିକମାନେ ହାଇଡ୍ରୋଜେନ ସଲଫାଇଡ କିମ୍ବା କାର୍ବନ ଡାଇଅକ୍ସାଇଡ୍ ଭଳି ବିପଜ୍ଜନକ ଗ୍ୟାସ୍ ଅଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ଜଳ ନମୁନା ସଂଗ୍ରହ କରୁଛନ୍ତି। ଜଳବାୟୁ ପରିବର୍ତ୍ତନକୁ ନେଇ ପରିବେଶବିତମାନେ ଚିନ୍ତା ପ୍ରକଟ କରୁଥିବା ବେଳେ ସମୁଦ୍ର ଭିତରେ ଏଭଳି ଅସାଧାରଣ ସ୍ଥିତି ଆଗାମୀ ଦିନରେ କୌଣସି ବଡ଼ ଧରଣର ବିପଦ ଆଡ଼କୁ ଇଙ୍ଗିତ କରୁଛି ବୋଲି ଆଶଙ୍କା କରାଯାଉଛି।

**■ ଆସୁଛି କି ବଡ଼ ବିପଦ?**

## କର୍ଣ୍ଣାଟକ ରାଜ୍ୟପାଳ ମଧ୍ୟ ୱାକ୍‌ଆଉଟ୍ କଲେ

ବେଙ୍ଗାଲୁରୁ, ୨୨।୧: ତାମିଲନାଡୁ ପରେ କର୍ଣ୍ଣାଟକ। ଏଠାରେ ମଧ୍ୟ ରାଜ୍ୟପାଳ ରାଜ୍ୟ ବିଧାନସଭାରେ ଅଭିଭାଷଣ ନ ପଢ଼ି ୱାକ୍ ଆଉଟ୍ କରିଛନ୍ତି। କର୍ଣ୍ଣାଟକ ବିଧାନସଭାରେ ଆଜି ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନୂଆବର୍ଷରେ ରାଜ୍ୟ ବିଧାନସଭାରେ ରାଜ୍ୟପାଳ ଗେହଲଟ୍ ପାରମ୍ପରିକ ଅଭିଭାଷଣ ପ୍ରଦାନ କରିବାକୁ ଆଜି ଆସିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ରରୁ ମାତ୍ର ଦୁଇ ଧାଡ଼ି ପଢି ସେ ୱାକ୍ ଆଉଟ୍ କରିଥିଲେ। ଅଭିଭାଷଣ ପତ୍ରରେ କେନ୍ଦ୍ର ସରକାରଙ୍କ ବିବାଦୀୟ ନୂଆ ସ୍କିମ୍ ଜି-ରାମ-ଜିକୁ ନେଇ କେତେକ ଟିପ୍ପଣୀ ରହିଥିବାରୁ ଏହାକୁ ପଢ଼ିବାକୁ ମନା କରିଦେଇଥିଲେ ରାଜ୍ୟପାଳ। ଏହାପରେ ସେ ପୋଡିୟମରୁ ଓହ୍ଲାଇ ବାହାରକୁ ଯାଇଥିଲେ। ଏହି ସମୟରେ ଶାସକ କଂଗ୍ରେସର ବିଧାୟକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟପାଳଙ୍କ ଏତାଦୃଶ ଆଚରଣରେ ଉତକ୍ଷିପ୍ତ ବିଧାୟକମାନେ ଗୃହ ଭିତରେ ତାଙ୍କୁ ଘେରାଉ କରିବାକୁ ଉଦ୍ୟମ କରିଥିଲେ। ତେବେ ସୁରକ୍ଷା କର୍ମୀ ରାଜ୍ୟପାଳଙ୍କୁ ବାହାରକୁ ନେଇଯାଇଥିଲେ। ରାଜ୍ୟପାଳଙ୍କ ଏଭଳି ଆଚରଣକୁ ନେଇ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବିରକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ରାଜ୍ୟ ସରକାର ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ର ନ ପଢ଼ି ରାଜ୍ୟପାଳ ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ଏହି ପ୍ରସଙ୍ଗରେ ତାଙ୍କ ସରକାର ସୁପ୍ରିମ କୋର୍ଟ ଯିବ ବୋଲି ସେ କହିଛନ୍ତି। ରାଜ୍ୟପାଳ ଗେହଲଟ୍ କେନ୍ଦ୍ରର ଏଜେଣ୍ଟ ଭାବେ ଆଚରଣ କରୁଥିବା ସେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ ଯେ କିଛଦିନ ତଳେ ତାମିଲନାଡୁ ବିଧାନସଭାରେ ମଧ୍ୟ ଏଭଳି ପରିସ୍ଥିତି ଦେଖିବାକୁ ମିଳିଥିଲା। ରାଜ୍ୟପାଳ ରବି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣ ପତ୍ର ନପଢ଼ି ବିଧାନସଭାରୁ ୱାକ୍ ଆଉଟ୍ କରିଥିଲେ।

## ମୁମ୍ବାଇ ସମେତ ୧୬ ନଗର ନିଗମରେ ମହିଳା ହେବେ ମେୟର

ମୁମ୍ବାଇ, ୨୨।୧(ଏଜେନ୍ସି): ମହାରାଷ୍ଟ୍ରର ୨୯ଟି ନଗର ନିଗମ ମଧ୍ୟରୁ, ମୁମ୍ବାଇ ସମେତ ୧୬ଟିରେ ମହିଳା ମେୟର ନିର୍ବାଚିତ ହେବେ। ଗୁରୁବାର ମୁମ୍ବାଇରେ ଏକ ଲଟେରୀ ପ୍ରଣାଳୀ ମାଧ୍ୟମରେ ନିଗମ ଚୟନ କରାଯାଇଥିଲା। ତେବେ ପରଭାନୀ ନଗର ନିଗମରେ ମହିଳା ମେୟରଙ୍କ ସମ୍ପର୍କରେ ଆପତ୍ତି ଉଠିଛି। କିନ୍ତୁ ଶିବସେନା (ୟୁବିଟି) ନେତ୍ରୀ ତଥା ପୂର୍ବତ ମୁମ୍ବାଇ ମେୟର କିଶୋରୀ ପେଡନେକର ଲଟେରୀ ପ୍ରଣାଳୀର ପ୍ରତିବାଦ କରିଥିଲେ। କାହାକୁ ନ ଜଣାଇ ଏହି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ମୁମ୍ବାଇର ଶେଷ ଦୁଇ ମେୟର ସାଧାରଣ ବର୍ଗର ଥିଲେ, ତେଣୁ ନୂଆ ମେୟର ପଦବୀ ଓବିସି କିମ୍ବା ଅନୁସୂଚୀତ ଜାତି (ଏସ୍‌ଟି) ବର୍ଗ ପାଇଁ ସଂରକ୍ଷିତ ହେବା ଉଚିତ ଥିଲା ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ଲଟେରୀ ଫଳାଫଳ ଅନୁସାରେ, ୨୯ଟି ମେୟର ପଦରୁ ୧୬ଟି ଏସ୍‌ସି, ଏସ୍‌ଟି ଓ ଓବିସି ବର୍ଗ ପାଇଁ ସଂରକ୍ଷିତ କରାଯାଇଛି। ଅନ୍ୟପଟେ ୧୩ଟି ମେୟର ପଦ ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ରହିଛି। ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗଡ଼ କୁହାଯାଉଥିବା ଥାଣେରେ, ମେୟର ପଦବୀ ଅନୁସୂଚୀତ ଜାତି ବର୍ଗ ପାଇଁ ସଂରକ୍ଷିତ ରଖାଯାଇଛି। ମୁମ୍ବାଇ ଷଷ୍ଠଥର ପାଇଁ ମହିଳା ମେୟର ପାଇବାକୁ ଯାଉଛି। କିଶୋରୀ ପେଡନେକର ପୂର୍ବରୁ ଏହି ପଦବୀରେ ଥିଲେ। ସେହିପରି ଚନ୍ଦ୍ରପୁର ନଗର ନିଗମରେ କ୍ରମାଗତ ୫ମଥର ପାଇଁ ଜଣେ ମହିଳା ମେୟର ଦାୟିତ୍ୱ ବହନ କରିବେ। ସଂରକ୍ଷଣ ଘୋଷଣା ପରେ, ଯୋଗ୍ୟ ବର୍ଗର ପ୍ରାର୍ଥୀମାନେ ପରେ ଘୋଷଣା ହେବାକୁ ଥିବା ତାରିଖରେ ସେମାନଙ୍କର ନାମଙ୍କନ ଦାଖଲ କରିବେ। ବର୍ଗ ସଂରକ୍ଷଣ ପରେ ନଗର ନିଗମର ଏକ ସ୍ୱତନ୍ତ୍ର ବୈଠକରେ କାଉନସିଲରମାନଙ୍କ ଦ୍ୱାରା ମେୟର ନିର୍ବାଚିତ ହେବେ। ଜଣେ ପ୍ରିଜାଇଡିଂ ଅଫିସରଙ୍କ ଉପସ୍ଥିତିରେ ଭୋଟ ନିଆଯିବ। ରାଜନୈତିକ ଦଳଗୁଡିକ ହୁଇପ୍ ଜାରି କରିବେ ଓ ଯେଉଁ କାଉନସିଲରମାନେ ଦଳୀୟ ଲାଇନ ବିରୋଧରେ ଯାଇ ଭୋଟ ଦେବେ, ସେମାନେ ସଦସ୍ୟତା ହରାଇବାର ଆଶଙ୍କା ରହି।

## ଟ୍ରମ୍ପଙ୍କ ଗାଜା ଶାନ୍ତି ବୋର୍ଡ, ଗଲାନି ଭାରତ

ଦୋହା, ୨୨।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମାନସ ସନ୍ତାନ କୁହାଯାଉଥିବା 'ଗାଜା ଶାନ୍ତି ବୋର୍ଡ'କୁ ନେଇ ଆରମ୍ଭରୁ ବିବାଦ ସୃଷ୍ଟି ହୋଇଛି। ଗାଜାରେ ଶାନ୍ତି ପ୍ରତିଷ୍ଠା ଏବଂ ଶାସନ ଚଳାଇବା ଲାଗି




ଏହି ବୋର୍ଡ ପ୍ରତିଷ୍ଠା ହୋଇଛି। ପରବର୍ତ୍ତୀ ସମୟରେ ଏହା ଅନ୍ୟ ଅଶାନ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେବ। ରାଷ୍ଟ୍ରପତି ଟ୍ରମ୍ପ ନିଜେ ଏହି ବୋର୍ଡର ଅଧ୍ୟକ୍ଷ ରହିଛନ୍ତି। ଏଥିରେ ତାଙ୍କୁ ଅଖଣ୍ଡ କ୍ଷମତା ମିଳିଛି। ଏହି ବୋର୍ଡରେ ସାମିଲ ହେବାଲାଗି ସେ ଅନେକ ଦେଶଙ୍କୁ ଆମନ୍ତ୍ରଣ କରିଥିଲେ ମଧ୍ୟ ୮ଟି ଇସ୍ଲାମିକ ଦେଶ ସମେତ କିଛି ରାଷ୍ଟ୍ର ସାମିଲ ହୋଇଛନ୍ତି। ନିମନ୍ତ୍ରଣ ପାଇଥିଲେ ମଧ୍ୟ ଭାରତ ଏଥିରୁ ଦୂରେଇ ରହିଥିବା ବେଳେ ବ୍ରିଟେନ, ଫ୍ରାନ୍ସ ଓ ସ୍ୱିଡେନ ସମେତ କେତେକ ରାଷ୍ଟ୍ର ଏଥିରେ ସାମିଲ ହେବାକୁ ରୋକଠୋକ୍ ମନା କରିଦେଇଛନ୍ତି। ତେବେ ସବୁଠାରୁ ବଡ଼ କଥା ହେଲା ଯେ ଏହି ବୋର୍ଡରେ ପାକିସ୍ତାନ, ତୁର୍କି ଓ କତରର ଉପସ୍ଥିତିକୁ ନେଇ ଆପତ୍ତି ଉଠାଇଛି ଇସ୍ରାଏଲ। ଗାଜାରେ ଏହି ଦେଶର ସେନା ଉପସ୍ଥିତିକୁ ଏହା ଗ୍ରହଣ କରିବ ନାହିଁ ବୋଲି ଜଣାଇଛି। ଆମ ସହ କୌଣସି ପରାମର୍ଶ ନ କରି ଆମେରିକା ଏହି ନିଷ୍ପତ୍ତି ନେଇଛି ବୋଲି ଇସ୍ରାଏଲ କହିଛି। ଏହା ଇସ୍ରାଏଲ ସରକାରୀ ନୀତି ବିରୋଧରେ ଯାଉଛି ବୋଲି ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି।

ବୋର୍ଡରେ ସାମିଲ ହେବାଲାଗି ଆମନ୍ତ୍ରଣ କରାଯାଇଥିଲେ ମଧ୍ୟ ଭାରତ ଦୂରେଇ ରହିଛି। ବୋର୍ଡରେ ପାକିସ୍ତାନର ଉପସ୍ଥିତିକୁ ନେଇ ଭାରତ ଅସନ୍ତୁଷ୍ଟ ରହିଛି। ଭାରତ ଭଳି ରୁଷ, ଚୀନ, ଜର୍ମାନୀ, ଇଟାଲି ଓ ୟୁକ୍ରେନ ସମେତ ୧୩ଟି ଦେଶ ଏଥିରୁ ଦୂରେଇ ରହିଛନ୍ତି। ୟୁରୋପୀୟ ସଂଘ ମଧ୍ୟ ଆଜି ଉତ୍ସବରେ ସାମିଲ ହୋଇନାହିଁ। ଏ ନେଇ ରୁଷିଆ ରାଷ୍ଟ୍ରପତି ପୁଟିନ କହିଛନ୍ତି ଯେ ସେ ରଣନୈତିକ ଅଂଶୀଦାରମାନଙ୍କ ସହ ପରାମର୍ଶ କରି ନିଷ୍ପତ୍ତି ନେବେ। ଏହି ଶାନ୍ତି ବୋର୍ଡରେ ରୁଷିଆ ସ୍ଥାନ ପାଇଥିବାରୁ ଏହାସହିତ କାମ କରିବା କଷ୍ଟକର ହେବ ବୋଲି କହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି।

**■ ବ୍ରିଟେନ, ଫ୍ରାନ୍ସ, ସୁଇଡେନ୍‌ର ବର୍ଜନ**
**■ ଦୂରେଇ ରହିଲେ ଚୀନ, ରୁଷିଆ, ୟୁକ୍ରେନ**
**■ ଯୋଗ ଦେଲେ ୮ ଇସ୍‌ଲାମିକ ରାଷ୍ଟ୍ର**

## ୟୁରୋପୀୟ ସଂଘ ଭାରତ ସହ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି

ବ୍ରସେଲ୍ସ, ୨୨।୧(ଏଜେନ୍ସି): ୟୁରୋପୀୟ ସଂଘ (ଇୟୁ) ଭାରତ ସହିତ ଏକ ନୂଆ ପ୍ରତିରକ୍ଷା ଚୁକ୍ତିକୁ ଅନୁମୋଦନ କରିଛି। ଏହା ଆସନ୍ତା ସପ୍ତାହରେ ନୂଆଦିଲ୍ଲୀରେ ଭାରତ-ଇୟୁ ଶିଖର ସମ୍ମିଳନୀରେ ସ୍ୱାକ୍ଷରିତ ହେବ। ଇୟୁ ବୈଦେଶିକ ନୀତି ମୁଖ୍ୟ କାଜା କ୍ଲାସ ବୁଧବାର ୟୁରୋପୀୟ ସଂସଦରେ ଏ ନେଇ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ଏହି ସହଭାଗୀତା ଏକ ବୃହତ ରଣନୈତିକ କାର୍ଯ୍ୟସୂଚୀର ଅଂଶ ହେବ। ଏହି କାର୍ଯ୍ୟସୂଚୀରେ ଏକ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ), ଏକ ପ୍ରତିରକ୍ଷା ଏବଂ ସୁରକ୍ଷା ଚୁକ୍ତି, ସାଇବର ସୁରକ୍ଷା, ସାମୁଦ୍ରିକ ସୁରକ୍ଷା ଓ ଆତଙ୍କବାଦୀ ବିରୋଧୀ ଅନ୍ତର୍ଭୁକ୍ତ। ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଆଣ୍ଟୋନିଓ କୋଷ୍ଟା ଓ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ ଡେର ଲେଏନ୍ ଭାରତ ଗସ୍ତରେ ଆସୁଛନ୍ତି। ଏମାନେ ଜାନୁଆରୀ ୨୬ରେ ଗଣତନ୍ତ୍ର ଦିବସ ସମାରୋହରେ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

## କାଳ ସାଜିଛି ତାପମାତ୍ରା; ବିପଦରେ ହିମାଚଳୀ ସେଓ

ସିମଲା, ୨୨।୧(ଏଜେନ୍ସି): ହିମାଚଳ ପ୍ରଦେଶର ଆପଲ ବା ସେଓ ସାରା ବିଶ୍ୱରେ ଲୋକଙ୍କ ଦ୍ୱାରା ଆଦୃତ ହୋଇ ଆସୁଛି। ହିମାଚଳୀ ସେଓକୁ ଲୋକେ ଖାଇବାକୁ ଭଲ ପାଆନ୍ତି। କିନ୍ତୁ ଏବେ ପରିବର୍ତ୍ତିତ ସ୍ଥିତିରେ ଏହାର ଭବିଷ୍ୟତ ନେଇ ସଙ୍କଟ ସୃଷ୍ଟି ହୋଇଛି। ଏହା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି। ଜଳବାୟୁ ପରିବର୍ତ୍ତନର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ, ସେଓ ଚାଷ ହେଉଥିବା ଅଞ୍ଚଳରେ ତାପମାତ୍ର ନିରନ୍ତର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହା ସେଓ ଚାଷ ହେଉଥିବା ଅଞ୍ଚଳର ଭବିଷ୍ୟତ ପାଇଁ ଶୁଭ ଲକ୍ଷଣ ନୁହେଁ।

ନୌନିର ବନ ବିଶ୍ୱବିଦ୍ୟାଳୟର ଜଳବାୟୁ ପରିବର୍ତ୍ତନର ମୁଖ୍ୟ ପ୍ରଫେସର ସତୀଶ ଭରଦ୍ୱାଜ ସତର୍କ କରାଇ କହିଛନ୍ତି ଯେ, ଏହି ଭଳି ତାପମାତ୍ରା ବୃଦ୍ଧି କେବଳ ସେଓ ଚାଷ ନୁହେଁ, ଲୋକଙ୍କ ଜୀବନଧାରଣର ମାନକୁ ମଧ୍ୟ ପ୍ରଭାବିତ କରିବ। ଗତ କିଛି ବର୍ଷ ଧରି ଦେଖାଦେଇଥିବା ଧାରାଗୁଡିକୁ ଦୃଷ୍ଟିରେ ରଖି, ଆମକୁ କେବଳ ସେଓ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଉଦ୍ୟାନ ଚାଷୀମାନଙ୍କୁ ଅନ୍ୟ ଫଳ ଚାଷ ଉପରେ ଧ୍ୟାନ ଦେବାକୁ ହେବ। ନିମ୍ନ ଅଞ୍ଚଳରେ ଆପଲ ଚାଷ ଏବେ ଉଚ୍ଚ ସ୍ଥାନଗୁଡିକୁ ସ୍ଥାନାନ୍ତର ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରୀ ୧୬ରେ ସିମଲାର ସର୍ବନିମ୍ନ ତାପମାତ୍ରା ୧୦.୫ ଡିଗ୍ରୀ ସେଲସିୟସ ଓ ଚୌପାଲରେ ୧୦.୩ ଡିଗ୍ରୀରେ ପହଞ୍ଚିଥିଲା। ଚୌପାଲ ହେଉଛି ସିମଲା ଜିଲ୍ଲାର ଏକ ଛୋଟ ସହର।



ଏଥର ସିମଲାର ସ୍ୱାଭାବିକ ତାପମାତ୍ରା ୭.୪ ଡିଗ୍ରୀରୁ ଅଧିକ ଥିଲା। ଏହା ସେଓ ଚାଷ ପାଇଁ ବିପଦ ସୃଷ୍ଟି କରିଛି। ଭଲ ସେଓ ଚାଷ ପାଇଁ ପର୍ଯ୍ୟାପ୍ତ ଶୀତକାଳୀନ ଥଣ୍ଡା ଓ ତୁଷାର ପାତ ଜରୁରୀ ହୋଇଥାଏ। ଗତ ଦୁଇରୁ ତିନି ବର୍ଷ ହେବ ବୃଦ୍ଧି ପାଉଥିବା ତାପମାତ୍ରା ଯୋଗୁଁ, ଶୀତକାଳୀନ ଥଣ୍ଡା ଅନୁଭୂତ ହୋଇନାହିଁ। ଏପର୍ଯ୍ୟନ୍ତ ଗତବର୍ଷ ତୁଳନାରେ ବହୁତ କମ୍ ଥଣ୍ଡା ଅନୁଭୂତ ହୋଇଛି। ଏହା ସେଓ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ପର୍ଯ୍ୟାପ୍ତ ପରିମାଣରେ ଶୀତକାଳୀନ ଥଣ୍ଡା ଅନୁଭୂତ ନ ହେବା ସେଓ ଉତ୍ପାଦନକୁ ବିପଦରେ ପକାଇଥାଏ ବୋଲି ବୈଜ୍ଞାନିକମାନେ କୁହନ୍ତି। ଏହା କେବଳ ଫୁଲ ଫୁଟାଇବା ଉପରେ ପ୍ରଭାବ ପକାଇ ନଥାଏ, ବରଂ ଫଳର ରଙ୍ଗ, ଆକାର ଓ ଗୁଣବତ୍ତା ଉପରେ ମଧ୍ୟ ନକାରାତ୍ମକ ଭାବେ ପ୍ରଭାବ ପକାଇଥାଏ। ପ୍ରତିବର୍ଷ ଶୀତକାଳୀନ ତାପମାତ୍ର ବୃଦ୍ଧି ପାଉଛି।

ପୂର୍ବରୁ ୨୦୨୩ ଜାନୁଆରୀ- ଫେବୃଆରୀରେ ତାପାମାତ୍ର ବୃଦ୍ଧି ୧୦୦ ବର୍ଷର ରେକର୍ଡ ଭାଙ୍ଗିଛି। ଏଥର ତାପମାତ୍ରା ସ୍ୱାଭାବିକଠାରୁ ଯଥେଷ୍ଟ ଅଧିକ ହୋଇଛି। ଏହା ସେଓ ବେଲ୍ଟ ପାଇଁ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରିପାରେ, ଖାସ୍ କରି ୬, ୦୦୦ ଫୁଟ୍ ଉଚ୍ଚରେ ଥିବା ଅଞ୍ଚଳରେ। ପରିବର୍ତ୍ତିତ ସ୍ଥିତିକୁ ଦୃଷ୍ଟିରେ ରଖି କେବଳ ସେଓ ଉପରେ ନିର୍ଭର କରିବା ପରିବର୍ତ୍ତେ ଡାଲିମ୍ବ, କିୱି, ନାସପାତି, ପିଚ୍, ପ୍ଲମ ଇତ୍ୟାଦି ପରି ଅନ୍ୟାନ ଫଳ ଚାଷ ଉପରେ ଗୁରୁତ୍ୱ ଦେବାର ସମୟ ଆସି ଉପନୀତ ହୋଇଛି। ଜଳବାୟୁ ପରିବର୍ତ୍ତନ ଏବେ ବୈଶ୍ୱିକ ସମସ୍ୟା ଭାବେ ଉଭା ହୋଇଛି। ପୂର୍ବରୁ ୧୦୦ ବର୍ଷରେ ଜଳବାୟୁ ପରିବର୍ତ୍ତନ ପରିଲକ୍ଷିତ ହେଉଥାଏ। କିନ୍ତୁ ଏବେ ଏହା ମାତ୍ର ୧୦ ବର୍ଷରେ ହେଉଛି। ଏଥିପାଇଁ ଗ୍ରୀନ ହାଉସ୍ ଗ୍ୟାସ୍ ନିର୍ଗମନ, ପରିବହନ ବୃଦ୍ଧି, ଶିଳ୍ପ କାର୍ଯ୍ୟକଳାପ ଓ ସହରୀକରଣ ସମେତ ଏକାଧିକ କାରଣ ଦାୟୀ। ତାପମାତ୍ର ବୃଦ୍ଧି କାରଣରୁ ତୁଷାରପାତ ହ୍ରାସ ହେଉଛି। ଏହି କାରଣ ଯୋଗୁଁ ୬ ହଜାର ଫୁଟ ତଳେ ଥିବା ଅଞ୍ଚଳଗୁଡିକୁ ବିଶେଷ ଭାବେ ପ୍ରଭାବିତ ହୋଇଛି। ସୂଚନାଯୋଗ୍ୟ ଯେ, ହିମାଚଳରେ ସେଓ ଶିଳ୍ପ ୫୫୦୦ କୋଟି ଟଙ୍କାର। ରାଜ୍ୟର ୨, ୫୦, ୦୦୦ ପରିବାର ସିଧାସଳଖ ସେଓ ଚାଷ ଉପରେ ନିର୍ଭର କରିଥାନ୍ତି। ତେଣୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ କେବଳ ଫସଲ ପର୍ଯ୍ୟନ୍ତ ସୀମିତ ରହିବ ନାହିଁ, ବରଂ ଏହା ଗ୍ରାମୀଣ ଅର୍ଥନୀତି ଓ ଜୀବିକା ଉପରେ ମଧ୍ୟ ପ୍ରଭାବ ପକାଇବ ବୋଲି ଆଶାଙ୍କା କରାଯାଉଛି। ତେଣୁ ତାପମାତ୍ରା ବୃଦ୍ଧି ଓ ଥଣ୍ଡା ହ୍ରାସକୁ ନିୟନ୍ତ୍ରଣ କରିବାର ଆବଶ୍ୟକତା ରହିଛି। ନହେଲେ ଭବିଷ୍ୟତରେ ସ୍ଥିତ ନକରାତ୍ମକ ହେବ ବୋଲି ଆଶଙ୍କା କରାଯାଉଛି।



ଦୁଇ ଦୁର୍ଦ୍ଧର୍ଷ ବୀର ନେତାଜୀ ସୁଭାଷ ବୋଷ ଓ ସୁରେନ୍ଦ୍ର ସାଏଙ୍କ ଜନ୍ମତିଥିରେ 'ସକାଳ'ର ଶ୍ରଦ୍ଧାଞ୍ଜଳି


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-208 ◆FRIDAY ◆23 JANUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୦୮ ◆ଶୁକ୍ରବାର ◆୨୩ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଖାଇକୁ ଖସିଲା ସେନା ଗାଡ଼ି; ୧୦ ଯବାନ ମୃତ

■ ଶ୍ରୀନଗର, ୨୨।୧ (ଏଜେନ୍ସି): ଜମ୍ମୁ-କଶ୍ମୀରର ଡୋଡ଼ା ଜିଲ୍ଲାରେ ଭାରତୀୟ ସେନାର ଏକ ଗାଡ଼ି ଆଜି ମଧ୍ୟାହ୍ନରେ ୨୦୦ ଫୁଟ ଗଭୀର ଖାଇକୁ ଖସିପଡ଼ିବା ଫଳରେ ୧୦ ଜଣ ଯବାନ ପ୍ରାଣ ହରାଇଛନ୍ତି । ଏହି ଦୁର୍ଘଟଣାରେ ଆହୁରି ୧୧ ଜଣ ଯବାନ ଗୁରୁତର ଭାବେ ଆହତ ହୋଇଛନ୍ତି । ଗାଡ଼ିରେ ୨୧ ଜଣ ଯବାନ ଯାତ୍ରା କରୁଥିଲେ । ଗୁରୁତର ଭାବେ ଆହତ ହୋଇଥିବା ୧୦ ଜଣଙ୍କୁ ଉଧାମପୁର ସାମରିକ ହସ୍ପିଟାଲକୁ ବିମାନରେ ସ୍ଥାନାନ୍ତର କରାଯାଇଛି । ସେନା ଅଧିକାରୀଙ୍କ କହିବା ଅନୁଯାୟୀ, ଭାଦରୱାହ- ଚମ୍ବା ଆନ୍ତରାଜ୍ୟ ରାସ୍ତାରେ ଖାନନି ଟପ୍‌ରେ ହିଁ ଏହି ଦୁର୍ଘଟଣା ଘଟିଛି । ଯବାନମାନେ ଉଚ୍ଚସ୍ଥାନରେ ଅବସ୍ଥିତି ଏକ ପୋଷ୍ଟକୁ ଯାତ୍ରା କରୁଥିଲା ବେଳେ ଗାଡ଼ି ଉପରୁ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ । ଫଳରେ ଗାଡ଼ି ୯୦୦ ଫୁଟ୍ ଉଚ୍ଚରେ ଥିବା ଖାନନି ଶୃଙ୍ଗରୁ ଖସି ପଡ଼ିଥିଲା । ଖବର ପାଇ ସେନା ଓ ପୁଲିସ ▶ପୃଷ୍ଠା-୧୦

**୧୧ରୁ ଊର୍ଦ୍ଧ୍ୱ ଯବାନ ଆହତ**

**ଗୁରୁତରଙ୍କୁ ଏୟାରଲିଫ୍ଟ**



## ଛତିଶଗଡ଼ ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ; ୬ ମୃତ

■ ବାଲୋଦାବଜାର, ୨୨।୧ (ଏଜେନ୍ସି): ଛତିଶଗଡ଼ର ବାଲୋଦାବଜାର ଜିଲ୍ଲାରେ ଗୁରୁବାର ଏକ ଘରୋଇ ସ୍ପଞ୍ଜ୍ ଆଇରନ୍ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି । ଏଥିରେ ୬ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି । ଭଗ୍ନାବଶେଷ ତଳେ ଅନେକ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି । ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି ଯେ ବିସ୍ଫୋରଣ କୌଣସି ଯାନ୍ତ୍ରିକ ତ୍ରୁଟି କିମ୍ବା ଚାପ ବୃଦ୍ଧି ଯୋଗୁଁ ଘଟିଥିଲା ।

ଆଜି ସକାଳ ପ୍ରାୟ ୯.୪୦ ସମୟରେ କାରଖାନାର କୋଇଲା ଭାଟିରେ ବିସ୍ଫୋରଣ ଘଟିଥିଲା । ଡଷ୍ଟ ସେଟିଂ ଚାମ୍ବର (ଡିଏସ୍‌ସି)ରେ ବିସ୍ଫୋରଣ ସମୟରେ ଗରମ କୋଇଲା ଓ ଲୁହା ଖଣ୍ଡ ଶ୍ରମିକଙ୍କ ଉପରେ ପଡ଼ିଥିଲା । ଦୁର୍ଘଟଣା ପରେ ପ୍ଲାଣ୍ଟ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚନା ପାଇବା ମାତ୍ରେ ପୁଲିସ ଓ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । ପ୍ଲାଣ୍ଟକୁ ଏବେ ସ୍ଥାନୀୟ ପ୍ରଶାସନ ସିଲ୍ କରିଛି । ପ୍ଲାଣ୍ଟ ୫ ଜଣ ଆହତଙ୍କୁ ବିଳାସପୁର ବର୍ଣ୍ଣ ଟ୍ରମା ସେଣ୍ଟରକୁ ପଠାଯାଇଛି ।



## ୟୁରୋପୀୟ ସଂଘଙ୍କ ମେଳି

# ପଛଘୁଞ୍ଚା ଦେଲେ ଟ୍ରମ୍ପ

## ୮ ଦେଶ ଉପରୁ ହଟାଇଲେ ପ୍ରସ୍ତାବିତ ୧୦ ପ୍ରତିଶତ ଟାରିଫ୍

■ ୱାସିଂଟନ୍, ୨୨।୧ (ଏଜେନ୍ସି): ଗ୍ରୀନ୍‌ଲ୍ୟାଣ୍ଡ ପ୍ରସଙ୍ଗରେ ନରମିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ । ୟୁରୋପୀୟ ରାଷ୍ଟ୍ର ଏକାଠି ହୋଇ ତାଙ୍କର ଆଭିମୁଖ୍ୟକୁ ବିରୋଧ କରିବାରୁ ଟ୍ରମ୍ପ ବାଧ୍ୟ ହୋଇ ଏହି ମାମଲାରେ ପଛଘୁଞ୍ଚା ଦେଇଛନ୍ତି । କେବଳ ଏତିକି ନୁହେଁ, ଏହି ଘଟଣାକୁ ନେଇ ୟୁରୋପର ୮ଟି ଦେଶ ଉପରେ ପ୍ରସ୍ତାବିତ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଘୋଷଣାକୁ ମଧ୍ୟ ପ୍ରତ୍ୟାହାର କରିନେଇଛନ୍ତି ଆମେରିକାର ରାଷ୍ଟ୍ରପତି । ଆସନ୍ତା ମାସରୁ ଏହି ଟାରିଫ ଲାଗୁ ହୋଇଥାଆନ୍ତା ।

ଟ୍ରମ୍ପ୍ କହିଛନ୍ତି ଯେ ଗ୍ରୀନଲ୍ୟାଣ୍ଡ ଚୁକ୍ତି ପାଇଁ ଏକ ନୂତନ ଢାଞ୍ଚା ଚୂଡ଼ାନ୍ତ ହୋଇଛି । ଆମେରିକା ଏବଂ ନାଟୋର ନେତୃବୃନ୍ଦ ଗ୍ରୀନ୍‌ଲ୍ୟାଣ୍ଡର ସୁରକ୍ଷା ଉପରେ ଭବିଷ୍ୟତର ଚୁକ୍ତି ପାଇଁ ଏକ ଢାଞ୍ଚା ଉପରେ ସହମତ ହୋଇଛନ୍ତି । ଆଜିର ବୈଠକ ପରେ ସେ ୟୁଟର୍ଣ୍ଣ ନେଇଛନ୍ତି । ପୂର୍ବରୁ ଟ୍ରମ୍ପ୍ ଘୋଷଣା କରିଥିଲେ ଯେ ଗ୍ରୀନଲ୍ୟାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣକୁ ବିରୋଧ କରିବା ହେତୁ ସେ ଫେବୃଆରୀରୁ ୮ଟି ୟୁରୋପୀୟ ଦେଶରୁ ସାମଗ୍ରୀ ଉପରେ ୧୦% ଆମଦାନୀ ଶୁଳ୍କ ଲାଗୁ କରିବେ । ଯଦି ଆମେରିକା ଦ୍ୱାରା ଗ୍ରୀନ୍‌ଲ୍ୟାଣ୍ଡ ଅକ୍ତିଆର କିମ୍ବା ସମ୍ପୂର୍ଣ୍ଣ କ୍ରୟ ପାଇଁ କୌଣସି ଚୁକ୍ତିନାମା ନ ହୁଏ, ତେବେ

**ଫେବୃଆରୀ ପହିଲାରୁ ହୋଇଥା'ନ୍ତା ଲାଗୁ**

**ଗ୍ରୀନ୍‌ଲ୍ୟାଣ୍ଡର ସୁରକ୍ଷା ନେଇ ଆମେରିକା-ନାଟୋ ସହମତି**

ଡେନମାର୍କ, ନରୱେ, ସ୍ୱିଡେନ, ଫ୍ରାନ୍ସ, ଜର୍ମାନୀ, ବ୍ରିଟେନ, ନେଦରଲ୍ୟାଣ୍ଡ ଏବଂ ଫିନ୍‌ଲ୍ୟାଣ୍ଡ ଏହି ଶୁଳ୍କର ସମ୍ମୁଖୀନ ହେବେ, ଯାହାକୁ ଜୁନ୍ ପହିଲାରୁ ୨୫%କୁ ବୃଦ୍ଧି କରାଯିବ । ଟ୍ରମ୍ପ୍‌ଙ୍କ ପ୍ରସ୍ତାବ ଅନୁଯାୟୀ, ୟୁରୋପୀୟ ଦେଶଗୁଡ଼ିକ ଉପରେ ଶୁଳ୍କ ଫେବୃଆରୀ ପହିଲାରେ ଲାଗୁ ହେବାର କାର୍ଯ୍ୟକ୍ରମ ଥିଲା । ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ଆଉଟରେ



ଏକ ପୋଷ୍ଟରେ ଟ୍ରମ୍ପ ଘୋଷଣା କରିଥିଲେ ଯେ ସେ ଅନେକ ୟୁରୋପୀୟ ଦେଶ ଉପରେ ପ୍ରସ୍ତାବିତ ଶୁଳ୍କ ପ୍ରତ୍ୟାହାର କରୁଛନ୍ତି । ଟ୍ରମ୍ପ୍‌ଙ୍କ ଏହି ହଠାତ୍ ୟୁ-ଟର୍ଣ୍ଣ ଡାଭୋସ୍‌ର ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଆସିଥିଲା, ଯେତେବେଳେ ଟ୍ରମ୍ପ୍ କହିଥିଲେ ଯେ ଆମେରିକା ଗ୍ରୀନଲ୍ୟାଣ୍ଡ ଉପରେ ନିୟନ୍ତ୍ରଣ ହାସଲ କରିବା ପାଇଁ ବଳ ପ୍ରୟୋଗ କରିବନାହିଁ । ଆମେରିକା ରାଷ୍ଟ୍ରପତି ତାଙ୍କ ପୋଷ୍ଟରେ ଲେଖିଛନ୍ତି, ନାଟୋ ମହାସଚିବ ମାର୍କ ରୁଟ୍‌ଙ୍କ ସହ ତାଙ୍କର ଏକ ବହୁତ ଫଳପ୍ରଦ ବୈଠକ ହୋଇଛି । ଏହାକୁ ଆଧାର କରି ସେ ଗ୍ରୀନ୍‌ଲ୍ୟାଣ୍ଡ ଏବଂ ସମଗ୍ର ଆର୍କଟିକ ଅଞ୍ଚଳ ସମ୍ପର୍କରେ ଭବିଷ୍ୟତ ଚୁକ୍ତି ପାଇଁ ଏକ ଢାଞ୍ଚା ସ୍ଥାପନ କରିବାକୁ ଯାଉଛନ୍ତି । ଏହା ଆମେରିକା ଏବଂ ସମସ୍ତ ନାଟୋ ଦେଶ ପାଇଁ ବହୁତ ଲାଭଦାୟକ ହେବ । ଏହି ବୁଝାମଣା ପାଇଁରେ ସେ ଫେବୃଆରୀ ପହିଲାରୁ ଲାଗୁ ହେବାକୁ ଥିବା ଶୁଳ୍କକୁ କାର୍ଯ୍ୟକାରୀ କରିବେନାହିଁ ।

ଯଦିବା ଟ୍ରମ୍ପ୍ ଗ୍ରୀନଲ୍ୟାଣ୍ଡ ନିୟନ୍ତ୍ରଣ କରିବାକୁ ବଳ ପ୍ରୟୋଗ କରିବେ ନାହିଁ ବୋଲି କହିଛନ୍ତି, କିନ୍ତୁ ୱାସିଂଟନକୁ ଆର୍କଟିକ ଦ୍ୱୀପର ମାଲିକାନା ଦେବା ପାଇଁ ତାଙ୍କର ଦାବିକୁ ପୁନରାବୃତ୍ତି କରିଛନ୍ତି । ଟ୍ରମ୍ପ୍ ଏହି ପୋଷ୍ଟରେ ଆହୁରି କହିଛନ୍ତି ଯେ ଗୋଲଡେନ୍ ଡୋମ୍ ସମ୍ପର୍କରେ ମଧ୍ୟ ଅତିରିକ୍ତ ଆଲୋଚନା ହେବ, କାରଣ ଏହି ପ୍ରସଙ୍ଗ ଗ୍ରୀନଲ୍ୟାଣ୍ଡ ସହିତ ଜଡିତ । ଆଲୋଚନା ଆଗକୁ ବଢ଼ିବା ସହିତ ଅଧିକ ସୂଚନା ପ୍ରଦାନ କରାଯିବ । ସେ କହିଛନ୍ତି ଯେ ▶ପୃଷ୍ଠା-୧୦

### ଭାରତରେ ଟି-୨୦ ଖେଳିବାକୁ ମନାକଲେ କ୍ରୀଡ଼ା ପରାମର୍ଶଦାତା

## ବିଶ୍ୱକପ୍‌ରୁ ବାଦ୍ ପଡ଼ିବ ବାଂଲାଦେଶ !

■ ଦୁବାଇ, ଢାକା, ୨୨।୧ (ଏଜେନ୍ସି): ଭାରତରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ମ୍ୟାଚ୍ ଖେଳିବାକୁ ମନା କରିଦେଇଛି ବାଂଲାଦେଶ । ବାଂଲାଦେଶର କ୍ରୀଡ଼ା ପରାମର୍ଶଦାତା ଆସିଫ ନଜରୁଲ ଆଜି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଭାରତରେ ତାଙ୍କ ଦେଶର ଖେଳାଳିଙ୍କ ଜୀବନ ପ୍ରତି ବିପଦ ରହିଛି ଏବଂ ଖେଳାଳିଙ୍କ ନିରାପତ୍ତା ସହ ସାଲିସ କରାଯାଇପାରିବ ନାହିଁ । ଏଣୁ ଭାରତର ଚାପ ହେଉ କିମ୍ବା ଆଇସିସିର ତାଗିଦ୍ ବଳରେ ଦେଶ ନିଜ ନାଗରିକଙ୍କ ସୁରକ୍ଷାକୁ ଅଣଦେଖା କରିପାରିବ ନାହିଁ । ଏଣୁ ଭାରତରେ ଆମେ ବିଶ୍ୱକପ୍ ଖେଳିବୁ ନାହିଁ ବୋଲି ସେ କହିଛନ୍ତି ।

ବାଂଲାଦେଶକୁ ଭାରତରେ ବିଶ୍ୱକପ୍ ଖେଳିବାକୁ ଆଜି (ଗୁରୁବାର) ସୁଦ୍ଧା ନିଷ୍ପତ୍ତି ନେବାକୁ ଆଇସିସି ଡେଡ୍‌ଲାଇନ୍ ଧାର୍ଯ୍ୟ କରିଥିଲା । ବାଂଲାଦେଶ ବିଶ୍ୱକପ୍ ଖେଳିବାକୁ ରାଜି; କିନ୍ତୁ ଭାରତରେ ନୁହେଁ ବୋଲି ନଜରୁଲ ସ୍ପଷ୍ଟ କରିଛନ୍ତି । ଏବେ ବାଂଲଦେଶ ଟି-୨୦ ବିଶ୍ୱକପ୍‌ରେ ଖେଳିବ କି ନାହିଁ ତାହା ଆଜି ରାତି କିମ୍ବା କାଲି ଭିତରେ ଆଇସିସି ନିଷ୍ପତ୍ତି ନେବ । ଆଇସିସିର ନୀତି ଅନୁଯାୟୀ ଯଦି ବାଂଲାଦେଶ ନ ଖେଳେ, ତେବେ ତାହା ସ୍ଥାନରେ ସ୍କଟଲାଣ୍ଡକୁ ସୁଯୋଗ ମିଳିବ ବୋଲି କୁହାଯାଉଛି । ଏବେ ଆଇସିସିର ନିଷ୍ପତ୍ତିକୁ ଅପେକ୍ଷା କରାଯାଉଛି ।

ସୂଚନାଯୋଗ୍ୟ ଯେ ଆଇପିଏଲ୍‌ରୁ ବାଂଲାର ଷ୍ଟାର ତଥା ଏକମାତ୍ର ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ବିଦା କରିବା ପରେ ବାଂଲାଦେଶ ସରକାର କ୍ଷୁବ୍ଧ ହୋଇଛନ୍ତି । ଏହି ଘଟଣା ପରେ ଖେଳାଳିଙ୍କ ଜୀବନ ପ୍ରତି ଭାରତରେ ବିପଦ ରହିଛି; ଏଣୁ ଭାରତରେ ବାଂଲାଦେଶ ଯେଉଁ ମ୍ୟାଚ୍ ଖେଳିବାର ଥିଲା ତାହା ଶ୍ରୀଲଙ୍କାକୁ ସ୍ଥାନାନ୍ତର କରିବାକୁ ବାଂଲାଦେଶ ପକ୍ଷରୁ ଆଇସିସିକୁ ଅନୁରୋଧ କରାଯାଇଥିଲା । କିନ୍ତୁ ଆଇସିସି ଭେନ୍ୟୁ ପରିବର୍ତ୍ତନ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ସହ ଭାରତରେ ଖେଳିବାକୁ କହିଥିଲା । କିନ୍ତୁ ଆଇସିସିର ଏହି ନିର୍ଦ୍ଦେଶକୁ ବାଂଲାଦେଶ ପ୍ରତ୍ୟାଖ୍ୟାନ କରିଛି । ତେଣୁ ବାଂଲାଦେଶ ବିଶ୍ୱକପରୁ ବାଦ୍ ପଡ଼ିବା ସ୍ପଷ୍ଟ ହୋଇଯାଇଛି ।

### ଏପ୍ରିଲ୍ ୨ରେ ଶେଷ ହେବ ୪ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ

## ନିର୍ବାଚନ ପ୍ରକ୍ରିୟା ଆରମ୍ଭ, ରାଜନୀତି ସରଗରମ

■ ଭୁବନେଶ୍ୱର, ୨୨।୧ (ସମିସ): ଆସନ୍ତା ଏପ୍ରିଲ ୨ ତାରିଖରେ ଶେଷ ହେବ ଓଡ଼ିଶାର ୪ ରାଜ୍ୟସଭା ସାଂସଦ ମୁନ୍ନା ଖାଁ, ନିରଞ୍ଜନ ବିଶି, ସୁଜିତ୍ କୁମାର ଓ ମମତା ମହାନ୍ତଙ୍କ କାର୍ଯ୍ୟକାଳ । ଏଥି ନିମନ୍ତେ ଜାତୀୟ ନିର୍ବାଚନ କମିସନଙ୍କ ପକ୍ଷରୁ ଆରମ୍ଭ ହୋଇଛି ନିର୍ବାଚନ ପ୍ରକ୍ରିୟା । ଏପ୍ରିଲ ୨ରେ ଓଡ଼ିଶାର ୪ଟି ଆସନକୁ ମିଶାଇ ୧୦ ରାଜ୍ୟର ମୋଟ ୩୭ ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ବିଭିନ୍ନ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ରିଟର୍ଣ୍ଣିଂ ଅଫିସର, ସହାୟକ ରିଟର୍ଣ୍ଣିଂ ଅଫିସର, ଭୋଟ୍ ଗ୍ରହଣ ସ୍ଥାନ ଏବଂ ବ୍ୟାଲଟ୍ ବକ୍ସର ପ୍ରକାର ସମ୍ପର୍କରେ ପ୍ରସ୍ତାବ ପଠାଇବାକୁ ମୁଖ୍ୟ ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ କମିସନଙ୍କ ପକ୍ଷରୁ ଲିଖିତ ଏହି ଚିଠିରେ ରାଜ୍ୟସଭା ନିର୍ବାଚନ ପାଇଁ ସମ୍ପୃକ୍ତ ରାଜ୍ୟର ବିଧାନସଭା ସଚିବାଳୟକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ କୁହାଯାଇଛି । ମହାରାଷ୍ଟ୍ରର ୭ଟି, ତାମିଲନାଡୁରେ ୬ଟି, ପଶ୍ଚିମବଙ୍ଗରେ ୫ଟି, ଓଡ଼ିଶାରେ ୪ଟି, ତେଲଙ୍ଗାନାର ୨ଟି, ଆସାମର ୩ଟି, ବିହାରର ୬ଟି, ଛତିଶଗଡ଼ର ୨ଟି, ହରିୟାଣାର ୨ଟି ଆସନ, ହିମାଚଳ ପ୍ରଦେଶର ଗୋଟିଏ ଆସନରେ ରାଜ୍ୟସଭା ନିର୍ବାଚନ ଅନୁଷ୍ଠିତ ହେବ ।

**ବିଜେପି ୨ଟି ଓ ବିଜେଡିକୁ ଗୋଟିଏ ଆସନ ନିଶ୍ଚିତ**

**୪ର୍ଥ ପାଇଁ ଛକାପଞ୍ଝା, କଂଗ୍ରେସ ଭୂମିକା ଗୁରୁତ୍ୱପୂର୍ଣ୍ଣ**

ରାଜ୍ୟସଭା ନିର୍ବାଚନ ନିମନ୍ତେ ପ୍ରସ୍ତୁତି ଆରମ୍ଭ ପରେ ଓଡ଼ିଶାରେ ରାଜନୈତିକ ପାଣିପାଗ ଅକସ୍ମାତ ଉଷ୍ମ ହୋଇ ଉଠିଛି । ୨୦୨୦ ମସିହାରେ ଏହି ୪ଟି ରାଜ୍ୟସଭା ଆସନ ବିଜେଡି ଦଖଲ କରିଥିଲା । ମାତ୍ର ୨୦୨୪ ▶ପୃଷ୍ଠା-୧୦

## ଗ୍ରାମରକ୍ଷୀଙ୍କ ଭତ୍ତା ୨୫୦୦ ଟଙ୍କାକୁ ବୃଦ୍ଧି

■ ଭୁବନେଶ୍ୱର, ୨୨।୧ (ସମିସ): ରାଜ୍ୟ ସରକାର ଗ୍ରାମରକ୍ଷୀଙ୍କ ମାସିକ ଭତ୍ତା ବୃଦ୍ଧି କରିଛନ୍ତି । ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀମାନଙ୍କ ଭତ୍ତା ୧୮୦୦ରୁ ୨୫୦୦ ଟଙ୍କାକୁ ବୃଦ୍ଧି ହୋଇଛି । ଏଥି ସହିତ ଗୃହରକ୍ଷୀମାନେ ଏଣିକି ସପ୍ତାହକୁ ଥରେ ଯେଉଁ ଥାନା ଅଧୀନରେ କାମ କରୁଥିବେ, ସେଠାକୁ ଯାଇ ସେମାନଙ୍କ ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି । ଗ୍ରାମାଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ।

### ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ

## ୬ ପ୍ରସଙ୍ଗରେ ସରକାରଙ୍କୁ ହେବ ଷଣ୍ଢୁଆସୀ ଆକ୍ରମଣ

■ ଭୁବନେଶ୍ୱର, ୨୨।୧ (ସମିସ): ଗୁରୁବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବାସଭବନରେ ଅନୁଷ୍ଠିତ ହୋଇଛି ଦଳର ରାଜନୈତିକ ବ୍ୟାପାର କମିଟି ବୈଠକ । ନବୀନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତାଙ୍କର ରାଜନୈତିକ ପରାମର୍ଶଦାତା ଡ. ସଂତୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ସୁଦାମ ମାରାଣ୍ଡି, ଟୁକୁନି ସାହୁ, ବିକ୍ରମ ଆରୁଖ, ସଞ୍ଜୟ କୁମାର ଦାସବର୍ମା, ପ୍ରଣବ ପ୍ରକାଶ ଦାସ ଓ ଡ. ସସ୍ମିତ ପାତ୍ର ଉପସ୍ଥିତ ଥିଲେ । ଏହି ବୈଠକରେ ବିଶେଷ କରି ୬ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି ।

ବୈଠକ ପରେ ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ତଥା ଉପସଭାପତି ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ, ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦଳର ସଭାପତିଙ୍କ ▶ପୃଷ୍ଠା-୧୦



**ନିର୍ବାଚନ ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି**

**ଚାଷୀକୁଳକୁ ଧୋକା ଦେଇଛନ୍ତି ବିଜେପି ସରକାର**

**ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ ଖୁବଶୀଘ୍ର ଖସଡ଼ା**

### ଏମ୍‌କେସିଜି ଅସ୍ଥି ଶଲ୍ୟ ବିଭାଗରେ ବିରଳ ଅସ୍ତ୍ରୋପଚାର

# କ୍ୟାନସର୍‌ରେ ନଷ୍ଟ ମେରୁହାଡ଼ ବଦଳିଲା

■ ବ୍ରହ୍ମପୁର, ୨୨।୧ (ସମିସ): ଏମ୍‌କେସିଜି ମେଡିକାଲର ଅସ୍ଥିଶଲ୍ୟ ବିଭାଗରେ ଏକ ବିରଳ ଅସ୍ତ୍ରୋପଚାର ହୋଇଛି । 'କର୍ପେଟୋମି ଅସ୍ତ୍ରୋପଚାର' ଜରିଆରେ ରକ୍ତ କର୍କଟରେ ପୀଡ଼ିତ ୧୮ ବର୍ଷୀୟ ଜଣେ ଯୁବତୀଙ୍କ ଶରୀରରେ କୃତ୍ରିମ ମେରୁ ହାଡ଼ ପ୍ରତିରୋପଣ କରାଯାଇଛି । ମେରୁଦଣ୍ଡର ଭଟିଭ୍ରା ବର୍ଣ୍ଣ (୧୦ନମ୍ବର ହାଡ଼ଖଣ୍ଡ)କୁ ବଦଳାଇ ସେହି ସ୍ଥାନରେ କୃତ୍ରିମ ପ୍ରସ୍ତୁତି ଭଟିଭ୍ରା ବର୍ଣ୍ଣ ପ୍ରତିରୋପଣ କରାଯାଇଛି । କୌଣସି ସରକାରୀ ହସ୍ପିଟାଲରେ



ଏଭଳି ଅସ୍ତ୍ରୋପଚାର ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି ।

ସୂଚନାନୁଯାୟୀ, ୨ବର୍ଷ ତଳେ ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ମୁନା ଜେନାଙ୍କ ବଡ଼ ଝିଅ ମନୀଷା ଜେନା(୧୮)ଙ୍କ ଚଲାବୁଲାରେ ସମସ୍ୟା ହୋଇଥିଲା । ସ୍ଥିତି ଗମ୍ଭୀର ହେବାରୁ ପରିବାରଲୋକ ୮ମାସ ତଳେ ବ୍ରହ୍ମପୁରସ୍ଥିତ ଘରୋଇ ହସ୍ପିଟାଲରେ ଅସ୍ତ୍ରୋପଚାର କରାଇଥିଲେ । କିନ୍ତୁ, ଭଲ ହେବା ପରିବର୍ତ୍ତେ, କିଛି ଦିନ ପରେ ତାଙ୍କ ଦୁଇ ଗୋଡ଼ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା । ପରିବାରଲୋକ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲେ । ସେଠାରେ ପରୀକ୍ଷାରୁ ଜଣାପଡ଼ିଥିଲା ଯେ ମେରୁଦଣ୍ଡ ହାଡ଼ ଭିତରେ ଥିବା ରକ୍ତନଳୀ କର୍କଟ(କ୍ୟାନ୍ସର)ରେ ଆକ୍ରାନ୍ତ ହୋଇଛି । ତେଣୁ, ଅଧିକ ଚିକିତ୍ସା ଲାଗି ତାଙ୍କୁ ▶ପୃଷ୍ଠା-୧୦

**ସରକାରୀ ହସ୍ପିଟାଲରେ ରାଜ୍ୟର ପ୍ରଥମ ଘଟଣା**

## ସରଣ୍ଡାରେ ଏନକାଉଣ୍ଟର; ୧୫ ମାଓବାଦୀ ନିହତ

■ ରାଞ୍ଚି, ୨୨।୧ (ଏଜେନ୍ସି): ଓଡ଼ିଶା ସୀମାନ୍ତ ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲରେ ଆଜି ସୁରକ୍ଷା ବାହିନୀ ସହ ଏନକାଉଣ୍ଟରରେ ୧୫ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ ରହିଛି ଦୁର୍ଦାନ୍ତ ମାଓବାଦୀ ନେତା ଅନାଲ ଦା ଓରଫ ପତିରାମ ମାନ୍‌ଝୀ । ତାକୁ ଧରିବା ଲାଗି ରାଜ୍ୟ ପୁଲିସ ପକ୍ଷରୁ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସେ ସିପିଆଇ (ମାଓବାଦୀ) କେନ୍ଦ୍ରୀୟ କମିଟିର ସଭ୍ୟ ଥିଲା । ତା ସହିତ ଆଉ ଜଣେ ଦୁର୍ଦାନ୍ତ ମାଓବାଦୀର ମଧ୍ୟ ମୃତ୍ୟୁ ଘଟିଛି । ତା ମୁଣ୍ଡ ପାଇଁ ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସମସ୍ତ ୧୫ ମାଓବାଦୀଙ୍କ ଶବ ଉଦ୍ଧାର କରାଯାଇଛି । ଘଟଣାସ୍ଥଳରୁ ବ୍ୟାପକ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ମଧ୍ୟ ଜବତ କରାଯାଇଛି ।

ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ ମାଓବାଦୀଙ୍କ ଗତିବିଧି ନେଇ ଗୁଇନ୍ଦା ଖବର ମିଳିଥିଲା । ଏହାକୁ ଆଧାର କରି ସୁରକ୍ଷା ବାହିନୀ ଗତକାଲି ରାତିରୁ ଏହି ଜଙ୍ଗଲରେ ପଶି କମ୍ବିଂ ଅପରେସନ୍ ଆରମ୍ଭ କରିଥିଲେ । ଏହି ସମୟରେ ସୁରକ୍ଷା ବାହିନୀ ଉପରେ ମାଓବାଦୀମାନେ ଗୁଳିମାଡ଼ କରିଥିଲେ । ସୁରକ୍ଷା ବାହିନୀ ମଧ୍ୟ ଏହାର କଡ଼ା ଜବାବ ଦେଇଥିଲେ । ଏଥିରେ ୧୫ ଜଣ ମାଓବାଦୀ ନିହତ ହୋଇଥିବା ଜଣାପଡ଼ିଛି । ଚାଇବାସା ଅନ୍ତର୍ଗତ ଏହି ଜଙ୍ଗଲରେ ଏବେ ବି ସର୍ଚ୍ଚ ଅପରେସନ୍ ଜାରି ରହିଥିବାରୁ ପୁଲିସ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇ ନାହିଁ । ମଝିରେ ମଝିରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହେଉଛି । ▶ପୃଷ୍ଠା-୧୦

**ଦୁର୍ଦ୍ଧାନ୍ତ ଅନାଲ ଦା ବି ମୃତ**

**ମୁଣ୍ଡ ଉପରେ ଥିଲା ଏକ କୋଟିର ପୁରସ୍କାର**

# ଗ୍ରାମସଭାରେ ଏନଏଲସି କୋଇଲାଖଣିକୁ ଘୋର୍ ବିରୋଧ



ଛେଣ୍ଡିପଦା,୨୨ ।୧(ସମିସ):

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକର ୧୦ ମୌଜାରେ ନୈଭାଲି ଲିଗନାଇଟ କର୍ପୋରେସନ (ଏନ୍ଏଲ୍ସି) ଇଣ୍ଡିଆ ଲିମିଟେଡ୍ କୋଇଲାଖଣି କରିବା ପାଇଁ ସରକାରୀ ସ୍ତରରେ ଜମି ଅଧିଗ୍ରହଣ ପାଇଁ କସରତ ଚଳାଇଥିବା ବେଳେ

## ସାମିଲ ହେଲେ ଶହ ଶହ ପୁରୁଷ ଓ ମହିଳା

ଏହାକୁ ଘୋର୍ ବିରୋଧ ଆରମ୍ଭ କରିଛନ୍ତି ଶିମିଳିପାଳ ପଞ୍ଚାୟତବାସୀ। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶିମିଳିପାଳ ପଞ୍ଚାୟତ ପକ୍ଷରୁ ଜମି ଅଧିଗ୍ରହଣ ନେଇ ଗୁରୁବାର ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥଲା। ଏଥିରେ ଉପସ୍ଥିତ ଲୋକେ ଆରମ୍ଭରୁ କମ୍ପାନୀକୁ ଜମି ଦେବେନାହିଁ କହି ହୋହଲା କରିଥିଲେ। ଫଳରେ ଗ୍ରାମସଭା ସଫଳ ହୋପାରିନାହିଁ। ଜମି ଦିଆଯିବ ନାହିଁ ବୋଲି ସଭାରେ ଉପସ୍ଥିତ ସମସ୍ତ ପୁରୁଷ ଏବଂ ମହିଳା ମତ ଦେବା ସହ ଆଗମୀ ଦିନରେ ଅଞ୍ଚଳରେ କମ୍ପାନୀର ସମସ୍ତ କାର୍ଯ୍ୟକଳାପକୁ ବିରୋଧ କରାଯିବ ବୋଲି କହିଥିଲେ। ପ୍ରଦୂଷଣରେ ଅନୁଗୋଳ ଜିଲ୍ଲା ଭାରତବର୍ଷରେ ପ୍ରଥମ ସ୍ଥାନରେ ରହୁଥିବା ବେଳେ ଛେଣ୍ଡିପଦା ଅଞ୍ଚଳରରେ ନାଲକୋ, ସିଂଘ୍ରାନୀ କମ୍ପାନୀ କୋଇଲା ଉତ୍ତୋଳନ କରୁଛି। ପୁଣି ଏନଏଲସି କମ୍ପାନୀ କୋଇଲା ଉତ୍ତୋଳନ କଲେ ଅଞ୍ଚଳର ହଜାର ହଜାର ଏକର ଚାଷଜମି ସହ ଜଙ୍ଗଲ ଜମି ନଷ୍ଟ ହେବା ସହିତ ଲକ୍ଷ ଲକ୍ଷ ବୃକ୍ଷରାଜି ବଳି ପଡ଼ିବେ। କମ୍ପାନୀକୁ ବିରୋଧକରି ଶିମିଳିପାଳ ପଞ୍ଚାୟତ ୧୨ ୱାର୍ଡର ଶହ ଶହ ପୁରୁଷ ଏବଂ ମହିଳା ଗ୍ରାମସଭାରେ ଯୋଗଦେଇଥିଲେ। ସରକାର ଓ କମ୍ପାନୀ ବିରୋଧରେ ନାରାବାଜି ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ପୁଣି କୋଇଲା ଖଣି ପ୍ରତିଷ୍ଠା ହେଲେ ଅଞ୍ଚଳର ପରିବେଶ ଆହୁରି ପ୍ରଦୂଷିତ ହେବା ସହ ହଜାର ହଜାର ଚାଷୀ ନିଜ ଭିଟାମାଟି ଓ ଜୀବିକା ହରାଇବେ। ପୂର୍ବରୁ ହୋଇଥିବା ଖଣି ପ୍ରକଳ୍ପଗୁଡ଼ିକରେ ଜମିହରାମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଓ ନିଯୁକ୍ତି ମିଳି ନ ଥିବା ବେଳେ ପୁଣି ନୂଆ ଖଣିକୁ ସେମାନେ ଦୃଢ଼ ବିରୋଧ କରିଥିଲେ। ଜଙ୍ଗଲ କ୍ଷୟ ଏବଂ ଜଳ ସଂକଟ ଯୋଗୁଁ ଆଗାମୀ ଦିନରେ ଅଞ୍ଚଳରେ ରହିବା ଅସମ୍ଭବ ହୋଇପଡ଼ିବ। ତେଣୁ ଖଣି ପ୍ରକଳ୍ପ ବାତିଲ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମସଭାରେ ଶିମିଳିପାଳ ସରପଞ୍ଚ ଗିରୀଶ ଚନ୍ଦ୍ର ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ମହାଦେବ ସାହୁ, କାର୍ଯ୍ୟନିର୍ବାହୀ ଅଧିକାରୀ ପୁଷ୍ପିତା ପ୍ରଧାନ, ଗଣେଶ୍ୱର ସାହୁ, କୃପାସିନ୍ଧୁ ବିଶ୍ୱାଳ, କରୁଣାକର ବିଶ୍ୱାଳ, ଜୟନ୍ତ କୁମାର ସାହୁ, ପରେଶ ମାଝୀ, ବିଶ୍ୱନାଥ ସାହୁ, କଲ୍ୟାଣ ବିଶ୍ୱାଳ, ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ବ୍ରିଗେଡ୍ ସ୍କୁଲର ବାର୍ଷିକ ଉତ୍ସବ



ଅନୁଗୋଳ,୨୨ ।୧(ସମିସ): ଓଡ଼ିଶା ବ୍ରିଗେଡ ସ୍କୁଲର ୨୮ ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ରୂପେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଶାନ୍ତ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ତୁରଙ୍ଗ ସରପଞ୍ଚ ସମରେନ୍ଦ୍ର ଦେହୁରୀ, ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସଂଯୋଜିକା ରୋଜାଲିନ ଦାସ, ବିଦ୍ୟାଳୟ ଉପସଭାପତି ଛବି ନାରାୟଣ ସାହୁ, ବ୍ରଜବନ୍ଧୁ ସାହୁ ଯୋଗଦେଇଥିଲେ। ବିଧାୟକ ବେହେରା ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ କୃତ୍ରିମ ବୁଦ୍ଧିମତା ଶିକ୍ଷା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ତ୍ରିପାଠୀ ପିଲାଙ୍କୁ ଶିକ୍ଷା ଗ୍ରହଣ ସହ ଭଲ ମଣିଷ ରୂପେ ଗଢ଼ି ତୋଳିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମସ୍ୟା ସମାଧାନ କରିବା ନିମନ୍ତେ ବିଦ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ଅନୁରୋଧ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ମିଷ୍ଟର ଆଣ୍ଡ ମିସ୍ ଓଡ଼ିଶା ଫ୍ୟାସନ୍ ଶୋ'

# ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲ ଛାତ୍ରୀ ପୁରସ୍କୃତ



ଅନୁଗୋଳ,୨୨ ।୧(ସମିସ): ରାଉରକେଲା ଫେସନ ସୋସାଇଟି ପକ୍ଷରୁ ସ୍ଥାନୀୟ ଏଫ ଇ ଟୁ ଆରକେଡ୍ ମଲରେ ୨ ଦିନ ବ୍ୟାପୀ ଅନୁଷ୍ଠିତ ମିଷ୍ଟର ଆଣ୍ଡ ମିସ ଓଡ଼ିଶା-୨୦୨୬ ଫ୍ୟାସନ ଶୋ'ରେ ଅନୁଗୋଳ ରୋଟାରି ପବ୍ଲିକ ସ୍କୁଲର ୭ମ ଶ୍ରେଣୀ ଛାତ୍ରୀ ଏଲଏସ କୁଇନ କ୍ୟୁରୀ ଅଂଶଗ୍ରହଣ କରି ମିସ୍ ଟ୍ୟାଲେଣ୍ଟେଡ-୨୦୨୬ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ତାଙ୍କୁ ଟ୍ରଫି, ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଛି। ଏଲଏସ କୁଇନ କ୍ୟୁରୀ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ପୋଇପାଳ ଗ୍ରାମର ଲିଙ୍ଗରାଜ ପ୍ରଧାନ ଓ ସଙ୍ଗୀତାରାଣୀ ବେହେରାଙ୍କ ଝିଅ। ପ୍ରତିଯୋଗିତାରେ ପ୍ରଶ୍ନୋତ୍ତର ବିଭାଗ, ଟ୍ୟାଲେଣ୍ଟେଡ ରାଉଣ୍ଡ ଓ ୱାକିଂ ରାଉଣ୍ଡରେ ସେ ଉତ୍ତମ ପ୍ରଦର୍ଶନ କରିଥିଲେ। ରାଜ୍ୟବ୍ୟାପୀ ପ୍ରତିଯୋଗୀମାନଙ୍କୁ ଅଡିସନ ମାଧ୍ୟମରେ ବଛାଯାଇ ଫାଇନାଲରେ ସ୍ଥାନିତ କରାଯାଇଥିଲା।

# ମଧୁବାବୁଙ୍କୁ ଅପମାନିତ କରିବାକୁ ପ୍ରଶାସନର ପ୍ରୟାସ

ଆଠମଲ୍ଲିକ,୨୨ ।୧(ସମିସ): ଆଠମଲ୍ଲିକ ଉପଖଣ୍ଡ ପ୍ରଶାସନ ପକ୍ଷରୁ କୁଳବୃଦ୍ଧ ମଧୁସୂଦନ ଦାସଙ୍କୁ ଅପମାନିତ କରିବାକୁ ପ୍ରୟାସ କରିବା ଘଟଣା ସାମ୍ନାକୁ ଆସିଛି। ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆସନ୍ତା ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସକୁ ଉପଖଣ୍ଡ ପ୍ରଶାସନ ଧୁମାଧାମରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି। ସାଧାରଣତନ୍ତ୍ର ଦିବସ ପାଳନ ପୂର୍ବରୁ ଉପଖଣ୍ଡ ପ୍ରଶାସନ ଗତ ୯ ତାରିଖ ପ୍ରସ୍ତୁତି ବୈଠକ କରିଥିଲା। ବୈଠକରେ ସର୍ବସମ୍ମତି କ୍ରମେ ପ୍ରତ୍ୟେକ ବର୍ଷଭଳି ଜାତିର ପିତା ମହାତ୍ମା ଗାନ୍ଧୀ, ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଭୀମରାଓ ଆମ୍ବେଦକର, ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, କୁଳବୃଦ୍ଧ ମଧୁସୂଦନ ଦାସ, ସ୍ଥାନୀୟ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଥିବା ବରପୁତ୍ର ଓ ସହରରେ ଥିବା ଅନ୍ୟ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପ୍ରଶାସନ ପକ୍ଷରୁ ମାଲ୍ୟାର୍ପଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ ଉପଖଣ୍ଡ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ଦସ୍ତଖତ ଥାଇ ବିବରଣୀ ପ୍ରକାଶ ପାଇ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିବା ସମସ୍ତଙ୍କୁ ବଣ୍ଟନ କରାଗଲା। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଉପଖଣ୍ଡ ପ୍ରଶାସନ ଦ୍ୱାରା ପ୍ରସ୍ତୁତ ହୋଇ ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବଣ୍ଟନ କରିଥିବା ନିମନ୍ତ୍ରଣ ପତ୍ରରେ ଥିବା କାର୍ଯ୍ୟକ୍ରମ ସୂଚୀରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସ୍ଥାନ ପାଇନାହିଁ। ମଧୁବାବୁଙ୍କ ପ୍ରତି ଉପଜିଲ୍ଲାପାଳଙ୍କ ଏପରି ମନୋଭାବକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି।

୨୦୨୩ ଅଗଷ୍ଟ ୧୫ ତାରିଖ ଓକିଲସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ସଂଘ କାର୍ଯ୍ୟାଳୟରେ ସ୍ଥାପିତ ହୋଇଥିଲା। ପ୍ରତିମୂର୍ତ୍ତି ସ୍ଥାପନ ପରେ ଓକିଲସଂଘର ଅନୁରୋଧ କ୍ରମେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ଜାତୀୟ ଦିବସ (ସ୍ୱାଧୀନତା ଓ ସାଧାରଣତନ୍ତ୍ର), ଉତ୍କଳ ଦିବସ ଓ ସ୍ୱାୟତ୍ତ ଶାସନ ଦିବସରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି। ତେବେ ବର୍ତ୍ତମାନର ଉପଜିଲ୍ଲାପାଳ କିନ୍ତୁ ମଧୁବାବୁଙ୍କୁ ସମ୍ମାନିତ କରିବାକୁ କୁଣ୍ଠାବୋଧ କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ନିମନ୍ତ୍ରଣ ପତ୍ରରୁ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମକୁ ଅପସାରଣ କରାଯାଇଛି। ଉପଖଣ୍ଡ ପ୍ରଶାସନର ଏଭଳି ମନୋଭାବ କାହିଁକି ବୋଲି ଓକିଲସଂଘ ସଭାପତି ସୁଶାନ୍ତ ମହାପାତ୍ର ପ୍ରଶ୍ନ କରିଛନ୍ତି। ଏ ନେଇ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ପଚାରିବାରେ ସେ ଏହା ଆମ ପ୍ରଶାସନ ବସି ନିଷ୍ପତ୍ତି ନେଇଛି ବୋଲି କହିଛନ୍ତି। ଉପଖଣ୍ଡ ପ୍ରଶାସନର ଏଭଳି ଦାୟିତ୍ୱହୀନ ଉତ୍ତର ଓ ମନୋଭାବକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଓକିଲସଂଘ ସଭାପତି ମହାପାତ୍ର ଦାବି କରିଛନ୍ତି।

# କଫ୍ ସିରପ କବଳରେ ଯୁବପିଢ଼ି




ଅନୁଗୋଳ,୨୨ ।୧(ସମିସ): ଅନୁଗୋଳ ସହରରୁ ୩ ହଜାର ବେଆଇନ କଫସିରପ ଜବତ ଘଟଣାକୁ ସପ୍ତାହ ବିତି ନ ଥିବା ବେଳେ ଏବେ ସହରର ଗଳି କନ୍ଦି ରେ ଏସ୍କଫ ଓ କୋଡ଼ିଲେକ୍ସ କଫସିରପ୍ ବୋତଲ ପଡ଼ିଥିବା ଦେଖିବାକୁ ମିଳୁଛି। ଏ ସବୁ କଫସିରପ୍ ଅନୁଗୋଳକୁ ଯୋଗାଣ ହେଉ ନ ଥିବା ବେଳେ ଆସୁଛି କେଉଁଠୁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପଶ୍ଚିମବଙ୍ଗରେ ଏ ସବୁ କଫସିରପ୍ର ବହୁଳ ବିକ୍ରି ହେଉଥିବା ବେଳେ ସମ୍ଭବତଃ ସେଠାରୁ ବାଲେଶ୍ୱର ଦେଇ ଅନୁଗୋଳ ଆସୁଥିବା ସନ୍ଦେହ କରାଯାଉଛି। ତେବେ ଅନୁଗୋଳ ଡ୍ରଗ୍ସ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଏ ନେଇ କୌଣସି ତଥ୍ୟ ରହୁନାହିଁ। ଗତ ୧୦ ବର୍ଷ ଧରି ଏହି ବିଭାଗ କେବଳ ଲୋକଦେଖାଣିଆ କିଛି ସାମ୍ପଲ୍ ନେଇ ଉପର ଅଫିସକୁ ପଠାଇ ହାତବାନ୍ଧି ବସିଥିବା ସାଧାରଣରେ ଅଭିଯୋଗ ହେଇଆସୁଛି। ଅନ୍ୟପକ୍ଷରେ ଜିଲ୍ଲା ଅବକାରୀ ବିଭାଗ ଓ ପୁଲିସକୁ ଅବୈଧ ନିଶା କାରବାର ନେଇ ଖବର ଆସୁଥିବା ବେଳେ ଡ୍ରଗ୍ସ ବିଭାଗ ନିଦରେ ଶୋଇବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। କୋଡିନ ଫସଫେଟଯୁକ୍ତ ଏହି ସିରପ୍ ସେବନ ଦ୍ୱାରା ଲିଭର, କିଡ୍ନୀ, ହାର୍ଟ ଖରାପ ହେବା ସମ୍ଭାବନା ରହିଥିବା ଡାକ୍ତର କହୁଛନ୍ତି। ଏବେ ବି ଅନୁଗୋଳକୁ ଚୋରାରେ କଫସିରପ୍ ଆସୁଥିବାରୁ ଏ ନେଇ ବ୍ୟାପକ ଚଢ଼ଉ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଘୋଷର କପ୍ କ୍ରିକେଟ; ରେଢ଼ାଖୋଲ ବିଜୟୀ



କିଶୋରନଗର,୨୨ ।୧(ସମିସ): କିଶୋରନଗର ବ୍ଲକ ଘୋଷର ଗାଁ ଖେଳପଡ଼ିଆରେ ଗୁରୁବାର ଘୋଷର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ କୃପାସିନ୍ଧୁ ବିଶ୍ୱାଳ, ଅନ୍ୟତମ ଅତିଥି ଭାବେ ଯୋଗୀନ୍ଦ୍ର ରାଉଳ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ରେଢ଼ାଖୋଲ ଦଳ କିଶୋରନଗରକୁ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚରେ ଆମ୍ବପାଳ ଦଳ କୁଣ୍ଡାମହୁଲକୁ ପରାସ୍ତ କରିଛି। ବୁନୁ ପ୍ରଧାନ ଓ ଅସୀତ ଦେହୁରୀ ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଶୁଭମ ବଘାର ଦାୟିତ୍ୱ ତୁଲାଇଥିଲେ। ବୀରବର ଖାଁ ଧାରାବିବରଣୀ ପ୍ରଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦଯାପିତ

ଅନୁଗୋଳ,୨୨ ।୧(ସମିସ): ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପୀ ଚାଲିଥିବା ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଗୁରୁବାର ଉଦଯାପିତ ହୋଇଛି। ଅତିରିକ୍ତ



ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଚମ୍ପତିମୁଣ୍ଡା ନବୋଦୟ ବିଦ୍ୟାଳୟ ଅଧକ୍ଷ ସିଦ୍ଧାର୍ଥ ଶଙ୍କର ବରାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମୁଖ୍ୟଅତିଥି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ଓ ପେଡ଼ାଗୋଜି କୋଅର୍ଡିନେଟର ମନୋରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥପାଠ



ଅନୁଗୋଳ,୨୨ ।୧(ସମିସ): ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନ ନିମନ୍ତେ ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜାତୀୟ ମତଦାତା ଦିବସ ଉପଲକ୍ଷେ ଶପଥପାଠ କରାଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍ପି ରାଜୀବ ଲୋଚନ ପଣ୍ଡା, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ଡେପୁଟି କଲେକ୍ଟର (ନିର୍ବାଚନ) ମମତା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳ, ଡେପୁଟି କଲେକ୍ଟର ଶ୍ରୀହା ମହାନ୍ତି, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ସଞ୍ଜୟ ନାୟକ, ମନ୍ମଥ ନାଥ ଦାସ, ପ୍ରତାପହରି ପ୍ରଧାନ, ସଞ୍ଜୟ କୁମାର ଭୋଇଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଜାନୁଆରୀ ୨୫ ତାରିଖ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ୧୬ତମ ଜାତୀୟ ମତଦାତା ଦିବସ ପାଳନ କରାଯିବ।

# ଔଷଧ ଦୋକାନରେ ବେଆଇନ ଗର୍ଭପାତ କିଟ୍ ବିକ୍ରି

■ ୩ ଦୋକାନ ସାମୟିକ ସିଲ୍

ଅନୁଗୋଳ,୨୨ ।୧(ସମିସ): ଅନୁଗୋଳ ଜିଲ୍ଲାର ବିଭିନ୍ନ ଔଷଧ ଦୋକାନରେ ବେଆଇନ ଭାବେ ଗର୍ଭପାତ କିଟ୍ ବିକ୍ରି ହେଉଥିବା ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ ଜିଲ୍ଲା ଔଷଧ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଔଷଧ ଦୋକାନରେ ଚଢ଼ଉ କରାଯାଇଛି। ଡିଆଇ-୧ର ଅଧିକାରିଣୀ ମନସ୍ୱିନୀ ବିଶ୍ୱାଳ, ଡିଆଇ-୨ର ଅଧିକାରୀଙ୍କ ସହଯୋଗରେ ବଅଁରପାଳ ଅଞ୍ଚଳର ଏକ ଦୋକାନକୁ ୧୫ ଦିନ, ଅନ୍ୟ ଏକ ଦୋକାନକୁ ୩୦ ଦିନ ପାଇଁ ସିଲ୍ କରିଛନ୍ତି। ମହିଧରପୁରରେ ମଧ ଗୋଟିଏ ଦୋକାନକୁ ତିନିଦିନ ପାଇଁ ସିଲ୍ କରାଯାଇଛି। ସେହିଭଳି ବିଭିନ୍ନ ଅଞ୍ଚଳରେ ବେଆଇନ କଫସିରପ ବିକ୍ରି ନେଇ ଚଢ଼ଉ ଜାରି ରହିଥିବା ଔଷଧ ନିରୀକ୍ଷକ ମନସ୍ୱିନୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ଗର୍ଭ ନିରୋଧକ କିଟ୍ ବ୍ୟବହାର କରି ବହୁ ମହିଳାଙ୍କ ସ୍ୱାସ୍ଥ୍ୟହାନି ଘଟୁଥିବା ସାଧାରଣରେ ଅଭିଯୋଗ ହେଉଛି।

# ନାଲକୋ ପକ୍ଷରୁ ପାରିପାର୍ଶ୍ୱିକ ଗ୍ରାମରେ କ୍ରୀଡ଼ା ସାମଗ୍ରୀ ବଣ୍ଟନ

ଅନୁଗୋଳ,୨୨ ।୧(ସମିସ): ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନାଲକୋ ଅନୁଗୋଳ ତରଫରୁ ପାରିପାର୍ଶ୍ୱିକ ଗ୍ରାମର ଯୁବବର୍ଗଙ୍କୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସ ଆଣ୍ଡ ପି) ସଚ୍ଚିଦାନନ୍ଦ ଜେନା, ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବସମ୍ବଳ) ତଥା କର୍ପୋରେଟ ସଞ୍ଚାର ମୁଖ୍ୟ ଆଶୁତୋଷ ରଥ, ସିଜିଏମ (ଏଚଆର) ହିମାଂଶୁ ଶେଖର ପ୍ରଧାନଙ୍କ ସମେତ ଏସ ଆଣ୍ଡ ପିର ସମସ୍ତ ସିଜିଏମ ଯୋଗଦେଇଥିଲେ। ସାମୂହିକ ଭାବେ ୨୮ ପାରିପାର୍ଶ୍ୱିକ ଗ୍ରାମରୁ ଆସିଥିବା କ୍ରୀଡ଼ାବିତଙ୍କୁ କ୍ରିକେଟ ଖେଳ ସରଞ୍ଜାମ ଓ ଭଲିବଲ ସରଞ୍ଜାମ ବଣ୍ଟନ କରାଯାଇଥିଲା। ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକର ସରପଞ୍ଚ ଉଷାରାଣୀ ସ୍ୱାଇଁ, ଛବିରାଣୀ ଦେହୁରି, ଜୟନ୍ତୀ ସାହୁ, ଧୀରେନ ପ୍ରଧାନ, ପାର୍ଥସାରଥି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏତଦବ୍ୟତୀତ ନାଲକୋ ଏସ ଆଣ୍ଡ ପି କମ୍ପ୍ଲେକ୍ସ ତରଫରୁ




କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ଓ ଆଶୁତୋଷ ରଥ କନ୍ୟାବେଡ଼ା ଗ୍ରାମ ଉପାନ୍ତରେ ଥିବା ନାଲକୋ ମେଡିକାଲ ଛକରୁ ଆସ୍ପଣ୍ଡ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ନିମନ୍ତେ ଭୂମିପୂଜା କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟରେ ମରିମତି ହେବାକୁ ଥିବା ଏହି ରାସ୍ତା କନ୍ୟାବେଡ଼ା, କୁରୁଡୋଲ, କୁକୁଡ଼ାଙ୍ଗ ତଥା ଗୋବରା ଅଞ୍ଚଳକୁ ପ୍ରମୁଖ ସଂଯୋଗୀକରଣ ରାସ୍ତା ଭାବେ ବ୍ୟବହୃତ ହେଉଛି। ଭୂମିପୂଜନ ଉତ୍ସବରେ ସିଜିଏମ୍ (ଏଚଆର) ହିମାଂଶୁ ପ୍ରଧାନ, ଜିଏମ (ପ୍ରଣାଳୀ) ରାଜାରାମ ମିଶ୍ର ଉପସ୍ଥିତ ଥିଲେ।

# ୮ ଗ୍ରାମ ବ୍ରାଉନସୁଗର ଜବତ; ୨ ଗିରଫ

ବଅଁରପାଳ,୨୨ ।୧(ସମିସ): ବଅଁରପାଳ ଥାନା ଗାଡ଼ରଖାଲସ୍ଥିତ ନାଲକୋ ଆଲୁମିନିୟମ ପାର୍କ ଅଞ୍ଚଳରୁ ପୁଲିସ ଦୁଇ ବ୍ରାଉନସୁଗର ବେପାରୀଙ୍କୁ କାବୁ କରିବାରେ ସଫଳ ହୋଇଛି। ସେମାନେ ହେଲେ କାଙ୍ଗୁଲା ଗ୍ରାମର ଲିପନ ସାହୁ ଓ ତନ୍ମୟ ସେଠୀ। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ୮ ଗ୍ରାମ ବ୍ରାଉନସୁଗର ଜବତ କରିଛି। ବୁଧବାର ମଧ୍ୟାହ୍ନ ୧୨ରେ ପୁଲିସ



ଆଲୁମିନିୟମ ପାର୍କ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଲିପନ ଓ ତନ୍ମୟ ବ୍ରାଉନସୁଗର ସହ ଗ୍ରାହକଙ୍କୁ ଅପେକ୍ଷା କରିଥିବା ସୂଚନା ପାଇଥିଲା। ପୁଲିସ ସେଠାରେ ଚଢ଼ଉ କରି ଦୁଇ ଯୁବକଙ୍କୁ ଧରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ତାଙ୍କଠାରୁ ୮ ଗ୍ରାମରୁ ଉର୍ଦ୍ଧ୍ୱ ଓଜନର ବ୍ରାଉନସୁଗର ସହ ଏକ ଆକ୍ଟିଭା ସ୍କୁଟର ଜବତ କରିଥିଲା।

# ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ




ବଅଁରପାଳ,୨୨ ।୧(ସମିସ): ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ନେହରୁ ଉଚ୍ଚ ବିଦ୍ୟାଳୟର ୯୩ ବ୍ୟାଚ ଛାତ୍ରଛାତ୍ରୀଙ୍କ ବୈଠକ ସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ଶିକ୍ଷକମାନେ ଯୋଗଦେଇଥିଲେ। ଶଯ୍ୟାଶାୟୀ ଥିବା ଶିକ୍ଷକ ନରେଶ ଗଡ଼ନାୟକଙ୍କ ଘରେ ପହଞ୍ଚି ମାନପତ୍ର ସହ ଉତ୍ତରୀୟ ଓ ଫଳ ପ୍ରଦାନ କରିଥିଲେ। ପରେ ଶିକ୍ଷକ ପ୍ରମୋଦ ସାହୁ, ଭ୍ରମରବର ମାଝୀ, ସୁରେଶ ନାଥ, ନରେଶ ନାଥ, କୈଳାସ ରାଉତ, ପିଅନ ଅମିନ ବାରିକ, ପଦି ଗୋଛାୟତ, ବର୍ଜୁ ନାଏକଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଦିବଂଗତ ଶିକ୍ଷକ ଓ ସାଥୀଙ୍କ ପାଇଁ ଏକ ମିନିଟ ନିରବ ପ୍ରାଥନା କରାଯାଇଥିଲା। ସ୍କୁଲ ପରିସରରେ ଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀମାନେ ଆମ୍ବ ଚାରା ରୋପଣ କରିଥିଲେ। ବିଦ୍ୟାଳୟରେ ପିଲାଙ୍କ ପରୀକ୍ଷା ସମୟରେ ଅସୁବିଧା ନ ହେବା ପାଇଁ ତିନଟି କାନ୍ଥଘଣ୍ଟା ପ୍ରଦାନ କରାଯାଇଥିଲା। ପତିତପାବନ ମାଝୀ, ସଞ୍ଜୀବ ପାଇକ, ନୀଳମଣି ମାଝୀ, ନିର୍ମଳ ନାଥ, ପପୁ ଗଡ଼ନାୟକ, ଅଶୋକ ସାମଲ, ସୌମ୍ୟରଞ୍ଜନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ଭେଣ୍ଡିଂ ଜୋନ୍ କାହା ସ୍ୱାର୍ଥରେ !

# ବୁଲା ଗୋରୁ, କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି

ତାଳଚେର,୨୨ ।୧(ସମିସ):

ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ପକ୍ଷରୁ ସ୍ଥାନୀୟ ଲିଙ୍ଗରାଜ ରାସ୍ତା ପାଶ୍ୱର୍ରେ ୨୦୨୪ ଜାନୁଆରୀ ୨୮ରେ ତତ୍କାଳୀନ ଢେଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରିଜକିଶୋର ପ୍ରଧାନ, ନଗରପାଳ ପବିତ୍ର ଭୂତିଆ, ଉପନଗରପାଳ ଶୁଭଶ୍ରୀ ପ୍ରଧାନ, ୧୫ନଂ ୱାର୍ଡ କାଉନସିଲର ସବିତା ପାଲ, ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ ଉପସ୍ଥିତିରେ ତାଳଚେର ପୌରପରିଷଦ ପକ୍ଷରୁ ଭେଣ୍ଡିଂ ଜୋନର ଉଦଘାଟନ କରାଯାଇଥିଲା। ତେବେ ଇତିମଧ୍ୟରେ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଏହି ଭେଣ୍ଡିଂ ଜୋନ କାମରେ ଲାଗିନାହିଁ। ଏବେ ଏହା ବୁଲା ଗୋରୁ ଓ କୁକୁରଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ସେହିପରି ସଞ୍ଜ ନଇଁଲେ ଏଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଭେଣ୍ଡିଂ ଜୋନରେ ନ ବସି ପରିବା ବ୍ୟବସାୟୀମାନେ




ରାସ୍ତା କଡ଼ରେ ବସି କାରବାର କରିବା ଫଳରେ ଉକ୍ତ ରାସ୍ତାରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ମଧ ଘଟୁଛି। ଏ ସମ୍ପର୍କରେ ପରିବା ବ୍ୟବସାୟୀଙ୍କୁ ପଚାରିବାରୁ ଦୋକାନ ଗୃହଗୁଡ଼ିକ ଅତି ଛୋଟ ଓ ଟିଣରେ ନିର୍ମାଣ ହୋଇଥିବାରୁ ସେଠାରେ ପନିପରିବା ରଖି କାରବାର କରିବା ଆଦୌ ସମ୍ଭବପର ନୁହେଁ ବୋଲି କହିଛନ୍ତି। ତାଳଚେରର ଜଳବାୟୁ ବର୍ତ୍ତମାନ ଯାହା ସେଥିରେ ପରିବା ପଚିଶଢ଼ି ନଷ୍ଟ ହେବା ସହ ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିବ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ନିର୍ବାହୀ ଅଧିକାରୀଙ୍କୁ ଯୋଗଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇପାରି ନାହିଁ।

ଭେଣ୍ଡିଂ ଜୋନ ନିର୍ମାଣ ପୂର୍ବରୁ ପୌରପିଷଦ ସମସ୍ତ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ କରି ସେମାନଙ୍କ ମତାମତରେ ଯଦି ଏହା ନିର୍ମାଣ କରାଯାଇଥାନ୍ତା ତେବେ କୌଣସି ସମସ୍ୟା ଆଜି ଉପୁଜି ନ ଥାନ୍ତା ବୋଲି ଚର୍ଚ୍ଚା ହେଉଛି। ଏହି ଗୃହଗୁଡ଼ିକ ପାଇଁ କିଛି ବ୍ୟବସାୟୀ ଆଜକୁ ୧ବର୍ଷ ହେବ ୫ହଜାର ଟଙ୍କା ଲେଖାଏ ଡ୍ରାଫ୍ଟ ମାଧ୍ୟମରେ ଦେଇଥିବା ଜଣାପଡ଼ିଛି। କିନ୍ତୁ ଗୃହ ନିର୍ମାଣ ଶେଷ ହେବାପରେ ମଧ ବ୍ୟବସାୟୀଙ୍କୁ କିଛି ଗୃହ ବଣ୍ଟନ କରାଯାଇଥିବା ବେଳେ ଆଉ କିଛି ବଣ୍ଟନ ହୋଇ ନ ଥିବା ଜଣାପଡ଼ିଛି। ଏଥିପ୍ରତି ତୁରନ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ବ୍ୟବସାୟୀଙ୍କ ନିମନ୍ତେ ଭେଣ୍ଡିଂ ଜୋନ ପରିଚାଳନା ବ୍ୟବସ୍ଥା କରିବା ସହ ଟ୍ରାଫିକ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

ପ୍ରେମ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

# ବିବାହ ବେଦି ବଦଳରେ ଜେଲ୍ ଗଲେ

ଅନୁଗୋଳ,୨୨ ।୧(ସମିସ): ପ୍ରେମ ପ୍ରତାରଣାର ଭୟଙ୍କର ପରିଣାମ। ବାହାଘର ପାଇଁ ଘରେ ସାହାନାଇ ବାଜୁଥିଲା। ସବୁଆଡ଼େ ଉତ୍ସବର ମାହୋଲ ଥିଲା। ହେଲେ ଏହି ସମୟରେ ପହଞ୍ଚିଲା ପୁଲିସ। ବିବାହର ଦିନକ ପୂର୍ବରୁ ପ୍ରେମିକାଙ୍କ ଅଭିଯୋଗ ଆଧାରରେ ଯୁବକଙ୍କୁ ଉଠାଇ ନେଇଛି ପୁଲିସ। ବିବାହ ବେଦି ବଦଳରେ ଜେଲ୍ ଯିବାକୁ ପଡ଼ିଛି। ଏଭଳି ଘଟଣା ଘଟିଛି ଅନୁଗୋଳ ସହରରେ।

ଅନୁଗୋଳ ପୁରୁଣା ବସ୍ଷ୍ଟାଣ୍ଡ ଅଞ୍ଚଳର ଯୁବ ବ୍ୟବସାୟୀ ତଥା ହୋଟେଲ ମାଲିକ ଲିପୁନ୍ ସାହୁ ନିଜ ହୋଟେଲର ଜଣେ ମହିଳା କର୍ମଚାରୀଙ୍କ ଝିଅ ସହ ପ୍ରେମ ସମ୍ପର୍କ ରଖିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ଲିପୁନ୍ ଉକ୍ତ ଯୁବତୀଙ୍କ ସହ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖିଥିଲେ। ଦୁହେଁ ସ୍ୱାମୀ-ସ୍ତ୍ରୀ ଭଳି ମଧ ରହୁଥିଲେ। ହେଲେ ଯୁବତୀଙ୍କୁ ଅନ୍ଧାରରେ ରଖି ଲିପୁନ୍ଙ୍କ ପରିବାର ଲୋକେ ଅନ୍ୟ ଜଣେ ଯୁବତୀଙ୍କ ସହ ତାଙ୍କ ବିବାହ ସ୍ଥିର କରିଥିଲେ। ବିବାହ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ତେବେ ଲିପୁନ ଅନ୍ୟତ୍ର ବିବାହ କରୁଥିବା ଖବର ପାଇ ତାଙ୍କ ପ୍ରେମିକା ତୁରନ୍ତ ଅନୁଗୋଳ ଟାଉନ ଥାନାର ଆଶ୍ରୟ ନେଇଥିଲେ। ପୁଲିସକୁ ସେ ସବୁକଥା ଜଣାଇବା ସହ ତାଙ୍କୁ ପ୍ରତାରିତ କରାଯାଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ମାତ୍ରେ ପୁଲିସ ତତ୍ପରତା ପ୍ରକାଶ କରି ଲିପୁନ୍ଙ୍କ ଘରେ ଚଢ଼ଉ କରିଥିଲା। ବାହାଘରର ସମସ୍ତ ଖୁସି ମାହୋଲ ମଧ୍ୟରେ ପୁଲିସ ଲିପୁନ୍ଙ୍କୁ ଉଠାଇ ନେଇଥିଲା। ତାଙ୍କୁ ଗିରଫ କରାଯାଇ ଅନୁଗୋଳ ଜେଲ ପଠାଇ ଦିଆଯାଇଛି।

## ଶାଳିଅଞ୍ଚ ଛକରେ ମର୍ମନ୍ତୁଦ ଦୁର୍ଘଟଣା

ଆଳି,୨୨(୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା କଟକ-ଚାନ୍ଦବାଲି ରାସ୍ତାର ଶାଳିଅଞ୍ଚ ଛକ ସମ୍ମୁଖରେ ଏକ ଅଟୋକୁ ଦ୍ରୁତଗାମୀ କାର ଧକ୍କା ଦେବାରୁ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଚାଲିଯାଇଥିଲା। ଫଳରେ ଅଟୋ ଚାଳକଙ୍କ ସହ ଅଟୋ ରେ ବସିଥିବା ସମସ୍ତ ୯ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ଥାନା ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ଭରତ ପରିଡ଼ା(୪୭) ଙ୍କ ଅଟୋ ରେ ଉକ୍ତ ଗ୍ରାମର ଶଶୀରେଖା ବେହେରା(୫୦), ବିଦ୍ୟୁଲତା ବେହେରା (୬୦), ଗୋଲେଖ ବେହେରା (୬୦), ରୋହିଣୀ ବେହେରା (୨୫), ସୁମିତ୍ରା ବେହେରା(୨୪), କଳ୍ପନା ବେହେରା (୯), ବିଶ୍ୱଜିତ ବେହେରା(୫), ପ୍ରିୟାଂଶୁ ବେହେରା (୫) ଙ୍କୁ ତାଙ୍କ ବନ୍ଧୁ ଘର ସିଂହପୁର ରୁ ବୁଲିବାକୁ ଯାଇ ନିଜ ଗ୍ରାମକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ କାର ତାଙ୍କ ଅଟୋ ଟିକୁ ଧକ୍କା ଦେଇଥିଲା କ୍ଷ ଫଳରେ ଉଭୟ କାର ଓ ଅଟୋ ଭାରସାମ୍ୟ ହରାଇ ରାସ୍ତା ତଳକୁ ଚାଲିଯିବା ସହ ଅଟୋ ରେ ବସିଥିବା ସମସ୍ତ ଯାତ୍ରୀ ରାସ୍ତାରେ ଛିଟିକି ପଡ଼ିଥିଲେ। ଛିଟକି ପଡିଯିବା ଫଳରେ ଶଶୀରେଖା, ବିଦ୍ୟୁଲତା, ସୁମିତ୍ରା ଓ ଗୋଲେଖ ଙ୍କ ଗୋଡ଼, ଆଣ୍ଠୁ, ମୁଣ୍ଡ ଓ ଅଣ୍ଟା ରେ ଗଭୀର ଆଘାତ ଲାଗି ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟମାନେ ଆଂଶିକ ଆହତ ହୋଇଥିଲେ। ଦୁର୍ଘଟଣା ଏତେ ଜୋରରେ ହୋଇଥିଲା ଯେ କାର ଟିର ବେଲୁନ ଫାଟି ଯାଇଥିଲା କ୍ଷ ।ଭସମସ୍ତ ଯାତ୍ରୀ ରାସ୍ତାରେ ପଡ଼ି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯୋଗେ ପ୍ରଥମେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ୪ ଜଣଙ୍କୁ ଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

● ବ୍ୟବସାୟୀ ସୁବାସ ମଲିକଙ୍କ ହତ୍ୟା ମାମଲା

## ଅଟକ ଅଭିଯୁକ୍ତଙ୍କର ପଲିଗ୍ରାଫ ଟେଷ୍ଟ

କେନ୍ଦ୍ରାପଡ଼ା,୨୨।୧(ସମିସ):କଳାବୁଦା ବାରେଣୀ ବଜାରରେ ସୁବାଷ ମଳିକଙ୍କୁ ପୋଡ଼ି ନୃଶଂସ ଭାବେ ହତ୍ୟା କରାଯାଇଥିବା ଘଟଣାରେ ତଦନ୍ତ ଆହୁରି ଗୁରୁତ୍ୱ ନେଇଛି କ୍ଷ ଏହି ମାମଲାରେ ପୋଲିସ ଦ୍ୱାରା ଅଟକ ରଖାଯାଇଥିବା ଅଭିଯୁକ୍ତଙ୍କର ଭୁବନେଶ୍ୱର ସ୍ଥିତ ରାଜ୍ୟ ଫୋରେନ୍ସିକ ସାଇନ୍ସ ଲାବୋରେଟରୀ (ଏସଏଫଏଲ୍) ରେ ପଲିଗ୍ରାଫ ଟେଷ୍ଟ, ଅର୍ଥାତ୍ "ମିଛ ଧରା ପରୀକ୍ଷା' କରାଯାଇଛି। ପୁଲିସ ସୂତ୍ର ଅନୁଯାୟୀ, ପଲିଗ୍ରାଫ ଟେଷ୍ଟ ସହିତ ଦୀର୍ଘ ସମୟ ଧରି ପଚରାଉଚରା ସତ୍ତ୍ୱେ ହତ୍ୟା ଘଟଣା ସମ୍ପର୍କରେ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହିଁ ପୁଲିସ। ପରୀକ୍ଷା ସମ୍ପୂର୍ଣ୍ଣ ହେବା ପରେ ଅଭିଯୁକ୍ତଙ୍କୁ ଛାଡ଼ି ଦିଆଯାଇଥିବା ବେଳେ, ଏସଏଫ୍ଏଲ୍ ଅନ୍ତିମ ରିପୋର୍ଟକୁ ନେଇ ପୁଲିସ ଅପେକ୍ଷାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଡିସେମ୍ବର ମାସ ୨୭ ତାରିଖରେ କଳାବୁଦା ବାରେଣୀ ବଜାର ଅଞ୍ଚଳରେ ବ୍ୟବସାୟୀ ସୁବାସ ମଳିକଙ୍କୁ ପୋଡ଼ି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହା ସାରା ଅଞ୍ଚଳକୁ ସ୍ତବ୍ଧ କରିଦେଇଥିଲା। ଘଟଣା ପରେ ବିଭିନ୍ନ ଅଞ୍ଚଳରୁ ସଂଗ୍ରହ କରାଯାଇଥିବା ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ଜଣଙ୍କୁ ସନ୍ଦେହଭାଜନକୁ ଅଟକ ରଖି ପଚରାଉଚରା କରିଥିଲା। ପୁଲିସ କହିଛି ଯେ, ପଲିଗ୍ରାଫ ଟେଷ୍ଟ ରିପୋର୍ଟ ଆସିବା ପରେ ତଦନ୍ତର ଆଗାମୀ ଦିଗ ନିର୍ଦ୍ଧାରଣ କରାଯିବ। ହତ୍ୟାକାଣ୍ଡର ସତ୍ୟ ଉଦ୍‌ଘାଟନ ଓ ଦୋଷୀଙ୍କୁ ଧରିବା ପାଇଁ ପୁଲିସ ସମସ୍ତ ପାଶ୍ୱର୍ରୁ ତଦନ୍ତ ଜାରି ରଖିଥିବା ଜଣାଇଦିଆଯାଇଛି।

## ନୀଳକଣ୍ଠପୁରରେ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ



ପଟ୍ଟାମୁଣ୍ଡାଇ,୨୨।୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ବଡ଼ମୋହନପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମରେ ପବିତ୍ର ମକର ସଂକ୍ରାନ୍ତି ଅବସରରେ ଏକ ଭବ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ କୁମର ଚନ୍ଦ୍ର ବାୟାଙ୍କ ପୌରୋହିତ୍ୟରେ ଆୟୋଜିତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସମାରୋହରେ ନୀଳକଣ୍ଠପୁର ମା' ବୁଦ୍ଧେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ସଭାପତି ରଞ୍ଜନ ନାୟକ, ସମ୍ପାଦକ ସଂଯୁକ୍ତା ନାୟକ, କଳ୍ପନା ଦାସ, ପଞ୍ଚାନନ ଧଳ, ପତିତପାବନ ଦାସ, ମେଘନାଦ ଦାସ, ବାବାଜୀ ଦଳାଇଙ୍କ ତତ୍ତ୍ୱାବଧାନରେ ସନ୍ଧ୍ୟାରାଣୀ ଦାସ ମାଗୁଣି ପରିଡ଼ା, ସାବିତ୍ରୀ ଦାସ, ମିନତୀ ଦାସ, ମମତା ଦାସ, ଭାରତୀ ନାୟକ, କୁନିପ୍ରଭା ସିଂ, ସୁମିତ୍ରା ବାରିକ, ସୌଦାମିନୀ ନାୟକ, ମଞ୍ଜୁଲତା ଦଳାଇ କୁନ୍ତଳା ବାୟା ସବିତା ବାୟା କୁନି ଦାସ, ସଂଯୁକ୍ତା ବାୟା କୌଶଲ୍ୟା ବେହେରା ସତ୍ୟଭାମା ଦାସ ରେବତୀ ଦାସ ପ୍ରମୁଖ ଭକ୍ତି ରସାତ୍ମକ ଭଜନ ଜଣାଣ, ନାମ ସଂକୀର୍ତ୍ତନ, ନୃତ୍ୟ ଓ ଭାଗବତ ଆଲୋଚନା କରିଥିଲେ। ଏଇ ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଥିଲା। ବୈରାଗୀ ସେଠୀ ଭାଗବତ ପାଠ କରିବା ସହିତ ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀ ପ୍ରଚାର ପ୍ରସାର ଲାଭ କଲେ ଗ୍ରାମ ପରିବାର ଓ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ଉପସ୍ଥିତ ଶ୍ରୋତା ମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମକୁ ସୂର୍ଯ୍ୟକାନ୍ତ ବାୟା, ସୁବାଷ ବାରିକ, ପଦ୍ମଲାଭ ଦାସଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

**ସରସ୍ୱତୀ ମେଢ଼ ନେବା ବେଳେ ଅଘଟଣ**

# ଓଲଟିଲା ଅଟୋ; ବର୍ତ୍ତିଗଲେ ୬ ଯୁବକ



ଆଳି,୨୨।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଅରେହିକଣା ସେତୁ ନିକଟରେ ଆଜି ଏକ ଅଟୋ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସେଥିରେ ଥିବା ମା' ସରସ୍ୱତୀଙ୍କ ପ୍ରତିମୂର୍ତ୍ତି ସହ ଅଟୋରେ ଥିବା ସମସ୍ତ ୬ ଜଣ ଆହତ ହୋଇଥିବା ଜଣାପଡିଛି କ୍ଷ ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତାକାଲି ବସନ୍ତ ପଞ୍ଚମୀ ଉପଲକ୍ଷେ ସରସ୍ୱତୀ ମୂର୍ତ୍ତି ଆଣି କିଛି ଯୁବକ ଆସୁଥିଲେ। ବାସୁଦେବ ଦାସ, ନରୋତ୍ତମ କର, ଆୟୁଷ୍ମାନ ଦାସ, କୈବଲ୍ୟ ସାହୁ, ପ୍ରମୋଦ ସେଠୀ, ସୂର୍ଯ୍ୟକାନ୍ତ ସାହୁ ନମୌଜା ନୂଆଗାଁରୁ ନିର୍ମିତ ହୋଇଥିବା ମେଢ଼ଟିକୁ ଏକ ଅଟୋରେ ସିଙ୍ଗିରି ନେଇ ଯାଉଥିଲେ। ଯିବା ସମୟରେ ନଳଦିଆ-ଅରେହିକଣା ସେତୁ ନିକଟରେ ଆଗରୁ ହଠାତ ଏକ ବାଇକ ଆସିବାରୁ ଭାରସାମ୍ୟ ହରାଇ ଅଟୋଟି ବନ୍ଧ ତଳକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଅଟୋ ଟିକୁ ଉଠାଇବା ସହ ଆହତ ସମସ୍ତ ଯୁବକଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ପଠାଇଥିଲେ। ଖବର ଶେଷ ସୁଦ୍ଧା ସମସ୍ତ ଯୁବକ ମାନେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରୁ ସୁସ୍ଥ ହୋଇ ଘରକୁ ଫେରିଥିବା ଜଣାପଡ଼ିଛି।

● ବଜ୍ରକାପ୍ତା କାଟି ଡିଲ ବେଳେ ଏସଟିଏଫ୍ ସହ ବନବିଭାଗ ଟିମ ଧରିବା ଘଟଣା

## ରେଞ୍ଜ କାର୍ଯ୍ୟାଳୟରେ ପଶି ଆସାମୀଙ୍କ ସମ୍ମୁଖରେ ଗର୍ଜିଲେ ଆଇଆଇସି

ରାଜନଗର,୨୨।୧(ସମିସ): ରାଜନଗର ବନଖଣ୍ଡ ପଟ୍ଟାମୁଣ୍ଡାଇ ଷଣ୍ଢପଲୀ ଗ୍ରାମରେ ବଜ୍ରକାପ୍ତା କାଟି ଡିଲ ବେଳେ ଏସଟିଏଫ ସହ ବନବିଭାଗ ଟିମ ତିନିଜଣ ଆସାମୀଙ୍କୁ ଧରି ରାଜନଗର ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲା। ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ଉପସ୍ଥିତିରେ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ ଆସାମୀଙ୍କୁ ପଚରାଉଚରା କରୁଥିବା ବେଳେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର ହଠାତ୍ ରେଞ୍ଜ କାର୍ଯ୍ୟାଳୟକୁ ପଶିଥିଲେ। ଆସାମୀମାନଙ୍କୁ ପଚରା ଉଚରା କରୁଥିବା ସହକାରୀ ବନସଂରକ୍ଷକ ଗଗନ ବିହାରୀ ମଲ୍ଲିକଙ୍କୁ କାହିଁକି ଆପଣ ମୋତେ ଜଣାଇଲେ ନାହିଁ। ସହକାରୀ ବନସଂରକ୍ଷକ ଶ୍ରୀ ମଲ୍ଲିକ ଆଇଆଇସି ଶ୍ରୀମତୀ ପାତ୍ରଙ୍କୁ ମୁଁ ଆସାମୀମାନଙ୍କୁ ପଚରା ଉଚରା କରୁଛି ଆପଣ ବସନ୍ତୁ ବୋଲି କହିଥିଲେ। ଆଇଆଇସି ଶ୍ରୀମତୀ ପାତ୍ର ଏ ଲୋକମାନଙ୍କୁ ଆଣିଲା ବେଳେ ମୋତେ କାହିଁକି ଜଣାଇଲେ ନାହିଁ ବୋଲି ବାରମ୍ବାର ପ୍ରଶ୍ନ କରିଥିଲେ। ଆପମାନଙ୍କ ବିରୁଦ୍ଧରେ ମୁଁ କେସ କରିବି ବୋଲି ଧମକ ଦେବାକୁ ପଛାଇନଥିଲେ। ଆପଣମାନେ କେତେବେଳେ ଗଲେ, କେତେବେଳେ ଧରିଲେ ସବୁ ଖବର ମୋ ପାଖରେ ଅଛି। ଏମିତି କାମ ଆପଣ କରନ୍ତୁନି ବୋଲି ବଡ଼ ପାଟିରେ କହି ଚାଲିଥିଲେ। ଅଫିସ ଷ୍ଟାଫ ଓ ବାହାରେ କିଛି ସାମ୍ବାଦିକଙ୍କ ପାଟି ଶୁଣିବାରୁ ତରବରିଆ ଭାବେ ଚାଲି ଯାଇଥିଲେ।

ଏଠାରେ ପ୍ରଶ୍ନଉଠୁଛି ଯେ, ଆଇଆସି ଯଦି ଏସଟିଏଫ ବଜ୍ରକାପ୍ତା କାଟି ଚୋରାଚାଲାଣ କରୁଥିବା ଆନ୍ତରାଜ୍ୟ ରାକେଟର ଆସାମୀମାନଙ୍କୁ ଧରିବା ଜାଣିଥିଲେ, ସେମାନଙ୍କୁ ରେଞ୍ଜ କାର୍ଯ୍ୟାଳୟକୁ ଆଣିବା ମଧ୍ୟ ଜାଣିଥିଲେ, ତାଙ୍କଠାରୁ ଜଣେ ବରିଷ୍ଠ ଅଧିକାରୀଙ୍କୁ ଏଭଳି ବ୍ୟବହାର କଲେ ନାହିଁକି? ସେ ଯଦି ଏ ସମ୍ପର୍କରେ ଅବଗତ ଥିଲେ ତାହା ହେଲେ ଏଭଳି ଏକ ଆନ୍ତରାଜ୍ୟ ରାକେଟର ସଦସ୍ୟମାନଙ୍କୁ ପୂର୍ବରୁ ଗିରଫ କଲେ ନାହିଁ କାହିଁକି ? କେବଳ କଣ ବନବିଭାଗ ସେମାନଙ୍କୁ ଗିରଫ କରିବ, ପୁଲିସର ଏନେଇ କିଛି କର୍ତବ୍ୟ ଅଛି କି ନାହିଁ, ଆସାମୀମାନଙ୍କ ସମ୍ମୁଖରେ ବନବିଭାଗର ବରିଷ୍ଠ ଅଧିକାରୀଙ୍କ ଉପରେ ଗର୍ଜିବା କେତେଦୂର ଠିକ? ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆସାମୀମାନେ ଆଦର୍ଶ ଥାନା ଅଞ୍ଚଳର ହୋଇଥିବା ବେଳେ ରାଜନଗର ରେଞ୍ଜ କାର୍ଯ୍ୟାଳୟ ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାକୁ ଲାଗି ରହିଛି। ରେଞ୍ଜ କାର୍ଯ୍ୟାଳୟକୁ ଆସିବା ପୂର୍ବରୁ ଗ୍ରାମାଂଚଳ ଆଇଆଇସିଙ୍କୁ ଏସଂପର୍କରେ ଜଣାଇଥିଲେ କି? ଯାହାକି ବୁଦ୍ଧିଜୀବୀ ମହଲରେ ଆଲୋଡନ ସୃଷ୍ଟି କରିଛି। ଯାହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବନକର୍ମଚାରୀ ସଂଘ ଦାବି କରିଛି। ଏ ନେଇ ଆଦର୍ଶ ଥାନା ଆଇଆଇସି ଶ୍ରୀମତୀ ପାତ୍ରଙ୍କୁ ପଚାରିବାରୁ ମୁଁ କାହାକୁ ଉଦ୍ଦେଶ୍ୟମୂଳକ ଭାବେ କାହାକୁ ଅପଦସ୍ତ କରିବା ଉଦ୍ଦେଶ୍ୟ ନଥିଲା। ମୁଁ ମଧ୍ୟ ଏସ୍‌ଟିଏଫଙ୍କୁ ଜାଣିନାହିଁ।

ଗିରଫ ହୋଇଥିବା ରାଜକିଶୋର ମଳିକଙ୍କ ସ୍ତ୍ରୀ ଓ ପୁଅଙ୍କ ସହିତ ଗାଁର ୩୦ରୁ ଊର୍ଦ୍ଧ୍ୱ ଲୋକ ଥାନାରେ ପହଞ୍ଚି ରାଜୁଙ୍କୁ କିଛି ଲୋକ ବନ୍ଧୁକ ଦେଖାଇ ଅପହରଣ କରି ନେଇଗଲେ ବୋଲି ଅଭିଯୋଗ କରିଥିଲେ। ଏପରିକି ରାଜକିଶୋରଙ୍କ ସ୍ତ୍ରୀ ଥାନାରେ ଚେତା ହରାଇବାରୁ ମୁଁ ଏହାକୁ ଗମ୍ଭୀରତାର ସହ ନେଇ ମୋବାଇଲ ଫୋନ ଟ୍ରାକିଂ କରି ସେଠାରେ ପହଂଚିଥିଲି। ଆପଣ ତାଙ୍କ ଆଣିବା ପରେ ତାଙ୍କ ପରିବାର ସଦସ୍ୟ କିମ୍ବା ମୋତେ ଜଣାଇଲେ ନାହିଁ ବୋଲି ଉଚ୍ଚ ସ୍ୱରରେ କହିଥିଲି। ଯାହା ମୋର ଭୁଲ ବୋଲି କହିଥିଲେ। ସୂଚନା ଥାଉକି, ରାଜ୍ୟ ଏସଟିଏଫ ଟିମ ବିଶ୍ୱସ୍ତ ସୂତ୍ରରୁ ବଜ୍ରକାପ୍ତା କାଟି ଚାଲାଣ ହେଉଥିବା ଖବରପାଇ ତିନି ଆସାମୀଙ୍କ ସହିତ ମୋବାଇଲରେ କଥା ହୋଇଥିଲେ। ୧୪ଟି କାତିକୁ ସାତ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହେବା ପରେ ତିନିଜଣ ଷଣ୍ଢପଲୀ ଗାଁ ରାସ୍ତା ଉପରକୁ ଆସିଥିଲେ। ଦୁଇଟି ବାଇକରେ ତିନି ଆସାମୀ ବଜ୍ରକାପ୍ତା ଆଣି ପହଂଚିବା ପରେ ଏସଟିଏଫ ଟିମ୍‌ଙ୍କ ସହିତ ଭେଟ ହୋଇଥିଲା। ଏସଟିଏଫ ଟିମ୍ କାତି ଦେଖିବା ପରେ ତିନିଜଣ ଆସାମୀଙ୍କୁ ଧରି ନେଇଥିଲେ। କିଛି ଦୂରରେ ଥିବା ବନବିଭାଗ ଟିମ ପହଞ୍ଚି ଦୁଇଟି ବାଇକ ସହ କାତି, ୩ଟି ମୋବାଇଲ ଜବତ କରି ରାଜନଗର ରେଂଜ କାର୍ଯ୍ୟାଳୟକୁ ଆଣିଥିଲେ। ପଟ୍ଟାମୁଣ୍ଡାଇ ଗାଁର ଏସକେ ବାରାକତୁଲ୍ଲା, ଷଣ୍ଢପଲୀ ଗାଁର ଅଭିରାମ ମଳିକ ଓ ରାଜକିଶୋର ମଳିକଙ୍କ ସହ ସେମାନେ ବ୍ୟବହାର କରୁଥିବା ଓଡି-୨୯-ଜେ-୨୯୭୧ ହିରୋ ସ୍ପ୍ଲେଣ୍ଡର ପ୍ଲସ ବାଇକ ଓ ହୋଣ୍ଡା ଭେଲୋ ବାଇକ ନଂ- ଓଡି-୨୯-ଜେ-୫୫୧୬କୁ ଜବତ କରିଥିଲେ। ଗିରଫ ଆସାମୀମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡିଛି।

## ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ଜୟନ୍ତୀ

ଡେରାବିଶ,୨୨।୧(ସମସ):(ସମିସ): ଡେରାବଶ ବ୍ଲକ୍ ଅଞ୍ଚଳର ପ୍ରବୀଣ ଶିକ୍ଷାବିତ୍ ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ୮୨ତମ ଜୟନ୍ତୀ କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ "ମୌସୁମୀ ସାହିତ୍ୟ ଓ ସଂସ୍କୃତି ପରିଷଦ' ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମାର୍ଦ୍ଧରେ ଅତିଥିମାନଙ୍କଦ୍ୱାରା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବିଗ୍ରହରେ ମାଲ୍ୟାର୍ପଣ, ବେଦପଠନ ସହିତ ଦୀପଦାନ କରାଯାଇ ପ୍ରଫେସର ପରିଡ଼ାଙ୍କ ଦୀର୍ଘାୟୁ କାମନା କରାଯାଇଥିଲା। ଇଂ ଅକ୍ଷୟ କୁମାର ପାଣି ଅତିଥି ପରିଚୟଦେବା ସହ ସଭା ପରିଚାଳନା କରିଥିଲେ। ଏହି ସଭାରେ ପରିଷଦର ସମ୍ପାଦକ କବି ଡ. ଶ୍ରୀଧର ସାମଲ ସ୍ୱାଗତ ଭାଷଣ ଓ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲାବେଳେ ମଞ୍ଚାସିନ ଅତିଥି ଡ. ବାସୁଦେବ ଦାସ, କବି ବୃନ୍ଦାବନ ଦାସ, କବି ପ୍ରେମାନନ୍ଦ



ଖଣ୍ଡୁଆଳ, କବି ଭବାନୀ ପ୍ରସାଦ ମହାପାତ୍ର ପ୍ରଫେସର ପରିଡ଼ାଙ୍କ କର୍ମମୟ ଜୀବନ ଉପରେ ସମ୍ୟକ ଆଲୋକପାତ କରିଥିଲେ। ଏହାପରେ ସଭାରେ ଉପସ୍ଥିତ ସମାଜସେବୀ ଭୁବନମୋହନ ଜେନା, ସଂଗଠକ ସରୋଜ କୁମାର ମହାନ୍ତି, ଡ. ଗିରିଶ କୁମାର ପାତ୍ର, ଡ. ପ୍ରଭାକର ମଲ୍ଲିକ, ଡ. ପ୍ରମୋଦ କୁମାର ଦାସ, ଡ. ପ୍ରଦୀପ୍ତ କୁମାର ଦାସ, ମନ୍ମଥ କୁମାର ବରାଳ, ନିରଞ୍ଜନ ମେକାପ, ସଞ୍ଜୟ କୁମାର ମଲ୍ଲିକ, ହେମନ୍ତ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଶିଶିର କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ପୁରସ୍କାର ବିତରଣ ଉତ୍ସବ




ପଟ୍ଟାମୁଣ୍ଡାଇ,୨୨।୧(ସମିସ): ରାଜ୍ୟ ସରକାର ଓ ଜିଲ୍ଲା ସଂସ୍କୃତି ବିଭାଗ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଳନ କରାଯାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅନ୍ତର୍ଗତ ୩୦ଟି ବିଦ୍ୟାଳୟ ଓ ୨ଟି ମହାବିଦ୍ୟାଳୟରେ ବକ୍ତୃତା ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, କବିତା ଆବୃତ୍ତି ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପ୍ରେକ୍ଷାଳୟ ଠାରେ ଏକ ପୁରସ୍କାର ବିତରଣୀ ସଭା ଆୟୋଜନ କରାଯାଇଥିଲା। ଏଥିରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ଏସ ଡି ପି ଓ ସୁକାନ୍ତ ପାତ୍ର, ଅତିରିକ୍ତ ତହସିଲଦାର ପ୍ରଣବ କୁମାର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଆଇଆଇସି ବନ୍ଦନା ପାତ୍ର, ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପୌର ପରିଷଦ ସିଇଓ ତପସ୍ୱିନୀ ଦାଶ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସରୋଜ ପଣ୍ଡା, ଗଣେଶ ଦାସ, ଗଙ୍ଗାଧର ନାୟକ, ପ୍ରଫୁଲ୍ଲ ଦାଶ ଓ ହୃଷିକେଶ ନାଥ ପରିଚାଳନା କରିଥିଲେ।

**କାନପୁରରେ ଚମକିଲେ ଓଡ଼ିଆ ପୁଅ**

## ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଅବିନାଶଙ୍କୁ ସ୍ୱର୍ଣ୍ଣ

ଡେରାବିଶ,୨୨।୧(ସମିସ): ଡେରାବିଶ ବ୍ଲକ୍ ଚାଟରାଚକଡ଼ା ପଞ୍ଚାୟତ ଓଲଢ଼ି ଗ୍ରାମର ଅବିନାଶ ନାୟକ କାନପୁରଠାରେ ଅନୁଷ୍ଠିତ ମିଷ୍ଟର ଇଣ୍ଡିଆ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୪ଟି ବିଭାଗରେ ସାରା ଦେଶରୁ ୨୮୦ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଅବିନାଶ ୬୦ରୁ ୬୫ କେଜିର ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଭାଗ ନେଇ ୨୮ ଜଣ ପ୍ରତିଯୋଗୀଙ୍କୁ ହରାଇଛନ୍ତି। ଫଳରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ଜିତିଛନ୍ତି। ପିଲାଦିନରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ରେ ଭାଗ ନେବାର ଇଚ୍ଛା ରଖିଥିବା ଅବିନାଶ ପ୍ରତ୍ୟକ ଦିନ ଦୁଇ ରୁ ତିନି ଘଣ୍ଟା ନିଜ ସ୍ୱାସ୍ଥ୍ୟ ପାଇଁ ପୂର୍ବରୁ ପରିଶ୍ରମ କରୁଥିଲେ। ଏହି ପ୍ରତିଯୋଗିତା ପାଇଁ ତାଙ୍କ ଗୁରୁ ଏସ କେ ଜୈନୁଲଙ୍କ ମାର୍ଗଦର୍ଶନ ରେ ଆଜକୁ ସାତ ମାସ ହେବ ପ୍ରାୟ ଦିନକୁ ପାଞ୍ଚରୁ ଛ ଘଣ୍ଟା ପରିଶ୍ରମ କରି ସଫଳତା ପାଇଥିବା ବେଳେ ନିଜର ବାପା ମା'ଙ୍କ ଆଶୀର୍ବାଦ ସହ ସ୍ତ୍ରୀଙ୍କ ସହଯୋଗ ରହିଛି ବୋଲି କହିଛନ୍ତି। ଅବିନାଶଙ୍କ ସଫଳତା ଖବର ପାଇ ଚାରିଆଡୁ ଶୁଭେଚ୍ଛା ମିଳିଛି।



## ନିଆଁ ଲାଗି ଜଳିଗଲା ଚାଳଘର



ପଞ୍ଚୁପାଣ୍ଡବ,୨୨।୧(ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ନିରଞ୍ଜନ ମଳିକଙ୍କ ଦୁଇ ବଖରା ଚାଳ ଘରେ ନିଆଁ ଲାଗି ଯାଇଥିବା ଦେଖିବାକୁ ମିଳିଛି। ଏହି ନିଆଁ ବୁଧବାର ପ୍ରାୟ ରାତି ୮ ଟା ସମୟରେ ହଠାତ୍ ଘରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ଡେରାବିଶ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ସମ୍ପୂର୍ଣ୍ଣ ଲିଭାଇଥିଲେ। ନିକଟରେ ଥିବା ଆଖ ପାଖ ଚାଳ ଘର ନିଆଁରୁ ବର୍ତ୍ତି ଯାଇଥିବା ଦେଖିବାକୁ ମିଳଛି। ନିଆଁ ଲାଗିବାର କାରଣ ଜଣା ପଡ଼ିନାହିଁ। କିନ୍ତୁ ଘରେ ଥିବା ଚାଉଳ ସହ ଆସବାବପତ୍ର ପୋଡ଼ି ପାଉଁଶ ହୋଇଥିବା ନିରଞ୍ଜନ କହିଛନ୍ତି। ଏହାର ତଦନ୍ତ କରାଯାଇ ଦିନ ମଜୁରିଆ ଏହି ପରିବାରକୁ ସରକାରୀ ସାହାଯ୍ୟ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।


SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/22 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଉପାଧ୍ୟକ୍ଷ (ୟୁଏକ୍ସ) | 1 | 40 | 50 |
| ଉପ-ଉପାଧ୍ୟକ୍ଷ (ୟୁଏକ୍ସ) | 1 | 36 | 44 |
| ସହାୟକ ଉପାଧ୍ୟକ୍ଷ (ୟୁଏକ୍ସ) | 1 | 32 | 40 |
| ବରିଷ୍ଠ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ (ୟୁଆଇ ଏବଂ ୟୁଏକ୍ସ) | 3 | 28 | 37 |

**ବିଜ୍ଞାପନ ସଂ. CRPD/SCO/2025-26/22 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 31.12.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ଉପ-ପ୍ରବନ୍ଧକ (ୟୁଆଇ ଏବଂ ୟୁଏକ୍ସ) | ଏମ୍ଏମ୍‌ଜିଏସ୍-II | 6 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.01.2026 ରୁ 05.02.2026 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 16.01.2026

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

ସକାଳ
THE SAKALA

# ସମ୍ପାଦକୀୟ



ଯାହାର ମନରେ କିଛି କାମନା ନ ଥାଏ, ତାହାର କିଛି ଭୟ ମଧ୍ୟ ନ ଥାଏ।
-ଗୌତମ ବୁଦ୍ଧ

## ଆମେରିକାର ପଛଘୁଞ୍ଚା!

ଇରାନ୍ ବିରୋଧରେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଘୋଷଣା କରିଥିବା ଆମେରିକା ହଠାତ୍ ପଛଘୁଞ୍ଚା ଦେବା ପରେ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଛି। 'ଇରାନ୍‌ର ସର୍ବୋଚ୍ଚ ଶାସନ ମୁଖ୍ୟ ଆୟାତୋଲ୍ଲା ଖେମିନିଙ୍କ ୪୦ ବର୍ଷର ରାଜତ୍ୱର ଅନ୍ତ ହେବାକୁ ଯାଉଛି' ବୋଲି ଆମେରିକା ଘୋଷଣା କରିବା ପରେ ଇରାନ୍‌ର ପ୍ରତ୍ୟୁତ୍ତର ଥିଲା 'ଖେମିନିଙ୍କ ପ୍ରତି ଉଠୁଥିବା ହାତ କାଟି ଦିଆଯିବ ଏବଂ ବିଶ୍ୱ ଆଉ ଏକ ଯୁଦ୍ଧ ଦେଖିବ'। ଏହିଭଳି ଉଚ୍ଚ ଓ ଉତ୍ତେଜନାପୂର୍ଣ୍ଣ ଧମକଚମକ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଅବଶ୍ୟାମ୍ଭାବୀ ହୋଇପଡ଼ିଥିଲା। କିନ୍ତୁ ଆମେରିକାର କାର୍ଯ୍ୟାନୁଷ୍ଠାନ ବିଳମ୍ବିତ ହେଉଥିବାରୁ ଇରାନ୍‌ର ଧମକ ଆଗରେ ଆମେରିକା ନଇଁ ଯାଇଛି କି ଏହିଭଳି ପ୍ରଶ୍ନ ଉଠୁଛି। ଏକଜିଦିଆ ଟ୍ରମ୍ପ ଏତେ ଶୀଘ୍ର ପଛଘୁଞ୍ଚା ଦେଇ ନ ପାରନ୍ତି। ତଥାପି ଇରାନ୍ ବିରୋଧରେ ଆମେରିକା ତତ୍କାଳ କୌଣସି ପଦକ୍ଷେପ ନେବା ସ୍ଥିତିରେ ନଥିବା ପରି ଜଣାପଡୁଛି। ମଧ୍ୟପ୍ରାଚ୍ୟର ଚିତ୍ରପଟ ହଠାତ୍ ବଦଳିଯିବା ପଛରେ କୂଟନୀତି ବିଶାରଦମାନେ ମୁଖ୍ୟତଃ ପାଞ୍ଚଟି କାରଣକୁ ଦର୍ଶାଉଛନ୍ତି।

ପ୍ରଥମତଃ, କାତାର ସମେତ ମଧ୍ୟପ୍ରାଚ୍ୟରେ ଆମେରିକା ସର୍ବାଧିକ ଆଣବିକ ପ୍ରକଳ୍ପମାନ କାର୍ଯ୍ୟକ୍ଷମ ଅଛି। ଆମେରିକା ଆକ୍ରମଣର ପ୍ରତ୍ୟୁତ୍ତରରେ ଇରାନ୍ ସେହିସବୁ ସ୍ଥାନ ଉପରେ ଆକ୍ରମଣ କରିବ ଏବଂ କାତାର ଏକପ୍ରକାର ଧ୍ୱଂସସ୍ତୂପରେ ପରିଣତ ହେବ। ଇରାନ୍-ଇସ୍ରାଏଲ୍‌ର ବାରଦିନିଆ ଯୁଦ୍ଧରେ ଇରାନ୍‌ର କ୍ଷେପଣାସ୍ତ୍ର କ୍ଷମତା କେତେ ତାହା ସମଗ୍ର ବିଶ୍ୱ ଦେଖିସାରିଛି। ଏପରିକି ବିଶ୍ୱର ସର୍ବୋତ୍ତମ ବାୟୁପ୍ରତିରକ୍ଷା ପ୍ରଣାଳୀ ରୂପେ ସ୍ୱୀକୃତ ଇସ୍ରାଏଲ୍‌ର ଆଇରନ୍ ଡୋମ୍ ମଧ୍ୟ ଇରାନ୍‌ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ରକୁ ପ୍ରତିହତ କରିପାରି ନ ଥିଲା। ତେଣୁ ଆମେରିକାର ଆକ୍ରମଣରେ ଇରାନ୍ ତ କ୍ଷତିଗ୍ରସ୍ତ ହେବ, ସର୍ବାଧିକ କ୍ଷତି ସହିବେ ଇସ୍ରାଏଲ୍ ଓ ଆମେରିକା। ଏପରିକି ଯଦି ବା ଖେମିନି କ୍ଷମତାଚ୍ୟୁତ ହୋଇ ଆମେରିକା ତତ୍ତ୍ୱାବଧାନରେ ଇରାନ୍‌ରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେବ ତାହା ଯେ ଇରାନ୍‌ର ପ୍ରଚଣ୍ଡ ମୌଳବାଦୀ ଓ ଦୁର୍ଦ୍ଧର୍ଷ 'ଇସ୍‌ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ'ର ଦୌରାତ୍ମ୍ୟରୁ ଅଧିକ ଦିନ ତିଷ୍ଠି ପାରିବ ନାହିଁ ଏବଂ ଜନବିକ୍ଷୋଭ ଆହୁରି ଉଗ୍ର ହେବ ଇରାକ୍, ସିରିଆ ଓ ଆଫ୍‌ଗାନିସ୍ତାନ ଉଦାହରଣରୁ ପ୍ରମାଣିତ। ସାମ୍ପ୍ରତିକ ସ୍ଥିତିରେ ମଧ୍ୟପ୍ରାଚ୍ୟରୁ ଯୋଜନାବଦ୍ଧ ଓ ଲକ୍ଷ୍ୟବଦ୍ଧ ଆକ୍ରମଣ କରିବା ସ୍ଥିତିରେ ମଧ୍ୟ ଆମେରିକା ନାହିଁ। ଏଥିପାଇଁ ଯେଉଁସବୁ ଆରବୀୟ ଦେଶମାନଙ୍କ ସହାୟତା ନେବାକୁ ପଡ଼ିବ ସେମାନେ ଇରାନ୍‌ର ଶିକାର ହେବା ନିଶ୍ଚିତ। ତେଣୁ ଏକମାତ୍ର ବିକଳ୍ପ ଭାବରେ ଆମେରିକା ଯଦି ଏୟାରଷ୍ଟ୍ରାଇକ୍ କରିବ ତେବେ ଇରାନ୍‌ର ଅଧିକ ନାଗରିକ ମୃତାହତ ହେବେ। ଏହାପରେ ଇରାନ୍‌ରେ ହେଜବୋଲ୍ଲା, ହମାସ୍, ଆଇଏସ୍ ସକ୍ରିୟ ହେବେ ଏବଂ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ବାଣିଜ୍ୟ ଓ ଆଣବିକ କେନ୍ଦ୍ର ସମେତ ଲୋହିତସାଗରରେ ନୌବାଣିଜ୍ୟ କାରବାର ଅଧିକ ବିପଦାପନ୍ନ ହୋଇପଡ଼ିବ। ଏଥିଲାଗି ଆମେରିକା ହିଁ ଅଧିକ ସମାଲୋଚିତ ହେବା ସାର ହେବ। ୧୯୫୩ରେ ଆମେରିକାର ଅନୁରୂପ କାର୍ଯ୍ୟାନୁଷ୍ଠାନରେ ଇରାନ୍‌ର ନିର୍ବାଚିତ ପ୍ରଧାନମନ୍ତ୍ରୀ ମହମ୍ମଦ ମୋସାଦ୍ ଗାଦିଚ୍ୟୁତ ହୋଇ ଶାହା ମହମ୍ମଦ ରେଜା ପହଲଭିଙ୍କ ହାତକୁ ଶାସନ କ୍ଷମତା ଯାଇଥିଲା। କିନ୍ତୁ ତାହା ବେଶୀଦିନ ତିଷ୍ଠି ପାରିନଥିଲା। ଏଣୁ ଟ୍ରମ୍ପଙ୍କୁ ତାଙ୍କ ପରାମର୍ଶଦାତାମାନେ ସେହି ଇତିହାସ ସ୍ମରଣ କରାଇ ଦେଇଥିବେ। ଏଥିସହିତ ୧୯୮୦ରେ ଇରାନ୍‌ରୁ ଆମେରକୀୟ ନାଗରିକଙ୍କୁ ଉଦ୍ଧାର ପାଇଁ ଉଦ୍ଦିଷ୍ଟ ଆମେରିକାର 'ଅପରେସନ୍ ଇଗଲ୍ କ୍ଲ'ର ଚରମ ବିଫଳତା ବିଷୟରେ ମଧ୍ୟ ଟମ୍ପଙ୍କୁ ଉପଦେଷ୍ଟାମାନେ ଚେତାଇ ଦେଇଥିବେ।

ଦ୍ୱିତୀୟତଃ, ବିଶ୍ୱର ସାମଗ୍ରିକ ସାମୁଦ୍ରିକ ତୈଳ ବାଣିଜ୍ୟର ଏକ-ଚତୁର୍ଥାଂଶ ସମ୍ପନ୍ନ ହେଉଥିବା ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ଯଦି ଇରାନ୍ ସମ୍ପୂର୍ଣ୍ଣ ବନ୍ଦ କରିଦିଏ ତେବେ ବିଶ୍ୱରେ ଯେଉଁ ତୈଳସଙ୍କଟ ସୃଷ୍ଟି ହେବ ସେଥିରେ ସର୍ବାଧିକ ପ୍ରଭାବିତ ହେବେ ୟୁରୋପୀୟ ସଂଘ ଏବଂ ଉତ୍ତର ଗୋଲାର୍ଦ୍ଧର ଦେଶମାନେ। ତୃତୀୟତଃ, ଇରାନ୍‌ର ଆଣବିକ ଅସ୍ତ୍ର କ୍ଷମତା କେତେ ତାହା ଏପର୍ଯ୍ୟନ୍ତ ବିଶ୍ୱ ଜାଣିପାରିନାହିଁ। ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନରେ ଯଦି ଇରାନ୍‌ର ଆଣବିକ କେନ୍ଦ୍ରଗୁଡ଼ିକ କ୍ଷତିଗ୍ରସ୍ତ ହେବ ତେବେ ସମଗ୍ର ମଧ୍ୟପ୍ରାଚ୍ୟ, ୟୁରେସିଆ ଧ୍ୱଂସମୁଖକୁ ଚାଲିଯିବ। ଚତୁର୍ଥରେ, ଟ୍ରମ୍ପ ଅବିଳମ୍ବେ ବୁଝିପାରିଛନ୍ତି ଯେ ଇରାକ୍ ଓ ଆଫ୍‌ଗାନିସ୍ତାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସମୟରେ ଆମେରିକା ପଛରେ ଥିବା 'ନାଟୋ' ସଦସ୍ୟମାନେ ଏବେ ତାଙ୍କ ପଛରେ ନାହାନ୍ତି। ଗ୍ରୀନ୍‌ଲାଣ୍ଡ ପ୍ରସଙ୍ଗରେ ଯେଭଳି ଭାବେ 'ନାଟୋ' ସଦସ୍ୟମାନେ ଆମେରିକା ବିରୋଧରେ ପ୍ରତୀକାତ୍ମକ ରଣନୈତିକ ପ୍ରସ୍ତୁତି ପ୍ରଦର୍ଶନ କରିଛନ୍ତି ଏବଂ ପ୍ରତ୍ୟକ୍ଷ ସମାଲୋଚନା କରିଛନ୍ତି ସେଥିରୁ ସନ୍ଦେଶ ମିଳୁଛି ଯେ ସବୁବେଳେ ଆମେରିକାର ପ୍ରଭୁତ୍ୱ ସ୍ୱୀକାର କରିବା ସ୍ଥିତିରେ ସେମାନେ ନାହାନ୍ତି। ଏଭଳି ପରିସ୍ଥିତିରେ ସାମରିକ ଓ ବାଣିଜ୍ୟରେ ଆମେରିକା ଏକଘରିକିଆ ହୋଇଯିବାର ଆଶଙ୍କା ଅଧିକ।

ପଞ୍ଚମରେ, ଆରବୀୟ ଦେଶଗୁଡ଼ିକ ବର୍ତ୍ତମାନ ପ୍ରଚଳିତ ରାଜକୀୟ ଶାସନତନ୍ତ୍ରରେ ହଠାତ୍ କୌଣସି ପରିବର୍ତ୍ତନ ଚାହୁଁନାହାନ୍ତି। ଯଦି ଆମେରିକା ସହାୟତାରେ ଇରାନ୍‌ରେ ଖେମିନିଙ୍କ ରାଜତ୍ୱର ଅନ୍ତ ଘଟି ଗଣତନ୍ତ୍ର ପ୍ରତିଷ୍ଠା ହେବ ତେବେ ତାହା ଅଚିରେ ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶମାନଙ୍କୁ ସଂକ୍ରମିତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ଦାବିରେ ଜନଆନ୍ଦୋଳନ ଉଗ୍ର ହେବ। ୨୦୧୦ ମସିହାରେ ଟ୍ୟୁନିସିଆ ପରି ଏକ କ୍ଷୁଦ୍ର ଦେଶର ସାମାନ୍ୟ ଜଣେ ଫଳବିକ୍ରେତାଙ୍କ ଆତ୍ମାହୁତି ଘଟଣାରୁ ଜନ୍ମ ନେଇଥିବା ଜନବିପ୍ଳବ(ଆରବ ବସନ୍ତ) ବାରଟି ମଧ୍ୟପ୍ରାଚ୍ୟ ଦେଶରେ ଶାସକ ପରିବର୍ତ୍ତନ କରିବାରେ ସମର୍ଥ ହୋଇଥିଲା। ଏହାକୁ ଏ ପର୍ଯ୍ୟନ୍ତ ଆରବୀୟ ଦେଶର ଶାସକମାନେ ଭୁଲି ନାହାନ୍ତି ଏବଂ ତାହାର ପୁନରାବୃତ୍ତି ଚାହୁଁନାହାନ୍ତି। ତେଣୁ ଆରବୀୟ ଦେଶ ସମେତ ଇସ୍ରାଏଲ୍ ଆମେରିକା ଉପରେ ଖେମିନିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଯେଉଁ ଚାପ ପ୍ରୟୋଗ କରିଛନ୍ତି ତାହା ଆପାତତଃ ବିଶ୍ୱକୁ ଆଉ ଏକ ଯୁଦ୍ଧ ମୁହଁରୁ ସୁରକ୍ଷା ଦେବାରେ ଫଳପ୍ରଦ ହୋଇଛି ବୋଲି କୁହାଯାଇପାରେ। କିନ୍ତୁ ଅଦୂରଦର୍ଶୀ ଟ୍ରମ୍ପ ଏହାକୁ କେତେଦୂର ଗ୍ରହଣ କରିବେ ତା' ଉପରେ ବିଶ୍ୱଶାନ୍ତିର ଭବିଷ୍ୟତ ନିର୍ଭର କରୁଛି।

## ଓଡ଼ିଶାର ପ୍ରାକୃତିକ ଐଶ୍ୱର୍ଯ୍ୟ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ଓଡ଼ିଶାର ଉଦ୍ଭିଦ ଓ ପ୍ରାଣୀ ସମ୍ପଦ ଆକର୍ଷଣୀୟ। କାରଣ ଏହା ଉତ୍ତରୀ ହିମାଳୟ ଏବଂ ଦକ୍ଷିଣ ଉପଦ୍ୱୀପୀୟ ଡେକାନ ମାଳଭୂମି ଜାତୀୟ ଜୈବ ବିବିଧତାର ପ୍ରତିନିଧିତ୍ୱ କରେ। ଶାଳ ଓ ଅସଂଖ୍ୟ ଅନ୍ୟାନ୍ୟ ଉଦ୍ଭିଦ ସମୂହ ସହିତ ରଙ୍ଗବେରଙ୍ଗ ଜାତୀୟ ଅର୍କିଡ୍ ବା ଚିତ୍ରା ଓଡ଼ିଶାର ଜଙ୍ଗଲର ଶୋଭାବର୍ଦ୍ଧନ କରନ୍ତି। ହାତୀ, ବାଘ, ହରିଣ, ମୃଗ, ସରୀସୃପ, ବଜ୍ରକାପ୍ଟା, ପ୍ରଜାପତି ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଓଡ଼ିଶାର ଜଙ୍ଗଲରେ ମୁକ୍ତ ଭାବରେ ବିଚରଣ କରନ୍ତି; ଡଲଫିନ୍, କୁମ୍ଭୀର, କଇଁଛ, ନୀଳରକ୍ତ କଙ୍କଡ଼ା, ପ୍ରବାସୀ ପକ୍ଷୀ ଏବଂ ଅସଂଖ୍ୟ ଅନ୍ୟାନ୍ୟ ଜଳଚର ପ୍ରାଣୀ ଏଠାରେ ସେମାନଙ୍କର ସର୍ବୋତ୍ତମ ଆଶ୍ରୟସ୍ଥଳ ପାଆନ୍ତି। ଓଡ଼ିଶା ହେଉଛି ଏକମାତ୍ର ଭାରତୀୟ ରାଜ୍ୟ, ଯେଉଁଠାରେ ତିନୋଟି ଦେଶୀୟ କୁମ୍ଭୀର ଜାତି ଯଥା ଘଡ଼ିଆଳ, ମଗର ଓ ବଉଳା ପ୍ରାକୃତିକ ଭାବରେ ରହିଛନ୍ତି।

ଓଡ଼ିଶାରେ ୧୯ଟି ସଂରକ୍ଷିତ କ୍ଷେତ୍ର ଅଛି, ଯେଉଁଥିରେ ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ଅନ୍ତର୍ଭୁକ୍ତ, ଯାହା ରାଜ୍ୟର ମୋଟ ଭୌଗୋଳିକ କ୍ଷେତ୍ରର ୪.୩୬%। ଏହିସବୁ ସଂରକ୍ଷିତ ପ୍ରାକୃତିକ ପରିସଂସ୍ଥା ମଧ୍ୟରେ ଉଲ୍ଲେଖଯୋଗ୍ୟ ପାଞ୍ଚଟି ପ୍ରାକୃତିକ ଐଶ୍ୱର୍ଯ୍ୟ ହେଉଛି ଉତ୍ତରସୀମାରେ ଥିବା ଶିମିଳିପାଳ, ଦକ୍ଷିଣସୀମାରେ ଥିବା ମହେନ୍ଦ୍ରଗିରି, ମଧ୍ୟଭାଗରେ ଥିବା ସାତକୋଶିଆ, ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ଭିତରକନିକା ଓ ଚିଲିକା। ୧୯୭୫ ମସିହାରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଏବଂ ଖାଦ୍ୟ ଓ କୃଷି ସଂଗଠନ ସହାୟତାରେ ଭିତରକନିକାରେ ବଉଳା, ସାତକୋଶିଆରେ ଘଡ଼ିଆଳ ଏବଂ ରାମତୀର୍ଥ (ଯଶିପୁର, ଶିମିଳିପାଳ)ରେ ମଗର କୁମ୍ଭୀର ସଂରକ୍ଷଣ ପାଇଁ ତିନୋଟି ପ୍ରକଳ୍ପ ଆରମ୍ଭ ହୋଇଥିଲା। ସାତକୋଶିଆରେ ଉଭୟ ଘଡ଼ିଆଳ ଓ ମଗର କୁମ୍ଭୀର ଅଛନ୍ତି।

ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳର ସମୁଦ୍ର ପତ୍ତନଠାରୁ ହାରାହାରି ଉଚ୍ଚତା ହେଉଛି ୯୦୦ ମିଟର। ସର୍ବୋଚ୍ଚ ଶିଖରଗୁଡ଼ିକ ହେଉଛି ଖଇରିବୁରୁ (୧୧୭୮ ମିଟର) ଓମେଘାସନୀ (୧୧୫୮ ମିଟର)। ୧୯୭୯ ମସିହାରୁ ଶିମିଳିପାଳର ୨,୨୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ଜଙ୍ଗଲ ଅଞ୍ଚଳ ଅଭୟାରଣ୍ୟର ମାନ୍ୟତା ପାଇଛି। ୧୯୮୬ ମସିହାରେ ଏହାମଧ୍ୟରେ ରହିଥିବା ୮୪୫. ୭୦ ବର୍ଗ କିଲୋମିଟରର କେନ୍ଦ୍ରୀୟ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଛି। ୧୯୭୩ ମସିହାରେ ଭାରତରେ ଆରମ୍ଭ ହୋଇଥିବା ନଅଟି ବ୍ୟାଘ୍ର ପ୍ରକଳ୍ପର ପ୍ରଥମ ତାଲିକାରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୨.୦୬.୧୯୯୪ରେ ୫୫୬୯ ବର୍ଗ କିଲୋମିଟର ପରିମିତ ଜଙ୍ଗଲ ଜମିକୁ ନେଇ ଶିମିଳିପାଳରେ ଦେଶର ଅଷ୍ଟମ ସଂରକ୍ଷିତ ଜୈବମଣ୍ଡଳ ପ୍ରତିଷ୍ଠା କରାଯାଇଥିଲା। ୟୁନେସ୍କୋ ୨୦୦୯ ମସିହାରେ ଶିମିଳିପାଳକୁ ବିଶ୍ୱ ସଂରକ୍ଷିତ ଜୈବ ମଣ୍ଡଳ ଶୃଙ୍ଖଳରେ ଅନ୍ତର୍ଭୁକ୍ତ କରିଥିଲା। ୨୦୦୧ ମସିହାରେ ଅଧିସୂଚିତ ମୟୂରଭଞ୍ଜ ହାତୀ ସଂରକ୍ଷଣ ଅଞ୍ଚଳ ଶିମିଳିପାଳ ବନାଞ୍ଚଳର ଏକ ପ୍ରମୁଖ ଅଂଶକୁ ଅନ୍ତର୍ଭୁକ୍ତ କରେ। ଶିମିଳିପାଳ ପୂର୍ବରୁ ଗୃହପାଳିତ ମୁକ୍ତ ଖଇରୀ ବାଘ ପାଇଁ ଜଣାଶୁଣା ଥିବା ବେଳେ ଏବେ କଳା ବା କୃଷ୍ଣକାୟ ବାଘ ପାଇଁ ଚର୍ଚ୍ଚାରେ ଅଛି।

ମହେନ୍ଦ୍ରଗିରି ପାହାଡ଼ ଅଞ୍ଚଳ ଗଜପତି ଜିଲ୍ଲାରେ ଅବସ୍ଥିତ। କୋରାପୁଟ ଜିଲ୍ଲାର ଦେଓମାଳି (୧୬୭୨) ପରେ ମହେନ୍ଦ୍ରଗିରି (୧୫୦୧) ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ପାହାଡ଼। ଦୁଇଟି ସଂରକ୍ଷିତ ଜଙ୍ଗଲ (ଇଡୋନଗିରି ବା ଇନ୍ଦ୍ରଗିରି ଏବଂ ମହେନ୍ଦ୍ର ଆରଏଫ) କୁ ଆଚ୍ଛାଦିତ କରି ମାତ୍ର ୪୨.୫ ବର୍ଗ କିଲୋମିଟର (୪, ୨୫୦ ହେକ୍ଟର) ପରିମିତ ଏକ କ୍ଷୁଦ୍ର ଅଞ୍ଚଳକୁ ମହେନ୍ଦ୍ରଗିରି ଜୈବ ବିବିଧତା ଐତିହ୍ୟ ସ୍ଥଳ ଭାବରେ ଘୋଷଣା କରାଯାଇଛି। ଏକଦା ମହେନ୍ଦ୍ରଗିରି ବିବିଧ ବନ୍ୟଜୀବଙ୍କ ଭୂସ୍ୱର୍ଗ ଓ ମୁକ୍ତ ଚରାଭୂମି ଥିଲା। ଏବେ କିନ୍ତୁ ପରିସ୍ଥିତି ବିପରୀତ। ମହେନ୍ଦ୍ରଗିରି ପାହାଡ଼ ଜଙ୍ଗଲ ପରିସରକୁ ଜୈବମଣ୍ଡଳ ସଂରକ୍ଷଣ ସ୍ଥିତିକୁ ଉନ୍ନୀତ କରାଯିବା ଏବଂ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳର 'ଅସ୍ଥାୟୀ ତାଲିକା'ରେ ଅନ୍ତର୍ଭୁକ୍ତ କରାଯିବାର ସମୟ ଆସିଛି ତାହାର ହୃତଗୌରବ ଫେରି ପାଇବା ପାଇଁ।

ଓଡ଼ିଶାର ଭୌଗୋଳିକ କେନ୍ଦ୍ରରେ ଅବସ୍ଥିତ ସାତକୋଶିଆ ଓ ବାଇଶିପଲ୍ଲୀ ଅଭୟାରଣ୍ୟ ଯାହା ପାଞ୍ଚଟି ଜିଲ୍ଲା ଯଥା ଅନୁଗୁଳ, ଢେଙ୍କାନାଳ, କଟକ, ବୌଦ୍ଧ ଓ ନୟାଗଡ଼ରେ ବିସ୍ତୃତ, ୧୧୩୬.୭୦ ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ। ଭୂଭାଗର ହାରାହାରି ଉଚ୍ଚତା ୩୭ ମିଟରରୁ ୯୩୨ ମିଟର ମଧ୍ୟରେ। ଏହାର ବିବିଧ ଅଞ୍ଚଳ, ଯେଉଁଥିରେ ସର୍ବନିମ୍ନ ସ୍ଥାନ କଟରଙ୍ଗ ଓ ସର୍ବୋଚ୍ଚ ସ୍ଥାନ ସୁନାଖଣିଆରେ ଅବସ୍ଥିତ। ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ୧୯୭୬ ମସିହାରେ ସୃଷ୍ଟି ହୋଇଥିଲା, ଯାହାର କ୍ଷେତ୍ରଫଳ ଥିଲା ୭୯୬ ବର୍ଗ କିଲୋମିଟର। ଏହାର ମୂଳ କ୍ଷେତ୍ରଫଳ ୪୪୦.୨୬ ବର୍ଗ କିଲୋମିଟର ଅଞ୍ଚଳ ୨୦୦୨ ମସିହାରେ ଘୋଷିତ ମହାନଦୀ ହାତୀ ଅଭୟାରଣ୍ୟର ଏକ ଅଂଶ। ଏହି ଅଭୟାରଣ୍ୟ ଦେଇ ପ୍ରବାହିତ ହୁଏ ମହାନଦୀ, ଯାହାର ପ୍ରାୟ ୨୨ କିଲୋମିଟର ଏକ ଗଭୀର ଗଣ୍ଡ ସୃଷ୍ଟି କରେ, ଯାହା ଘଡ଼ିଆଳ ଓ ମଗର କୁମ୍ଭୀରଙ୍କ ବାସସ୍ଥାନ। ଏହାକୁ ରାମସାର ସ୍ଥାନ (ଅନ୍ତର୍ଜାତୀୟ ଗୁରୁତ୍ୱର ଆର୍ଦ୍ରଭୂମି) ଭାବରେ ସ୍ୱୀକୃତି ଦିଆଯାଇଛି। ଏଠାରେ ୨୦୦୭ ମସିହାରେ ୯୬୩.୮୭ ବର୍ଗ କିଲୋମିଟର ଅଞ୍ଚଳ ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଏକ ବ୍ୟାଘ୍ର ଅଭୟାରଣ୍ୟ ପ୍ରତିଷ୍ଠିତ ହୋଇଥିଲା।

କେନ୍ଦ୍ରାପଡ଼ା ଜିଲ୍ଲାର ବଙ୍ଗୋପସାଗର ଉପକୂଳରେ ଥିବା ଭିତରକନିକା ମାଙ୍ଗ୍ରୋଭ୍ ସ୍ୱାମ୍ପ ବା ଲୁଣା ଜଙ୍ଗଲ ଆର୍ଦ୍ର ଭୂମି ଚାରୋଟି ନଦୀ, ଯଥା ବ୍ରାହ୍ମଣୀ, ବୈତରଣୀ, ଧାମରା ଓ ପାଠଶାଳା ଦ୍ୱାରା ଗଠିତ ତ୍ରିକୋଣ ଭୂମିରେ ଅବସ୍ଥିତ। ଏହା ଲୁଣିଆ ପାଣି ବଉଳା କୁମ୍ଭୀର ଓ ପୃଥିବୀର ଦ୍ୱିତୀୟ ବୃହତ୍ତମ ଏସୀୟ ଜଳ ମନିଟରଙ୍କ ବହୁଳ ଜନସଂଖ୍ୟା ପାଇଁ ପ୍ରସିଦ୍ଧ। ସ୍ଥାନୀୟ ପକ୍ଷୀମାନଙ୍କ ବ୍ୟତୀତ ଶୀତକାଳରେ ପ୍ରବାସୀ ପକ୍ଷୀମାନେ ଏହି ଆର୍ଦ୍ରଭୂମିକୁ ଆସି ମୁକ୍ତ ଭାବରେ ବିଚରଣ କରନ୍ତି। ୧୯୭୫ ମସିହାରେ, ୬୭୨ ବର୍ଗ କିଲୋମିଟର ଅଞ୍ଚଳକୁ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ୧୪୫ ବର୍ଗ କିଲୋମିଟର କ୍ଷେତ୍ରଫଳ ସହିତ ଏହି ଅଭୟାରଣ୍ୟର ମୂଳଅଂଶକୁ ସେପ୍ଟେମ୍ବର ୧୯୯୮ ମସିହାରେ ଜାତୀୟ ଉଦ୍ୟାନ ଭାବରେ ଅଧିସୂଚିତ କରାଯାଇଥିଲା। ୨୦୦୨ ମସିହାରେ ଏହାକୁ ରାମସାର ସ୍ଥଳ ଭାବରେ ମାନ୍ୟତା ମିଳିଥିଲା। ୧୯୯୭ ମସିହାରେ ସୃଷ୍ଟି ହୋଇଥିବା ଗହୀରମଥା ସାମୁଦ୍ରିକ ବନ୍ୟପ୍ରାଣୀ ଅଭୟାରଣ୍ୟ ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ବଙ୍ଗୋପସାଗରର ଏକ ସଂଲଗ୍ନ ଅଂଶକୁ ସୀମାବଦ୍ଧ କରିଥାଏ। ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛ ବହୁସଂଖ୍ୟାରେ ପ୍ରଶାନ୍ତ ମହାସାଗର ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଗହୀରମଥାର ଉପକୂଳ ଜଳକୁ ମିଳନ ଏବଂ ବସା ବାନ୍ଧିବା ପାଇଁ ଆସନ୍ତି। ୧୯୮୩ ମସିହାରୁ କଇଁଛ ଓ ସେମାନଙ୍କ ଅଣ୍ଡା ସଂଗ୍ରହ ଓ ବିପଣନ ଉପରେ ପ୍ରତିବନ୍ଧକ ଲଗାଯାଇଛି।

ଚିଲିକା ଲାଗୁନ୍ ବା ଲୁଣା ହ୍ରଦ ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଭଳି ତିନୋଟି ଉପକୂଳ ଜିଲ୍ଲା ଅଧୀନରେ ଆସେ। ଏହା ୧, ୦୫୫ ବର୍ଗ କିଲୋମିଟରର ଏକ ବିସ୍ତୃତ ଜଳକ୍ଷେତ୍ର ଆଚ୍ଛାଦିତ କରେ, ଯାହା ବର୍ଷା ଋତୁରେ ୧, ୧୬୫ ବର୍ଗ କିଲୋମିଟରକୁ ଫୁଲିଯାଏ ଏବଂ ଗ୍ରୀଷ୍ମ ଋତୁରେ ୯୦୬ ବର୍ଗ କିଲୋମିଟରକୁ ସଙ୍କୁଚିତ ହୁଏ। ଏହା ଭାରତୀୟ ଉପମହାଦେଶର ସର୍ବବୃହତ ଲୁଣିଆ ଜଳ ହ୍ରଦ। ବଙ୍ଗୋପସାଗର ସହିତ ସଂଯୁକ୍ତ ଏହି ଲାଗୁନ୍ ଦୟା ନଦୀର ଏକ ଶାଖାନଦୀ ମାଲାଗୁଣି ନଦୀର ବାମ କୂଳରେ ଅବସ୍ଥିତ। ଚିଲିକା ଏହାର ଅନ୍ତର୍ଦେଶୀୟ ପ୍ରବାହର ୬୦ ପ୍ରତିଶତରୁ ଅଧିକ ମହାନଦୀ ନଦୀ ପ୍ରଣାଳୀରୁ ପାଏ, ମୁଖ୍ୟତଃ ଏହାର ବିତରଣ ନଦୀଗୁଡ଼ିକ, ଯଥା ଦୟା ଓ ଭାର୍ଗବୀ ମାଧ୍ୟମରେ। ପ୍ରବାସୀ ପକ୍ଷୀମାନେ କାସ୍ପିଆନ୍ ସାଗର, ବୈକାଲ ହ୍ରଦ, ମଧ୍ୟଏସିଆ, ଦକ୍ଷିଣପୂର୍ବ ଏସିଆ, ଲଦାଖ ଓ ହିମାଳୟ ପରି ସ୍ଥାନରୁ ଶୀତକାଳରେ ଏହି ଲାଗୁନ୍ ପରିଦର୍ଶନ କରନ୍ତି। ଏହି ହ୍ରଦରେ ବିରଳ ଇରାୱାଡି ଡଲଫିନ ଅଳ୍ପ କିଛି ସଂଖ୍ୟା ମଧ୍ୟ ଅଛନ୍ତି। ଖୋର୍ଦ୍ଧା ବନ ନିୟମ ଏବଂ ଗୁଳିଚାଳନା ନିୟମ ଅନୁଯାୟୀ ଚିଲିକାକୁ ସଂରକ୍ଷିତ ଜଙ୍ଗଲର ମାନ୍ୟତା ଦିଆଯାଇଥିଲା। ୧୯୮୬ ମସିହାରୁ ଶିକାର ଓ ରାତ୍ରି ମାଛ ଧରିବା ନିଷେଧ କରାଯାଇଥିଲା। ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଘ ୧୯୭୧ ମସିହାରେ ଚିଲିକାକୁ ରାମସାର ସ୍ଥଳ ଘୋଷଣା କରିଥିଲା। ପକ୍ଷୀସଂଖ୍ୟା ଘନତା ହେତୁ ଚିଲିକାର କେନ୍ଦ୍ର ସ୍ଥଳରେ ଥିବା ନଳବନ ନାମକ ୧୫ ବର୍ଗ କିଲୋମିଟର ଅଞ୍ଚଳର ଏକ ଛୋଟ ଦ୍ୱୀପକୁ ୧୯୮୭ ମସିହାରେ ପକ୍ଷୀ ଅଭୟାରଣ୍ୟ ଭାବରେ ଘୋଷଣା କରାଯାଇଥିଲା। ହ୍ରଦର ସମନ୍ୱିତ ବିକାଶ ତଦାରଖ କରିବା ପାଇଁ ଚିଲିକା ବିକାଶ ପ୍ରାଧିକରଣ ୧୯୯୨ ମସିହାରେ ଗଠିତ ହୋଇଥିଲା। ଏହାକୁ ଏକ ଅସ୍ଥାୟୀ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥାନ ଭାବରେ ତାଲିକାଭୁକ୍ତ କରାଯାଇଛି।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଭେନେଜୁଏଲା ସଙ୍କଟ ଅନ୍ତରାଳେ

ପ୍ରମୋଦ କୁମାର ମିଶ୍ର

ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ମୋରୋସ ଏବଂ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେନ୍ସଙ୍କୁ ତାଙ୍କ ନିଜ ଦେଶରୁ ଅପହରଣ କରି ଆମେରିକା ଏବେ ଭେନଜୁଏଲାକୁ ନିଜ ଅକ୍ତିଆରରେ ରଖିଛି। କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସେ ଦେଶରେ ଆମେରିକାର ପ୍ରଭୁତ୍ୱ ବଳବତ୍ତର ରହିବ। ଡ୍ରଗ୍ସ ତସ୍କରି ଓ ଆତଙ୍କବାଦ ଅପରାଧରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ଆମେରିକା ଅଦାଲତରେ ବର୍ତ୍ତମାନ ମାଦୁରୋଙ୍କ ବିରୋଧରେ ମାମଲା ଚାଲିବ।

ଭେନଜୁଏଲା ଏକଦା ଲାଟିନ ଆମେରିକାର ସବୁଠାରୁ ଦ୍ରୁତଉନ୍ନତି କରୁଥିବା ଦେଶଗୁଡ଼ିକ ମଧ୍ୟରେ ଅନ୍ୟତମ ଥିଲା। ବିଶ୍ୱର ସବୁଠାରୁ ଅଧିକ 'ମିସ୍ ୱର୍ଲ୍ଡ' ଓ 'ମିସ୍ ୟୁନିଭର୍ସ' ଦେଇଥିବା ଦେଶ ହେଉଛି ଭେନେଜୁଏଲା। ଏକଦା ଏହାର ଜିଡିପି ବିଶ୍ୱର ଶ୍ରେଷ୍ଠ ଦଶଟି ଦେଶ ମଧ୍ୟରେ ଥିଲା। ସେ ଦେଶର ଜଣେ ନେତା ଥିଲେ - ହୁଗୋ ଚାଭେଜ। ସେ ଆମେରିକାକୁ ଲାଟିନ ଆମେରିକାର ଶୋଷଣ ପାଇଁ ଦାୟୀ କରି ଭେନେଜୁଏଲାକୁ ସମାଜବାଦୀ ପ୍ରତିରୋଧର ଏକ ପ୍ରତୀକ ରୂପେ ପ୍ରତିଷ୍ଠା କଲେ। ବାସ୍ତବରେ ଭେନେଜୁଏଲା ଓ ଆମେରିକା ମଧ୍ୟରେ ମତଭେଦ ଓ ବିବାଦର ମୁଖ୍ୟକାରଣ ଥିଲା ଭେନେଜୁଏଲାରେ ଗଚ୍ଛିତ ଥିବା ପ୍ରାକୃତିକ ଅଶୋଧିତ ଖଣିଜ ତୈଳ। ଏହା ସେ ଦେଶର ଆର୍ଥିକ ମାନଦଣ୍ଡ ନିର୍ଦ୍ଧାରଣରେ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୯୯ ମସିହାରେ ଚାଭେଜ ରାଷ୍ଟ୍ରପତି ହେବା ପରେ ଦେଶର ସାଧାରଣଜନତାଙ୍କୁ ଖୁସି କରିବା ପାଇଁ ବିଭିନ୍ନ ସରକାରୀ ଯୋଜନାରେ ପ୍ରଚୁର ଅର୍ଥରାଶି ବାଣ୍ଟିଚାଲିଲେ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ତଥା ଦୈନିକ ମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ସାଧାରଣ ଜନତା କାମ କରିବା ବନ୍ଦ କରିଦେଲେ। ସମସ୍ତ ବେସରକାରୀ ସଂସ୍ଥାଗୁଡ଼ିକୁ ରାଷ୍ଟ୍ରୀୟକରଣ କରି ବଡ଼ ବଡ଼ ଆମେରିକୀୟ କମ୍ପାନୀଗୁଡ଼ିକୁ ବାହାର କରିଦେଲେ। ଏହାଫଳରେ ସେ ଦେଶର ଉର୍ଜା ନୀତି ଏକ ରାଜନୈତିକ ଅସ୍ତ୍ରରେ ପରିଣତ ହେଲା।

ଏହାପରେ ସେ ଦେଶର ଜିଡିପି କ୍ରମଶଃ ହ୍ରାସ ପାଇଲା। ମୁଦ୍ରାସ୍ଫୀତି ବଢ଼ିଲା। ଉଦ୍ୟୋଗପତିମାନେ ନିଜ ଦେଶ ଛାଡ଼ି କରି ପଳାୟନ କଲେ। ସେ ସମୟରେ ପରସ୍ପରର ବିଭିନ୍ନ ସମସ୍ୟାକୁ ନେଇ ଆମେରିକା ଓ ଭେନେଜୁଏଲା ମଧ୍ୟରେ ମତଭେଦ ତୀବ୍ର ହେଲା। ଯୁକ୍ତରାଷ୍ଟ୍ର ଆମେରିକା ନେତୃତ୍ୱାଧୀନ ମୁକ୍ତବଜାର ଆର୍ଥିକ ବ୍ୟବସ୍ଥାକୁ ଭେନେଜୁଏଲା ଅସ୍ୱୀକାର କଲା। ଚାଭେଜଙ୍କ ମୃତ୍ୟୁ ପୂର୍ବରୁ ତାଙ୍କର ଉତ୍ତରାଧିକାରୀ ଭାବରେ ନିକୋଲାସ ମାଦୁରୋ ୨୦୧୩ ମସିହାରେ ରାଷ୍ଟ୍ରପତି ଦାୟିତ୍ୱ ନେଲେ। ସେ ପାଞ୍ଚବର୍ଷ ଧରି ନିର୍ବାଚନକୁ ଅନୁମତି ଦେଲେ ନାହିଁ। ଆର୍ଥିକ ଅନିୟମିତତା, ସଂସ୍ଥାଗତ ଅବକ୍ଷୟ ଓ ନିର୍ବାଚନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଯୋଗୁଁ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଲା। ଏହି ସୁଯୋଗରେ ଜୁଆନ ଗୁଆଇଡୋଙ୍କୁ ଯୁକ୍ତରାଷ୍ଟ୍ର ଆମେରିକା ଅସ୍ଥାୟୀ ରାଷ୍ଟ୍ରପତି ଭାବରେ ସ୍ୱୀକୃତି ଦେଲା। ଅବଶ୍ୟ ଏହା ମାଦୁରୋଙ୍କୁ ଗାଦିଚ୍ୟୁତ କରିପାରିଲା ନାହିଁ। ୨୦୧୮ ମସିହାରେ ସେ ସାଧାରଣ ନିର୍ବାଚନରେ ଜୟଲାଭ କରି ପୁନଃରାଷ୍ଟ୍ରପତି ପଦରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଏହାପରେ ବାଣିଜ୍ୟ କ୍ଷେତ୍ରରେ ରୁଷ, ଚୀନ୍ ଓ କ୍ୟୁବା ଉପରେ ଅଧିକ ନିର୍ଭରଶୀଳ ହୋଇ ଆମେରିକାର ପ୍ରଭୁତ୍ୱକୁ ସ୍ୱୀକାର କଲେ ନାହିଁ। ଫଳରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ କ୍ରମଶଃ ଭୟଙ୍କର ହେଲା। ପରିଣାମ ସ୍ୱରୂପ ସେ ଏବେ ଆମେରିକାର କାରାଗାରରେ ବିଚାରାଧୀନ କଏଦୀର ଜୀବନ କାଟୁଛନ୍ତି।

ଏକ ନିରପେକ୍ଷ ନିର୍ବାଚନ ସମ୍ପନ୍ନ ପୂର୍ବକ ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ଅଭିପ୍ରାୟ ନେଇ ଆମେରିକାର ଏହି ସାମରିକ କାର୍ଯ୍ୟାନୁଷ୍ଠାନ କେତେଦୂର ଫଳପ୍ରଦ ହେବ ତାହା କେବଳ ସମୟ କହିବ। ଆମେରିକାର ଏହି ଆନ୍ତର୍ଜାତିକ ନିୟମ ଉଲଘଂନକାରୀ ଆକ୍ରମଣକୁ ଚୀନ ଦୃଢ଼ ନିନ୍ଦା କରିବା ସହ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ମୁକ୍ତି କରିବା ସହ ସେ ଦେଶର କ୍ଷମତାକୁ ନିଜ ହାତକୁ ନ ନେବା ପାଇଁ ଚେତାବନୀ ଦେଇଛି। ବ୍ରିଟେନ୍ କୌଣସି ଉପନିବେଶବାଦ ପକ୍ଷରେ ନାହିଁ ବୋଲି ନିଜ ପକ୍ଷ ସ୍ପଷ୍ଟ କରିଛି। ରୁଷ, ଉତ୍ତର କୋରିଆ, ଇରାନ ଓ କଲମ୍ବିଆ ଆଦି ଦେଶ ଆମେରିକାର ଏତାଦୃଶ କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି।

ଏହାପୂର୍ବରୁ ୧୯୮୯ ମସିହାରେ ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ବୁଶ୍ ପାନାମାର ଶାସକ ନୋରିଏଗାଙ୍କୁ ବନ୍ଦୀ କରି ଆଣିଥିଲେ। ଆମେରିକା ଜେଲରେ ଦୀର୍ଘ ୨୦ ବର୍ଷ ରହିବା ପରେ ଶୋଚନୀୟ ଭାବରେ ମୃତ୍ୟୁବରଣ କରିଥିଲେ। ପୁଣି ୨୦୦୩ ମସିହାରେ ବିଭିନ୍ନ କାରଣ ଦେଖାଇ ଆମେରିକା ଇରାକ୍ ଉପରେ ଆକ୍ରମଣ କରିଥିଲା। ସେ ଦେଶର ଲୋକପ୍ରିୟ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବା ପରେ ଆମେରିକା ସେ ଦେଶ ପାଇଁ ଏକ ନୂଆ ସମ୍ବିଧାନ ପ୍ରଣୟନ କରିଥିଲା। ତେଣୁ ଏବେ ଆମେରିକାକୁ ଉଚିତ ଜବାବ ଦେବା ପାଇଁ ରୁଷ, ଚୀନ, ଉତ୍ତର କୋରିଆ ଆଦି ଦେଶ ଦକ୍ଷିଣ ଆଫ୍ରିକାରେ ମିଳିତ ହୋଇ ବିଚାରବିମର୍ଶ କରିଛନ୍ତି। ଉତ୍ତର କୋରିଆ ଏକ ପରମାଣୁ ଶକ୍ତି ସମ୍ପନ୍ନ ମିସାଇଲ ପରୀକ୍ଷା କରି ଆମେରିକାକୁ ପରୋକ୍ଷ ଚେତାବନୀ ଦେଇଛି। ଆମେରିକା ଭେନେଜୁଏଲା ଆକ୍ରମଣ କରିବା ଯୋଗୁଁ ରୁଷିଆର ଏକ ତୈଳବାହୀ ଜାହାଜ ଭେନେଜୁଏଲାରୁ ତୈଳ ଆଣି ନ ପାରି ଫେରି ଆସୁଥିବା ସମୟରେ ସେଠାରେ ତଟରକ୍ଷୀ ଭାବରେ ଥିବା ଆମେରିକାର ସୈନ୍ୟ ତାହାକୁ ଅନୁସରଣ କରିଛନ୍ତି। ଏହାର ପ୍ରତିକ୍ରିୟାରେ ରୁଷ ଏକ ଯୁଦ୍ଧଜାହାଜ ସେମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରେରଣ କରିଛି। ତେଣୁ ବିଶ୍ୱ କ୍ରମଶଃ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ମୁହାଁଉଛି। ସାଧାରଣ ଭାବରେ ଗୋଟିଏ ଦେଶ ଅନ୍ୟ ଦେଶର ମୁଖ୍ୟ ବା ରାଷ୍ଟ୍ରପତିଙ୍କୁ ଗିରଫ କରିବା ଆନ୍ତର୍ଜାତିକ ନିୟମର ଉଲ୍ଲଂଘନ। ତେବେ ଏଠାରେ ପ୍ରଶ୍ନ ଉଠେ, ଏ ପ୍ରସଙ୍ଗରେ ଜାତିସଂଘ ନିରବ କାହିଁକି?

ସମ୍ବଲପୁର, ମୋ: ୯୪୩୭୪୨୦୫୪୬

## ବେଙ୍ଗ ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହି ମନ୍ଦିର ବ୍ୟତୀତ ଜାପାନରେ ଗୋଟିଏ ଅଦ୍ଭୁତ ବେଙ୍ଗ ମନ୍ଦିର ଅଛି, ଯାହା କେରୁଡେରା, ସେଇଜାନ୍ ନ୍ୟୋଇରିନ୍-ଜି କିମ୍ବା ୟୋକୋଗୁମା ନାମରେ ବେଶ୍ ଜଣାଶୁଣା। ଏହି ମନ୍ଦିର ପରିସରରେ ପ୍ରାୟ ୧୦ ହଜାର ବେଙ୍ଗ ଆକୃତିର ବସ୍ତୁ ପରସ୍ପର ସହିତ ଯୋଡ଼ି ହୋଇରହିଛି। ପ୍ରତ୍ୟେକ ବସ୍ତୁ ବ୍ୟଙ୍ଗାତ୍ମକ ଭାବଭଙ୍ଗୀରେ ରହିଥିବାରୁ ଆଗନ୍ତୁକଙ୍କ ମନୋରଞ୍ଜନ ହୋଇଥାଏ।

କୁହାଯାଏ ଯେ, ଏକଦା ଏହି ମନ୍ଦିରର ପୂଜାରୀ ବା ମଙ୍କ୍ ତାଙ୍କର ଚୀନ୍ ଯାତ୍ରା ସମୟରେ ଗୋଟିଏ ବେଙ୍ଗ ପ୍ରତିମା କିଣି ଏହି ମନ୍ଦିରକୁ ଆଣିଥିଲେ। ପରବର୍ତ୍ତି ସମୟରେ ଲଗାତାର ଏହି ବେଙ୍ଗ ଆକୃତିର ବସ୍ତୁର ସଂଖ୍ୟା ବଢ଼ିବାରେ ଲାଗିଲା। ଏବେ ମୁଖ୍ୟତଃ ଏହି ମନ୍ଦିର ଆଗନ୍ତୁକଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବା ସହିତ ତାଙ୍କର ବିଭିନ୍ନ ସମସ୍ୟାର ସାଧାନ ପାଇଁ ବାଟ ଦେଖାଉଛି। କାରଣ ମନ୍ଦିର ଭିତରେ ବିତ୍ତୀୟ ଉନ୍ନତି, ସୌଭାଗ୍ୟ, ସୁସ୍ୱାସ୍ଥ୍ୟ ଆଦି ପାଇଁ 'ସୁରକ୍ଷାର ଲେଉଟାଣି', 'ସୌଭାଗ୍ୟର ଲେଉଟାଣି' ଓ 'ଧନର ଲେଉଟାଣି' ଭଳି ବିଶେଷ କୌତୁକିଆ କ୍ରୀଡ଼ାର ଆୟୋଜନ କରାଯାଉଛି। ଏହି କ୍ରୀଡ଼ାରେ ଭାଗ ନେଇ ଲୋକମାନେ ମନୋରଞ୍ଜନ କରିବା ସହିତ ତାଙ୍କର ସବୁ ସମସ୍ୟାର ସମାଧାନ ମଧ୍ୟ ପାଇପାରୁଛନ୍ତି।



ପ୍ରତି କ୍ରୀଡ଼ାର ସ୍ଥାନୀୟ ନାମ ସହିତ 'କୋରୁ' ଶବ୍ଦର ଉପଯୋଗ କରାଯାଉଛି। 'କୋରୁ' ଶବ୍ଦର ଅର୍ଥ ହେଉଛି ବେଙ୍ଗ। ଏହି ମନ୍ଦିରରେ ଲାଗିଥିବା ସୁନ୍ଦର ବୃକ୍ଷଗୁଡ଼ିକ ପାଇଁ ଲୋକମାନେ ବିଭିନ୍ନ ଋତୁର ସୌନ୍ଦର୍ଯ୍ୟକୁ ମଧ୍ୟ ଉପଭୋଗ କରିପାରୁଛନ୍ତି, ଯାହାକି ମାନସିକ ଶାନ୍ତି ପ୍ରଦାନ କରୁଛି। ତେଣୁ ଅବସାଦର ଶିକାର ହୋଇଥିବା ବ୍ୟକ୍ତି ଏବଂ ଅନ୍ୟ ମାନସିକ ରୋଗୀଙ୍କ ପାଇଁ ଏହି ମନ୍ଦିରରେ ସୁସ୍ଥତା ପ୍ରଦାନ ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି।

ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଏହି ମନ୍ଦିରରେ 'ଫୁ-ରିନ୍' ମହୋତ୍ସବ ପାଳନ କରାଯାଉଛି, ଯେଉଁଥିରେ ମନ୍ଦିରଟି ବିଭିନ୍ନ ପ୍ରକାର ୱିଣ୍ଡଚାମ୍ ଓ ଫୁରିନ୍‌ରେ ସଜ୍ଜିତ ହୋଇଥାଏ। ଫେଙ୍ଗସୁଇରେ ବେଙ୍ଗ ସୁଖ, ଶାନ୍ତି, ସୌଭାଗ୍ୟ ଓ ଆର୍ଥିକ ଉନ୍ନତିର ପ୍ରତୀକ ହୋଇଥିବାରୁ ଲୋକମାନଙ୍କର ଆସ୍ଥା ଓ ବିଶ୍ୱାସ ଏହି ବେଙ୍ଗ ମନ୍ଦିର ସହିତ ରହିଆସିଛି।

ଓଡ଼ିଶା ସହିତ ଅନ୍ୟ କେତେକ ରାଜ୍ୟରେ ମଧ୍ୟ ବେଙ୍ଗ-ବେଙ୍ଗୁଲି ବାହାଘରର ଏକ ନିଆରା ପରମ୍ପରା ରହିଛି। ଏହି ବାହାଘର କରିବା ଦ୍ୱାରା ଭଲ ବର୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଛି। ମରୁଡ଼ି ପଡ଼ିଥିବା ଅଞ୍ଚଳରେ ବେଙ୍ଗ-ବେଙ୍ଗୁଲି ବାହାଘର କରିବା ପରେ ବର୍ଷା ହେବା ସହ ଉତ୍ତମ ଫସଲ ଅମଳ ହେବାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି। (ସମାପ୍ତ)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଡବଲ ଇଞ୍ଜିନ ସରକାରରେ ମିଳିଛି ଟ୍ରିପଲ ବିଫଳତା

ଭୁବନେଶ୍ୱର,୨୨ ।୧(ସମିସ): ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିଲା । କିନ୍ତୁ ବାସ୍ତବରେ ଡବଲ ଇଞ୍ଜିନ ସରକାରରେ ଟ୍ରିପଲ ବିଫଳତା ଦେଖିବାକୁ ମିଳିଛି । ରାଜ୍ୟର ଆର୍ଥିକ ବିକାଶ କ୍ଷେତ୍ରରେ ଅପାର ସମ୍ଭାବନା ସୃଷ୍ଟି ହୋଇଥିବା ବେଳେ ଏହି ସୁଯୋଗ ହାତଛଡା ହେବାକୁ ବସିଲାଣି । ବଡ଼ ବଡ଼ କମ୍ପାନୀ ମାନେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି କୁହାଯାଉଛି, କିନ୍ତୁ ବାସ୍ତବରେ ଶିଳ୍ପ ପ୍ରତିଷ୍ଠା ହୋଇପାରୁନାହିଁ । ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ବିଜେପି ସରକାର ଆବଶ୍ୟକୀୟ ବାତାବରଣ ତିଆରି କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତି ରଞ୍ଜନ ଘଡ଼ାଇ କହିଛନ୍ତି । ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଘଡ଼ାଇ କହିଛନ୍ତି ଯେ, ଗତ ୧୮ ମାସର ବିଜେପି ଶାସନରେ ବିଫଳତା ତାଲିକା ଏତେ ଲମ୍ବା ହୋଇଛି ଯେ, ରାଜ୍ୟବାସୀ ଆଜି ରାଜ୍ୟରେ ଗୋଟିଏ ସରକାର ଅଛି ବୋଲି ଅନୁଭବ କରି ପାରୁ ନାହାନ୍ତି ।

- ରାଜ୍ୟର ଆର୍ଥିକ ବିକାଶ ସୁଯୋଗ ହାତଛଡ଼ା ହେଉଛି
- ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶାର ପତନ ସରକାରଙ୍କ ବଡ଼ ବିଫଳତା
- ଦୁବାଇକୁ ସିଧା ବିମାନ ସେବା ବନ୍ଦ ଆଉ ଏକ ଅପାରଗତା

୨୦୨୨ ମସିହାରେ ଷ୍ଟାର୍ଟଅପ୍ ନିବେଶ କ୍ଷେତ୍ରରେ ରାଜ୍ୟ ସର୍ବଭାରତୀୟ ସ୍ତରରେ ଷଷ୍ଠ ସ୍ଥାନରେ ଥିଲା । କିନ୍ତୁ ୨୦୨୫ ବେଳକୁ ଓଡ଼ିଶା ୨୦ ତମ ସ୍ଥାନକୁ ଖସି ଆସିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ, ଷ୍ଟାର୍ଟଅପ୍ କ୍ଷେତ୍ରରେ ଯୁବବର୍ଗର ଲୋକମାନଙ୍କୁ ସାହସ ଶକ୍ତି ଓ ପ୍ରେରଣା ପ୍ରଦାନ କରାଯାଉଥିଲା । ହେଲେ ଏବେ କାହିଁକି ଓଡ଼ିଶାର ସ୍ଥାନ ତଳକୁ ତଳ ଖସୁଛି ବୋଲି ଶ୍ରୀ ଘଡ଼ାଇ ପ୍ରଶ୍ନ କରିଛନ୍ତି । ଏହା ବ୍ୟତୀତ ନବୀନ ପଟ୍ଟନାୟକଙ୍କ ସମୟରେ ଦୁବାଇକୁ ଆରମ୍ଭ ହୋଇଥିବା ସିଧା ବିମାନ ସେବା



ଏବେ ବନ୍ଦ ହେବାକୁ ଯାଉଛି । ଦୁବାଇ ଏକ ଅନ୍ତର୍ଜାତୀୟ ଟ୍ରେଡ୍ ସେଣ୍ଟର ହୋଇଥିବାରୁ, ଏଠାକୁ ବିମାନ ସେବା ବନ୍ଦ ହେବା ଯୋଗୁ ଏହା ରାଜ୍ୟର ବ୍ୟବସାୟ ବୃଦ୍ଧି ପାଇଁ ବାଧକ ହେବ ବୋଲି ଶ୍ରୀ ଘଡ଼ାଇ କହିଛନ୍ତି ।

ଅନ୍ୟପଟେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ଦର୍ଶାଇ ଶ୍ରୀ ଘଡ଼ାଇ ସରକାରଙ୍କ ଉପରେ ବର୍ଷିଛନ୍ତି । ଲଘୁ ଖଣିଜ ସମ୍ପଦ ଓ ଗୁରୁ ଖଣିଜ ସମ୍ପଦରେ ବ୍ୟାପକ ଲୁଟ ଚାଲିଛି । ଏଇ ଦୁଇ କ୍ଷେତ୍ରରେ ମାଫିଆମାନେ ରାଜ କରୁଛନ୍ତି । ନିକଟରେ କେନ୍ଦୁଝର ଜିଲ୍ଲାରେ ଦିନ ଦ୍ୱିପହରରେ ବ୍ୟାଙ୍କରୁ ଡକାୟତ ମାନେ କୋଟି କୋଟି ଟଙ୍କା ଲୁଟିନେବା ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ସୁରକ୍ଷା ବ୍ୟବସ୍ଥାର ସଦ୍ୟତମ ନମୁନା ସାଜିଛି । ସବୁ କ୍ଷେତ୍ରରେ ବିଫଳତା ଓ ଅରାଜକତା ଦେଖିବାକୁ ମିଳୁଥିବା ବେଳେ, ରାଜ୍ୟ ବିଜେପି ସରକାର ଏହାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହୋଇଛନ୍ତି । ଫଳସ୍ୱରୂପ ଶାସନ ବ୍ୟବସ୍ଥା ଭୁଶୁଡି ପଡିଛି ବୋଲି ରାଜ୍ୟବାସୀ ଅନୁଭବ କରୁଛନ୍ତି । ରାଜ୍ୟ ସରକାରଙ୍କର ତୁରନ୍ତ ନିଦ୍ରା ଭଙ୍ଗ ହେବା ଦରକାର ଓ ରାଜ୍ୟର ଶାସନ ବ୍ୟବସ୍ଥାରେ ସରକାର ସୁଧାର ଆଣିବା ଉଚିତ । ନଚେତ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଘଡ଼ାଇ ଚେତାବନୀ ଦେଇଛନ୍ତି ।

## ବେଗୁନିଆ ବାସୁଦେବ ହତ୍ୟା ଘଟଣା

# ହତ୍ୟାକାଣ୍ଡ ପରେ ଘଟଣାସ୍ଥଳକୁ ଯାଇ ନ ଥିଲେ ଥାନା ଅଧିକାରୀ

ଭୁବନେଶ୍ୱର,୨୨ ।୧(ସମିସ): ବେଗୁନିଆ ଥାନା ଦଲକ ରାସ୍ତାରେ ଖଣି ବ୍ୟବସାୟୀ ବାସୁଦେବ ପରିଡ଼ା ହତ୍ୟାକାଣ୍ଡକୁ ୩ ଦିନ ବିତିଛି । ପୁଲିସ ୨୦ରୁ ଅଧିକ ଲୋକଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲେ ମଧ୍ୟ ଏଯାଏଁ କାହାରିକୁ ଗିରଫ କରିପାରିନାହିଁ । ଏହାରି ଭିତରେ ଖୋର୍ଦ୍ଧା ଜିଲ୍ଲା ପୁଲିସର ଚରମ ଅବହେଳା ସାମ୍ନାକୁ ଆସିଛି । ହତ୍ୟାକାଣ୍ଡ ପରେ ତୁରନ୍ତ ଘଟଣାସ୍ଥଳକୁ ଯାଇନଥିବାରୁ ଖୋର୍ଦ୍ଧା ଏସପି ବିବେକାନନ୍ଦ ଶର୍ମା ଓ ବେଗୁନିଆ ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାଏକ । କେନ୍ଦ୍ରାଞ୍ଚଳ ଆଇଜିଙ୍କ ଏହି ଚିଠି ଏବେ ପୁଲିସର ଅପାରଗତାକୁ ପଦାରେ ପକାଇଛି ।

**ଏସ୍‌ପି ଓ ଆଇଆଇସିଙ୍କୁ କାରଣ ଦର୍ଶାଅ ନୋଟିସ୍**

ସୂଚନା ଅନୁସାରେ, ଜାମୁ ସାହିର ବାସୁଦେବ ଓ ସ୍ଥାନୀୟ ଅଞ୍ଚଳର ଦେବବ୍ରତ ବରାଳ ମଧ୍ୟରେ ଖଣି ବ୍ୟବସାୟୀକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିବା ବେଳେ ହାତାହାତି ମଧ୍ୟ ହୋଇଥିଲେ । ଗତ ସୋମବାର ସନ୍ଧ୍ୟାରେ ବାସୁଦେବ ନିକଟସ୍ଥ ଜଳାଶୟକୁ ଶୌଚ ହେବାକୁ ଯାଇଥିବା ବେଳେ ୧୦ରୁ ଅଧିକ ଦୁର୍ବୃତ୍ତ ତାଙ୍କୁ ଗୁଳିମାଡ଼ କରିଥିଲେ । ବାସୁଦେବ ପଡ଼ିଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ । ଯିବାବେଳେ ଘଟଣାସ୍ଥଳରେ ଏକ ବୁଲେଟ୍ ବାଇକ୍ ଛାଡ଼ି ପଳାଇଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଡାକ୍ତରଖାନାରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଲୋକମାନେ ଅଭିଯୁକ୍ତ ଛାଡ଼ି ଯାଇଥିବା ଗାଡ଼ିକୁ ଭଙ୍ଗାରୁଜା କରିଥିଲେ । ଦୁର୍ବୃତ୍ତମାନେ ବିନା କୌଣସି ଭୟରେ ବ୍ୟବସାୟୀଙ୍କୁ ଗୁଳି ମାରି ହତ୍ୟା କରିଥିବାରୁ ସ୍ଥାନୀୟ ଲୋକମାନେ ନିଜକୁ ଅସୁରକ୍ଷିତ ମଣିବା ସହ ପୁଲିସର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠାଇଥିଲେ । ଫଳରେ ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ସବୁଠାରୁ ସାଙ୍ଘାତିକ କଥାଟି ହେଉଛି, ଠିକ୍ ହତ୍ୟାକାଣ୍ଡ ପରେ ବେଗୁନିଆ ଥାନା ଅଧିକାରୀ ତୁରନ୍ତ ଘଟଣାସ୍ଥଳକୁ ଯାଇନଥିଲେ । କେବଳ ଥାନା ଅଧିକାରୀ ନୁହଁନ୍ତି, ଜିଲ୍ଲା ପୁଲିସର କୌଣସି ବରିଷ୍ଠ ଅଧିକାରୀ ମଧ୍ୟ ଘଟଣାସ୍ଥଳକୁ ଯାଇନଥିଲେ । ଗୁଳିମାଡ଼ ଓ ହତ୍ୟାକାଣ୍ଡ ଭଳି ସମ୍ବେଦନଶୀଳ ଘଟଣାରେ ଘଟଣାସ୍ଥଳକୁ ନ ଯିବା, ପୁଲିସର ଖାମଖିଆଲି ମନୋଭାବକୁ ପ୍ରମାଣିତ କରିଛି । ଏହି ଘଟଣା ନଜରକୁ ଆସିବା ପରେ ଖୋର୍ଦ୍ଧା ଏସପି ଓ ବେଗୁନିଆ ଥାନା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଦେଇଛନ୍ତି କେନ୍ଦ୍ରାଞ୍ଚଳ ଆଇଜି । ଏହା ଦୁର୍ଭାଗ୍ୟଜନକ ବୋଲି କହିବା ସହ ସଂପୃକ୍ତ ଥାନା ଅଧିକାରୀ ଓ ଜିଲ୍ଲା ପୁଲିସର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସ୍ପଷ୍ଟୀକରଣ ମାଗି ୩ ଦିନ ମଧ୍ୟରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ରମିକ ହୋଇ ଯାଇଥିଲେ; ଶବ ହୋଇ ଫେରିଲେ

ମହୁଲଡିହା, ୨୨।୧(ସମିସ): ପାରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିବାରୁ କାମ ଅନ୍ୱେଷଣରେ ତାମିଲନାଡୁ ଯାଇଥିଲେ । କିନ୍ତୁ ସେଠାରୁ ଆଉ ଫେରିଲେନି, ତାଙ୍କ ଶବ ଫେରିଲା । ମୃତକ ହେଲେ, ଚମ୍ପାଝର ପଞ୍ଚାୟତର ଦିଲିଗଞ୍ଜା ଗ୍ରାମର ବାର୍ଣ୍ଣବାସ କାଲୁଣ୍ଡିଆଙ୍କ ସାନ ପୁଅ କୁଶ (୨୦) । କୁଶ ତାମିଲନାଡୁର ମଦୁରାଇରେ ଥିବା 'ପବନ ବି ହାଇଟେକ କମ୍ପାନୀ'ରେ ଗତ ଦେଢ଼ବର୍ଷ ହେଲା କାମ କରୁଥିଲେ । କିଛି ଦିନ ତଳେ ତାଙ୍କର ମୁଣ୍ଡବ୍ୟଥା ହୋଇଥିଲା । ନିଜେ ଦୋକାନରୁ ଔଷଧ କିଣି ଖାଇବା ସହ ଇଞ୍ଜେକ୍ସନ ନେଇଥିଲେ । କିନ୍ତୁ ଦେହ ଭଲ ହେବା ପରିବର୍ତ୍ତେ ସେ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ରବିବାର ତାଙ୍କୁ ଆଇସିୟୁରେ



ଭର୍ତ୍ତି କରାଯାଇଥିଲା । ମାତ୍ର ଗତ ସୋମବାର ରାତିରେ କୁଶଙ୍କ ଦେହାନ୍ତ ହୋଇଯାଇଛି । ଏକ ଆମ୍ବୁଲାନ୍ସରେ ତାଙ୍କ ଶବ ଗାଁକୁ ଫେରୁଥିବା ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ, ପରିବାରର ଆର୍ଥିକ ଅବସ୍ଥା ଠିକ୍ ନଥିବାରୁ କୁଶ ଦେଢ଼ବର୍ଷ ତଳେ ମଦୁରାଇ ଯାଇ କମ୍ପାନୀରେ କାମ କରୁଥିଲେ । କୁଶଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।

# ୭୨ ପ୍ରଧାନଶିକ୍ଷକଙ୍କ ମାସକର ଦରମା ବନ୍ଦ

ପୁରୀ,୨୨।୧(ସମିସ):ସରକାରୀ ନିର୍ଦ୍ଦେଶନାମାକୁ ଅବମାନନା କରିବା ପୁରୀ ଜିଲ୍ଲାର ୭୨ଜଣ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡ଼ିଛି । ସେମାନଙ୍କର ଗୋଟିଏ ମାସର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଦୀପକ ପାଢ଼ୀ । ବର୍ଷା ସମୟରେ ବଜ୍ରପାତ ହେଲେ ସେଥିରୁ କିଭଳି ସୁରକ୍ଷିତ ରହିପାରିବେ ଏବଂ ସାପ କାମୁଡ଼ିଲେ ତୁରନ୍ତ କିଭଳି ପ୍ରାଥମିକ ଚିକିତ୍ସା ହୋଇପାରିବ, ସେନେଇ ଜିଲ୍ଲାର ସମସ୍ତ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ବଜ୍ରପାତ ସଚେତନ ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ୨ହଜାର ଟଙ୍କା ଲେଖାଏଁ ଏବଂ ସାପକାମୁଡ଼ା ସଚେତନତା ଲାଗି ସବୁ ବିଦ୍ୟାଳୟକୁ ୨୫୦୦ଟଙ୍କା ଲେଖାଏଁ, ଏହିପରି ଗୋଟିଏ ବିଦ୍ୟାଳୟକୁ ମୋଟ୍ ୪୫୦୦ ଟଙ୍କା ପ୍ରଦାନ କରାଯାଇଥିଲା । ହେଲେ ଶିବିର ନେଇ କୌଣସି ସୂଚନା ଦେଇ ନ ଥିବାରୁ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ଜିଲ୍ଲା ଶିକ୍ଷାଧିକାରୀ । ଜିଲ୍ଲାର ୭୨ଜଣ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ୧ମାସର ଦରମା ବନ୍ଦ କରିବାକୁ ଚିଠି ଜରିଆରେ ନିର୍ଦ୍ଦେଶ ଜାରି କରାଯାଇଛି । ବଜ୍ରପାତ ସଚେତନତା କାର୍ଯ୍ୟକ୍ରମର ହିସାବ ନ ଦେବାରୁ ୩୮ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କର ଏବଂ ସାପକାମୁଡ଼ା ଲାଗି ସଚେତନତା କାର୍ଯ୍ୟକ୍ରମର ହିସାବ ନ ଦେବାରୁ ୩୪ଜଣ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କର ଦରମା ବନ୍ଦ ହୋଇଛି । ଜାନୁଆରୀ ମାସର ଦରମା ପ୍ରଦାନ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଡିଇଓ ଶ୍ରୀ ପାଢ଼ୀ ।

# ହିତାଧିକାରୀଙ୍କୁ ମିଳିଲା ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୨୨ ।୧(ସମିସ): ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ଗୁରୁବାର ଆୟୋଜିତ ସୁଭଦ୍ରା ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିବିଟି ମାଧ୍ୟମରେ ୪ଲକ୍ଷ ୫୭ ହଜାର ୬୮୧ ହିତାଧିକାରୀଙ୍କ ଆକାଉଣ୍ଟକୁ ୩୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି ।


**OFFICE OF THE ROURKELA MUNICIPAL CORPORATION**
UditNagar, Rourkela Dist. –Sundargarh (Odisha) Pin-769012 Website: www.rmc.nic.in
Email Id: rourkelamunicipality@gmail.com

C-2161

No. 776 Date: 21.01.2026

**Tender Call Notice**

The Municipal Commissioner on behalf of Rourkela Municipal Corporation invites sealed applications in conformation with detailed Tender call notice from the reputed firms /Agencies for **"Open area development along with Erection of 01 No. of Sculptures at NH Entry Point towards Hockey Chowk".**

Detail technical specifications, along with terms & conditions etc. may be seen from the Tender Odisha Website i.e. www.tendersorissa.gov.in and Website of Rourkela Municipal Corporation i.e. www.rmc.nic.in. Date of issue of tender document **22.01.2026.**

**Commissioner**
**Rourkela Municipal Corporation**

OIPR-



**AFFIDAVIT**

By virtue of an affidavit before the Notary Public, Pipili, dtd. 22.01.2026, I, Pramila Panigrahi, resident of Oupada, PS- Patamundai, Dist- Kendrapada declare that my name is recorded as ANITA SAMANTARAY, C/o Sridhar Panigrahi in my Aadhaar Card but in Resident Certificate my name is mentioned as PRAMILA PANIGRAHI, W/o Sridhar Panigrahi. That both the names refer to one and the same person, i.e., myself.

**AFFIDAVIT**

By Virtue of an affidavit Sworn Before the Notary public, Kendrapara Town, Kendrapada, I, **Subrata Sahu, S/o: Pratapa Sahu,** resident of village, Angarbandha, P.O: Khandahata, P.S: Angul, Dist.: Angul, Odisha declare by this Affidavit No.: 501, dtd: 21/01/2026 that My name and my fathers name was wrongly mentioned as Subrat Sahu, S/o: Pratap Sahu instead of **Subrata Sahu, S/o:Pratapa Sahu** in my B.tech Certificate. Henceforth, I shall be known as **Subrata Sahu, S/o: Pratapa Sahu** for all purposes.

**AFFIDAVIT**

By Virtue Of an Affidavit no. 2168 dtd. 30.12.2025 the Executive Magistrate Khandapada, I Dillip Lenka S/o- Arjun Lenka At- PithaKhai, Po/Ps- Fategarh, Pin- 752077 Dist- Nayagarh have changed my Son's name SUBHARNSHU LENKA to SUDHANSU KUMAR LENKA. Henceforth He will be known as SUDHANSU KUMAR LENKA for all purposes.


# ବିମଳ ଦାସଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର,୨୨ ।୧(ସମିସ): କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ତଥା ବିଶିଷ୍ଟ ସମାଜସେବୀ ବିମଳ ଦାସଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକବାର୍ତ୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ସ୍ୱର୍ଗତ ବିମଳ ଦାସ ବିଜୁ ବାବୁଙ୍କ ଘନିଷ୍ଠ ଅନୁଗାମୀ ଥିଲେ । ସେ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟକୁ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିଲେ । ଶ୍ରୀ ପଟ୍ଟନାୟକ,ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି ।

# ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଭୁବନେଶ୍ୱର,୨୨ ।୧(ସମିସ): ରାଜ୍ୟରେ ୪୦,୩୮୦ ଗୋଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଛି । ଆଗାମୀ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗୁରୁବାର ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତାହାର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି । ପ୍ରାଚୀନ ଜଳସେଚନ ପଦ୍ଧତିରେ ଜଳର ଅପଚୟ ହେଉଥିବାବେଳେ, ପାଣି ପଞ୍ଚାୟତ ମାଧ୍ୟମରେ ସମତାମୂଳକ ଓ ଦକ୍ଷ ଜଳ ବଣ୍ଟନ ସମ୍ଭବ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।


**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, CF.NO- 37, dated 21-01-2026 I, **OM PRAKASH MAHAPATRA,** S/o Late Jagannath Mahapatra Permanent resident of Flat No- 104, Lumbini Enclave, Niladri Vihar, Opposite Care Hospital, Sailashree Vihar, Po/Ps: Sailashree Vihar, Bhubaneswar, Dist- Khordha, Odisha - 751021 declare that I have changed my minor daughter's name from **SAINA** (Old name) to **BHOOMEE MAHAPATRA** (New name), Henceforth, she shall be known as **BHOOMEE MAHAPATRA** for all purposes.

( Sd- OM PRAKASH MAHAPATRA )

**LOST**

I Hrushikesh Panda, C/o Dhanjaya Panda of Manitribhuban, Village Raghunathpur, PS: Infocity, District- UPD, Bhubaneswar, Odisha, Pin- 751024 declare that I was issued a Property Sale Deed NO- 6898 - 11/12/2000 which has been lost at near RTO Saheed Nagar on dated 16/01/2026 at 15.01 hrs. I could not tract it out. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority for issue of a Certified Copy of ROR/Pattain my favour.

Sd- Hrushikesh Panda



**ସର୍ବସାଧାରଣ ବିଜ୍ଞପ୍ତି**

(ସିଭିଲ ପ୍ରକ୍ରିୟା ସଂହିତାର ଆଦେଶ V, ନିୟମ 20 ଅନୁସାରେ)

**ମାନ୍ୟନୀୟ CJ-02 (ଦକ୍ଷିଣ)ଙ୍କ ଆଦାଲତ, ସାକେତ କୋର୍ଟସ୍, ନୂଆଦିଲ୍ଲୀ**

**CSSCJ83258/16**

ଅଲଷ୍ଟ୍ରଙ୍ଗ ଏଣ୍ଟରପ୍ରାଇଜେସ୍ ଇଣ୍ଡିଆ ପ୍ରା. ଲିଃ. ...ବାଦୀ

ବନାମ

କ୍ରିଷ୍ଣା ହାର୍ଡଓ୍ୱାର ପ୍ଲାଏ ଆଣ୍ଡ ଅନ୍ୟମାନେ ...ପ୍ରତିବାଦୀ

ମାନ୍ୟନୀୟ ଅଦାଲତଙ୍କ ଦ୍ୱାରା ତା.୧୩.୦୧.୨୦୨୬ରିଖରେ ଜାରି ହୋଇଥିବା ଆହ୍ୱାନପତ୍ର ଆଦେଶ ଅନୁଯାୟୀ, ପ୍ରତିବାଦୀମାନେ ଅର୍ଥାତ କୃଷ୍ଣା ହାର୍ଡୱେୟାର ପ୍ଲାଏ ଏବଂ ଅନ୍ୟମାନେ, ଯାହାଙ୍କ ଠିକଣା ପ୍ଲଟ୍ ନମ୍ବର- ୮୭, ଏନ୍‌ଏଚ୍-୫, ଉଦୟଗିରି ବିହାର ରୋଡ୍ ଗେଟ୍ ନିକଟ, ପାତ୍ରପଡା, ଭୁବନେଶ୍ୱର - ୭୫୧୦୧୯ଙ୍କୁ ଏହି ନୋଟିସ୍ ମାଧ୍ୟମରେ ସୂଚିତ କରାଯାଉଛି ଯେ ସେମାନେ ମାନ୍ୟନୀୟ ଶ୍ରୀ ଯଶଦୀପ ଚାହାଲ, ଏଲ୍.ଡି. ସିଜେ-୦୨ (ଦକ୍ଷିଣ), ସାକେତ କୋର୍ଟସ୍, ନୂଆଦିଲ୍ଲୀଙ୍କ ଅଦାଲତରେ ତା.୧୩.୦୨.୨୦୨୬ ରିଖ, ସକାଳ ୧୦.୦୦ ଘଟିକାରେ ଉପସ୍ଥିତ ହେବେ ।

**ଅଭିନବ ଗର୍ଗ**
**ବାଦୀଙ୍କ ପକ୍ଷରୁ ଆଇନଜୀବୀ**
**ଏ-୪୦୧, ଏଲଜିଏଫ୍,**
**ଡିଫେନ୍ସ କଲୋନୀ, ନୂଆଦିଲ୍ଲୀ-୨୪**
**ମୋ- ୯୮୧୦୧୯୬୯୮**



**AFFIDAVIT**

I, Dhiresh Chandra Gochhayat Age-65, S/o-Late Upendra Gochayat ,At/Po--Panchapada,Ps-Basta,Dist-Balasore,Odisha, declared by affidavit before In The Court of A.Mahalik (O.R.S) Executive Magistrate,Balasore ,No-433,dtd-19/01/2026.That ,In ROR Mouza-Sartha, Khata No-2610/1243,P.S.No-114, My Name is Mentioned as Dinesh Chandra Gochhayat. Hence this affidavit **DINESH CHANDRA GOCHHAYAT & DHIRESH CHANDRA GOCHHAYAT** same and one person for all future purpose.

**Dhiresh Chandra Gochhayat**


## ଜିଲ୍ଲା ମୁଖ୍ୟାଳୟକୁ 'ମୁଖ୍ୟମନ୍ତ୍ରୀ ବସ୍' ଚଳାଚଳକୁ ବିରୋଧ

# ଘରୋଇ ବସ୍ ଧର୍ମଘଟ ସମ୍ପର୍କିତ ନିଷ୍ପତ୍ତି ଆଜି

କଟକ, ୨୨।୧ (ସମିସ): ଗ୍ରାମାଞ୍ଚଳ ତଥା ବ୍ଲକ୍‌ରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଆସୁଥିବା ବେଳେ ଆଜି ପରିବହନ କମିସନର ଅମିତାଭ ଠାକୁରଙ୍କ ସହ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ବସ୍ ସେବା

### ରୁଟ୍ ସମ୍ପର୍କିତ ନିଷ୍ପତ୍ତି ନେବ ସ୍ୱତନ୍ତ୍ର କମିଟି

ବନ୍ଦ କରାନଗଲେ, ଧର୍ମଘଟ ପାଇଁ ପୂର୍ବରୁ ବସ୍ ମାଲିକ ସଂଘ ଚେତାବନୀ ଦେଇଥିବା ବେଳେ ଏ ସମ୍ପର୍କରେ ଆସନ୍ତାକାଲି ନିଷ୍ପତ୍ତି ଚୂଡ଼ାନ୍ତ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି । ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ, କୌଣସି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଚଳାଚଳ ପୂର୍ବରୁ ଏକ କମିଟି ଗଠନ କରାଯିବ । ଏହି କମିଟିରେ ଜିଲ୍ଲାପାଳ, ଆର୍‌ଟିଓ, ଡିଟିଏମ୍ ଓ ଆଞ୍ଚଳିକ ବସ୍ ମାଲିକ ସଂଘର ପ୍ରତିନିଧିମାନେ ରହିବେ । କେଉଁ ରୁଟ୍‌ରେ ଏହି ବସ୍ ଚଳାଚଳ କରିବ, ଏହି କମିଟି ନିଷ୍ପତ୍ତି ଗ୍ରହଣ କରିବ । ତଥାପି ଯଦି କିଛି ଆପତ୍ତି ଥାଏ, ତାହାକୁ ପରିବହନ କମିସନରଙ୍କ ନିକଟରେ ସମୀକ୍ଷା କରାଯିବ । ଜଗତସିଂହପୁରରେ ଜିଲ୍ଲାପାଳ ଏହି ବସ୍ ସେବାକୁ ସଦର ମହକୁମାକୁ ସମ୍ପ୍ରସାରିତ କରି ଚଳାଇ ଆସୁଥିବା ନେଇ



ସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇଥିଲା ।

ବୈଠକରେ ଘରୋଇ ବସ୍ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ରବୀନ୍ଦ୍ର କୁମାର ମହାନ୍ତି, ଜଗଦୀଶ ମହାନ୍ତି, ବରଦା ପ୍ରସନ୍ନ ଆଚାର୍ଯ୍ୟ, ସସ୍ମିତକାନ୍ତ ମହାନ୍ତି, ଶ୍ରୀକାନ୍ତ ପାଣି, ପ୍ରମୋଦ ବେହେରା, ପ୍ରିୟବ୍ରତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶଥାଉକି, ଜାନୁଆରୀ ୨୩ ସୁଦ୍ଧା ସରକାର ଯଦି ପଞ୍ଚାୟତରୁ ଜିଲ୍ଲା ମୁଖ୍ୟାଳୟ ପର୍ଯ୍ୟନ୍ତ ଚାଲୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବନ୍ଦ ନ କରନ୍ତି, ତେବେ ଆନ୍ଦୋଳନ ଜୋରଦାର ହେବ । ପ୍ରତିବାଦସ୍ୱରୂପ ଜାନୁଆରୀ ୨୪ରୁ ସମଗ୍ର କଟକ ଜିଲ୍ଲାରେ ଘରୋଇ ବସ୍ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଗତ ୧୭ ତାରିଖରେ ଘୋଷଣା କରିଥିଲା ବସ୍ ମାଲିକ ସଂଘ । ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା । କିନ୍ତୁ ବର୍ତ୍ତମାନ ଏହି ବସ୍‌ଗୁଡ଼ିକ ଜିଲ୍ଲା ମୁଖ୍ୟାଳୟ ସମେତ ଅନ୍ୟାନ୍ୟ ପ୍ରମୁଖ ରୁଟ୍‌ରେ ଚାଲୁଛି, ଯାହା ଘରୋଇ ବସ୍ ମାଲିକଙ୍କ ବ୍ୟବସାୟକୁ ଗଭୀର ଭାବେ ପ୍ରଭାବିତ କରୁଛି । ବିଶେଷକରି ସରକାରୀ ବସ୍‌ରେ ମାତ୍ର ୫ଟଙ୍କା ଭଡ଼ା ରହିଥିବାରୁ ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି ।


ଦେବଗଡ଼ ଜିଲ୍ଲାରେ ପ୍ରଗତି ପଥେ ଜଳ ବିଭାଜିକା ଉନ୍ନୟନ ଯୋଜନା :-

କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ :-

୧ . ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (PMKSY WDC 2.0)

୨. REWARD

୩ . କ୍ଷେତ ପୋଖରୀ ଯୋଜନା

୪. ବୃଷ୍ଟିପୁଷ୍ଟ ଅଞ୍ଚଳ ଉନ୍ନୟନ ଯୋଜନା

ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନତାର ସାମଗ୍ରିକ ବିକାଶ ପାଇଁ ପ୍ରତିବଦ୍ଧ ଅଟୁ ସଦାସର୍ବଦା ।

ଶୁଭେଚ୍ଛା ସହ
ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା,
ଦେବଗଡ଼



**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated- 13/01/2026. I, **Jay Prakash Moharana,** S/o- Padmanava Moharana, resident of Bharagola, Nayahat, Dist- Puri, Odisha, Pin - 752107, declare that my correct name is **Jay Prakash Moharana** which is mentioned in my Aadhar Card but in Educational Documents and some other documents my name has been mentioned as **Jayaprakash Moharana** instead of **Jay Prakash Moharana.** Henceforth, I shall be known as **Jay Prakash Moharana** for all future purposes.

**AFFIDAVIT**

I, Neetu Bondia, W/o- Kamal Prasad Bondia, resident of At- Marwaripara Jharsuguda, Po/Ps/ Dist- Jharsuguda, PIN- 768201, Odisha declared by this affidavit No. 17, dtd- 21/01/2026 that now onwards I shall be known as **NITU BONDIA** for all future purposes.



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ନୟାଗଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ନୟାଗଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ନୟାଗଡ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସରୋଜ କୁମାର ନାୟକ, ପିତା: ଶ୍ରୀ ରାଜୁ ନାୟକ, ୨) ଶ୍ରୀମତୀ ପ୍ରମିଳା ଦେଇ, ସ୍ୱାମୀ: ଶ୍ରୀ ରାଜୁ ନାୟକ, ଉଭୟଙ୍କ ଠିକଣା- ସା: ବଡହରିଜନ ସାହି, ନୟାଗଡ ଏନ୍.ଏ.ସି, ଜିଲ୍ଲା: ନୟାଗଡ | ତା.୨୯.୦୮.୨୦୨୫ରିଖ ସୁଦ୍ଧା ଟ.୪,୧୩,୦୮୧.୦୨ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୮.୨୦୨୫ / ୨୦.୦୧.୨୦୨୬ | **ଶ୍ରୀ ସରୋଜ କୁମାର ନାୟକ,** ପିତା: ଶ୍ରୀ ରାଜୁ ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଗଡ, ତହସିଲ / ଏସ୍‌ଆରଓ /ଜିଲ୍ଲା: ନୟାଗଡ, ଖାତା ନଂ.: ୧୨୧୯/୩୧୨୯, ପ୍ଲଟ୍ ନଂ.: ୧୩୯୨, କ୍ଷେତ୍ର: ଏକର ୦.୦୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: କୃଷ୍ଣ ମାହାର, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ନାୟକ, ଉତ୍ତର: ପିଚୁ ରାସ୍ତା, ଦକ୍ଷିଣ: ସିସି ରୋଡ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୨୨.୦୧.୨୦୨୬ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



**ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, ଭବାନୀପାଟଣା**

ରେ : ନଂ : ୨୨୯ ବି / ତା : ୩୧.୧୦.୧୯୪୯

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ପତ୍ର ସଂଖ୍ୟା: ୨୭୫୬ — ତାରିଖ: ୧୯.୦୧.୨୦୨୬

ଏତଦ୍ ଦ୍ୱାରା ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇଦିଆଯାଉଛି ଯେ, ବ୍ୟାଙ୍କର ୬୬ ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୪.୦୨.୨୦୨୬ (ବୁଧବାର) ୧୧.୩୦ ଘଟିକା ସମୟରେ ଏସ୍ ଏନ୍ କଲ୍ୟାଣ ମଣ୍ଡପ, ରିଷିଗାଁ ଛକ, ଭବାନୀପାଟଣା ଠାରେ ଅନୁଷ୍ଠିତ ହେବ ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନ କାର୍ଯ୍ୟ ସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ ।

**ବି:ଦ୍ର: ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତି ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ**

**କାର୍ଯ୍ୟସୂଚୀ**

୧. ଗତ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢୀକରଣ ।
୨. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ ।
୩. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ବାର୍ଷିକ ସମୀକ୍ଷା ବିବରଣୀ (ଅଡିଟ୍ ରିପୋର୍ଟ) ପଠନ ଓ ଗ୍ରହଣ ।
୪. ବ୍ୟାଙ୍କର ୨୦୨୫-୨୦୨୬ ବର୍ଷର ବାର୍ଷିକ ବଜେଟ ଅନୁମୋଦନ ।
୫. ବ୍ୟାଙ୍କର ୨୦୨୪-୨୦୨୫ ବର୍ଷର ଲାଭାଂଶ ବଣ୍ଟନ ସମ୍ବନ୍ଧେ ।
୬. ଅନ୍ୟାନ୍ୟ (ସଭାପତିଙ୍କ ଅନୁମତି କ୍ରମେ) ।

ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## ଜଗତସିଂହପୁର ପୁସ୍ତକମେଳା ଉଦ୍‌ଯାପିତ

# ଭାଷାର ବିକାଶ ନିମନ୍ତେ ପୁସ୍ତକ ମେଳା ଗୁରୁତ୍ୱପୂର୍ଣ୍ଣ

ଜଗତସିଂହପୁର,୨୩ା୧(ସମିସ)




ବହିର ବିକଳ୍ପ ନାହିଁ ବହି ପଢ଼ିବା ଦ୍ୱାରା ଆମର ଜ୍ଞାନ ବୃଦ୍ଧି ହେବା ସହିତ ଆମ ଭିତରେ ସୁଧାର ଆସିଥାଏ ବୋଲି ୨୭ତମ ଜଗତସିଂହପୁର ପୁସ୍ତକ ମେଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମତ ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସାହିତ୍ୟିକ ଦୁର୍ଯ୍ୟୋଧନ କାଠୁଆ ଉପେନ୍ଦ୍ରଭଞ୍ଜଙ୍କ ଆଦିକବି ସାରଳା ଦାସଙ୍କ ସାହିତ୍ୟ କୃତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜଗତସିଂହପୁର ଜିଲ୍ଲାପାଳ ତଥା ସାଂସ୍କୃତିକ ପରିଷଦର ସଭାପତି ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବରେ ସାଂସଦ ବିଭୁପ୍ରସାଦ ତରାଇ, ଜଗତସିଂହପୁର ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମା, ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଏବଂ ସ୍ମୃତିପତ୍ରର ମୁଖ୍ୟ ସମ୍ପାଦକ ମନେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ବଞ୍ଚିବା ପାଇଁ ତଥା ଓଡ଼ିଆ ଭାଷାର ବିକାଶ ନିମନ୍ତେ ପୁସ୍ତକ ମେଳାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରିଣୀ କମିଟି ସଦସ୍ୟ ମାନସ ରଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିରଞ୍ଚି ନାରାୟଣ ରଥ ଓ ସାଥି ମାନେ ବେଦ ପାଠ କରିଥିଲେ। ଅତିଥି ମାନଙ୍କ ଦ୍ୱାରା ଜଗତସିଂହପୁର ସାଂସ୍କୃତିକ ପରିଷଦର ମୁଖପତ୍ର ସ୍ମୃତିପତ୍ରର ଉନ୍ମୋଚନ କରାଯାଇଥିଲା। ମଧ୍ୟାହ୍ନରେ ରାଜ୍ୟସ୍ତରୀୟ କବିତାପାଠୋତ୍ସବ ଓ ଜଣାଅଜଣା କାର୍ଯ୍ୟକ୍ରମ ସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ କଳା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାକୁ ସ୍ୱର୍ଗତ ସଂଗ୍ରାମ କେଶରୀ ମହାନ୍ତିଙ୍କ ସ୍ମୃତିରେ ଉତ୍ସର୍ଗ ହୋଇଥିଲା। ଶେଷରେ କ୍ରାନ୍ତି କଲଚରାଲ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜାତୀୟ କନ୍ୟା ସନ୍ତାନ ସପ୍ତାହ



ଜଗତସିଂହପୁର,୨୩ା୧(ସମିସ): ଆଜି ଜଗତସିଂହପୁର ସଦର ମହକୁମା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରଶ୍ମିରଞ୍ଜନ ପଟ୍ଟନୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳିତ ହୋଇଯାଇଛି। ଉତ୍ସବରେ ବିଏସ୍‌ଏସଓ ଇନ୍ଦ୍ରମଣି ପ୍ରଧାନ, ଅତିରିକ୍ତ ତହସିଲଦାର ମନୋଜ କୁମାର ବେହେରା, ରଘୁନାଥପୁର ବ୍ଲକ ଏବିଡିଓ ବୈରାଗୀ ଚରଣ ସେଠୀ, ବିରିଡି ବ୍ଲକ ଏବିଡିଓ ଲୋପାମୁଦ୍ରା ନାୟକ, ଏଡିଡବ୍ଲୁଓ ରଞ୍ଜୁ ଦେଇ, ବାଲିକୁଦା ବ୍ଲକ ଏବିଡିଓ ଏସ୍‌ଆର ମହାନ୍ତି, ସାଇବର ଥାନା ଅଧିକାରୀ ଭାସ୍ୱତ୍ ରଞ୍ଜନ ରାୟ, ଆଇନ ଅଧିକାରୀ ଜଗନ୍ନାଥ ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର କୁମାର ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସକାଳୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ରାଜେନ୍ଦ୍ର କୁମାର ପାଣିଗ୍ରାହୀ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ପ୍ରସୂତି ୱାର୍ଡରେ ନବଜାତକ ଶିଶୁ କନ୍ୟାମାନଙ୍କର ମା'ମାନଙ୍କୁ ଶୀତ ବସ୍ତ୍ର ପ୍ରଦାନ କରିବା ସହିତ ଜନ ସଚେତନତା ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥଟି ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ବୁଲି କନ୍ୟା ସନ୍ତାନ ମାନଙ୍କ ସୁରକ୍ଷା ବାର୍ତ୍ତା ବିଷୟରେ ଲୋକମାନଙ୍କୁ ସଚେତନ କରିବ। ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ମୁଖ୍ୟ ଚିକିତ୍ସାଳୟର ସୂପରିଟେଣ୍ଡେଣ୍ଟ ଡା. ସରୋଜ କୁମାର ଜେନା, ବରିଷ୍ଠ ଓ ଆଣ୍ଡ ଜି ସ୍ପେଶାଲିଷ୍ଟ ଡା. ଦୀପ୍ତି ରଞ୍ଜନ ଭୁଇଆଁ, ହସ୍ପିଟାଲ ମ୍ୟାନେଜର, ନର୍ସିଂ ଅଧିକାରୀ ଓ ସ୍ୱାସ୍ଥ୍ୟକର୍ମୀ ମାନେ ଉପସ୍ଥିତ ଥିଲେ। ଉତ୍ସବକୁ ଅତିରିକ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ କୁମାର ମହାପାତ୍ର ସହ ପରିଚାଳକ ନିରୋଦ କୁମାର ପ୍ରଧାନ, ଜିଲ୍ଲା ଟିକା ପରିଚାଳକ ପାର୍ଥସାରଥୀ କରସର୍ମା ପରିଚାଳନା କରିଥିଲେ। ଏହି ଅବସରରେ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କେନ୍ଦ୍ରାପଡ଼ାରୁ ଅଠରବାଙ୍କୀ ରାସ୍ତା ୫ ଘଣ୍ଟା ଜାମ୍

ପାରାଦୀପ,୨୨ା୧(ସମିସ): କେନ୍ଦ୍ରାପଡ଼ାରୁ ପାରାଦୀପ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତା ଅପରାହ୍ନରୁ ରାତି ୧୦ଟା ପର୍ଯ୍ୟନ୍ତ ଜାମ ରହିଥିଲା। ରାସ୍ତାରେ ସହ ସହ ଆଇରନ ଟ୍ରକ, କଟକ-ପାରାଦୀପ ବସ୍, କାର, ବାଇକ୍ ଓ ଶିଳ୍ପ କଳ କାରଖାନାରୁ ଘରକୁ ଫେରୁଥିବା ଶ୍ରମିକ କର୍ମଚାରୀ ସମସ୍ତେ ରାସ୍ତାରେ ଏକ ପ୍ରକାର ଫସି ରହିଥିଲେ ଏହି ଜାମ ପାଇଁ। ଏପରିକି ପୁଲିସ ଏହି ଜାମକୁ ନିୟନ୍ତ୍ରଣ କରିବା ମୁସ୍କିଲ ହୋଇ ପଡ଼ିଥିଲା। ଥାନା ପକ୍ଷରୁ ୫ଟି ପିସିଆର ଭ୍ୟାନ ରାସ୍ତାରେ ପରିସ୍ଥିତିକୁ ସୁଧାରିବା ପାଇଁ ଚେଷ୍ଟା କରି ମଧ ଫେଲ ମାରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଆଡିସିନାଲ ଏସ୍‌ପିଙ୍କ ନେତୃତ୍ୱରେ ଲକ୍‌ଥାନା ଆଇଆଇସି ଓ ତାଙ୍କ ପୁଲିସ କର୍ମଚାରୀ ମାନେ ତମାମ ଏହି ନିୟନ୍ତ୍ରଣରେ ଲାଗି ଥିଲେ। ରାତି ୧୦ଟା ପରେ ଧୀରେ ଧୀରେ ଏହି ଜାମ ଖସିଥିବା ଦେଖିବାକୁ ମିଳିଥିଲା। ପାରାଦୀପ ଗଡ଼, ଦୋଛକିରେ ଓଭର ବ୍ରିଜ କାମ ଚାଲୁଥିବା ଯୋଗୁଁ ଏଠାରେ ଥିବା ଅଣଓସାରିଆ ରାସ୍ତା ଅଧିକ ଜାମ ହୋଇଥିଲା। ଏପରିକି ରାସ୍ତା ନିକଟ ଗାଁ ଭିତରେ ଟ୍ରକ ଗୁଡିକ ପଶି ଗାଁ ରାସ୍ତାକୁ ଜାମ କରିଦେଇଥିଲେ। କଟକ କିମ୍ବା ଚଣ୍ଡିଖୋଲ ପଟୁ ପାରାଦୀପକୁ ଆସୁଥିବା ବସ ଓ ସବୁ ଦୀର୍ଘ ସମୟ ବାଟରେ ଅଟକି ରହିଥିଲେ। ପାରାଦୀପରୁ ଦୀଘା, କଲିକତା ଓ ରାଉରକେଲାକୁ ଯାଉଥିବା ବସ ରାସ୍ତା ଜାମ ପାଇଁ ବିଳମ୍ବରେ ଛାଡିଥିବା ଜଣାପଡିଛି।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

ବାଲିକୁଦା,୨୨ା୧(ସମିସ): ବାଲିକୁଦା ବ୍ଲକ ମରିଚିପୁର ଅଞ୍ଚଳର ସମାଜସେବୀ ଘନଶ୍ୟାମ ବେହେରାଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦିଲୀପ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ବାଲିକୁଦା ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ସଦସ୍ୟା ତଟିନୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ସଦାନନ୍ଦ ବେହେରା, ଘନଶ୍ୟାମ ବେହେରା, ସମିତିସଭ୍ୟା ସୁନିତା ନାୟକ, ସମାଜସେବୀ ଉମେଶ ସ୍ୱାଇଁ, ସାମ୍ବାଦିକ ପ୍ରଣବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଘରୁ ଚୋରି; ଜଣେ ଗିରଫ

ତିର୍ତ୍ତୋଲ,୨୩ା୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ଏରଡ଼ଙ୍ଗା ପଞ୍ଚାୟତ ବ୍ରାହ୍ମଣବାଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନଳିନୀପ୍ରଭା ମହାପାତ୍ରଙ୍କ ଘରୁ ସ୍ୱର୍ଣ୍ଣ ଅଳଙ୍କାର ଚୋରି ଘଟଣାରେ ପୁଲିସ ଅଭିଯୁକ୍ତ ତାଙ୍କ ଘରେ ଭଡ଼ାସୂତ୍ରରେ ରହୁଥିବା ଯାଜପୁର ଅଞ୍ଚଳର ଜିତେନ୍ଦ୍ର ଓଝାକୁ ଗିରଫ କରିଛି। ନଳିନୀପ୍ରଭା ନିଜ ପିଲାମାନଙ୍କ ପଢ଼ା ପାଇଁ ଭୁବନେଶ୍ୱରରେ ରହୁଥିବାବେଳେ ତାଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି ବିରିଡ଼ିରେ ରହି ପିଲାମାନଙ୍କୁ ଟିଉସନ୍ ପଢ଼ାଇଛନ୍ତି। ଯାଜପୁର ଅଞ୍ଚଳର ଜିତେନ୍ଦ୍ର ତାଙ୍କ ସ୍ତ୍ରୀ ଓ ଦୁଇଟି ପିଲାଙ୍କ ସହିତ ଭଡ଼ାସୂତ୍ରରେ ନଳିନୀପ୍ରଭାଙ୍କ ତଳ ମହଲାରେ ରହୁଥିଲେ। ଘର ମାଲିକ ବାହାରେ ରହିଥିବାର ସୁଯୋଗ ନେଇ ଜିତେନ୍ଦ୍ର ଓ ତାଙ୍କ ସ୍ତ୍ରୀ ଘରର ତାଲା ଭାଙ୍ଗିବା ସହିତ ବାକ୍ସ ଭାଙ୍ଗି ସୁନାହାର ଚୋରି କରିନେଇଥିଲେ। ଗତ ୧୭ ତାରିଖରେ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଘରକୁ ଆସି ଦେଖିଲାବେଳକୁ ଘର କବାଟ ତାଲା ଭଙ୍ଗାହୋଇଛି। ଘର ଭିତରକୁ ବାକ୍ସର ତାଲା ଓ କଡ଼ିଆ ଭଙ୍ଗା ହୋଇ ସୁନା ହାର ଚୋରି ହୋଇଥିବା ସେ ଜାଣିପାରି ସଙ୍ଗେ ସଙ୍ଗେ ତାଙ୍କ ସ୍ତ୍ରୀ ନଳିନୀଙ୍କୁ ଜଣାଇଥିଲେ। ନଳିନୀପ୍ରଭା ୧୮ ତାରିଖରେ ଭୁବନେଶ୍ୱରରୁ ଘରକୁ ଫେରି ବାକ୍ସରେ ସୁନାହାର ନ ପାଇବାରୁ ଭଡାରେ ରହୁଥିବା ଜିତେନ୍ଦ୍ରକୁ ପଚାରିଥିଲେ। ଜିତେନ୍ଦ୍ର ମାନିନଥିଲେ। ଅନ୍ୟପଟେ ତାଙ୍କ ସ୍ତ୍ରୀ ମାନହାନି ମକଦ୍ଦମା କରିବେ ବୋଲି ଧମକ ଦେଇଥିଲେ। ବାଧ୍ୟ ହୋଇ ନଳିନୀପ୍ରଭା ଗତ ୨୦ ତାରିଖରେ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଜିତେନ୍ଦ୍ରଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଜିତେନ୍ଦ୍ର ପୁଲିସ ଆଗରେ ଚୋରି କରିଥିବା ନେଇ ମାନି ଯାଇଥିଲା। ଜିତେନ୍ଦ୍ର ଚୋରି ସାମଗ୍ରୀକୁ ନେଇ ମଣିଜଙ୍ଗା ସ୍ଥିତ ମନପୁରାମ ଗୋଲଡ଼ ଫାଇନାନ୍ସ କମ୍ପାନୀରେ ବନ୍ଧାରଖି ୧ ଲକ୍ଷ ୩୮ ହଜାର ଟଙ୍କା ଓ ଗୋଟେ ମଙ୍ଗଳସୂତ୍ର ବନ୍ଧା ରଖି ୩୪ ହଜାର ଟଙ୍କା ସୁଧ ଆକାରରେ ଆଣିଥିଲା। ପୁଲିସ ଜିତେନ୍ଦ୍ରଠାରୁ ଏକ ସୁନା ହାର, ଗୋଟେ ମଙ୍ଗଳସୂତ୍ର ଓ ଦୁଇଟି ସୁନା ମୁଦ୍ରାକୁ ଜବତ କରିଥିଲା। ପୁଲିସ ଅଭିଯୁକ୍ତ ଜିତେନ୍ଦ୍ରକୁ ଆଜି ଅଦାଲତ ଚାଲାଣ କରିଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ

## 'ବରିଷ୍ଠ ନାଗରିକଙ୍କ ରକ୍ଷଣା ବେକ୍ଷଣ ଓ କଲ୍ୟାଣ ଆଇନ' କର୍ମଶାଳା



ଜଗତସିଂହପୁର,୨୨ା୧(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଓ ହେଲ୍ପ ଏଜ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣା ବେକ୍ଷଣ ଓ କଲ୍ୟାଣ ଆଇନ, ୨୦୦୭ ସଂପର୍କିତ ଏକ ଜିଲ୍ଲା ସ୍ତରୀୟ ସଚେତନତା ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ ଏଥିରେ ଅଧ୍ୟକ୍ଷତା କରି ବରିଷ୍ଠ ନାଗରିକ, ପିତାମାତା, ଗୁରୁଜନ ଆମ ପାଇଁ ସର୍ବଦା ପୂଜ୍ୟ ଏବଂ ସେମାନଙ୍କର ଅଭିଜ୍ଞତା ଓ ପରାମର୍ଶରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ। କିନ୍ତୁ ସମ୍ପ୍ରତି ଯୁବପିଢୀ ନିଜର ପିତାମାତାଙ୍କୁ ସଠିକ ସମ୍ମାନ ଦେଉନାହାନ୍ତି। ଏଭଳି କ୍ଷେତ୍ରରେ ସେମାନେ ଆଇନ୍‌ର ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିରେ ୭୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଏନ୍‌ଜିଓ କର୍ମକର୍ତ୍ତା ଏବଂ ସରକାରୀ କର୍ମଚାରୀ ଅଂଶଗ୍ରହଣ କରି ବରିଷ୍ଠ ନାଗରିକଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଧିନିୟମ ଏବଂ ଏହାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକଙ୍କ ଦ୍ୱାରା ଆଗତ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ କମିଟି ପ୍ରସ୍ତାବ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ଏଥିରେ ପ୍ରେମାନନ୍ଦ ପଢିହାରୀ, ନିକୁଞ୍ଜ କିଶୋର ବେହେରାଙ୍କୁ ଏମିନେଣ୍ଟ ପ୍ରାର୍ଥୀ ଏବଂ ସ୍ନେହମୟୀ ଆଚାର୍ଯ୍ୟ, ହିତେଶ କୁମାର ମହାନ୍ତିଙ୍କୁ ସ୍ପେସିଆଲିଷ୍ଟ ଆକ୍ଟିଭିଷ୍ଟ ଭାବରେ ମନୋନୀତ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ, ଦିଲ୍ଲୀପ ଜେନା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଏସ୍. ଶୁଭ୍ର ପଟେଲ ଉପସ୍ଥିତ ଥିଲେ।

## ନବବଧୂ ପୋଡ଼ି ହେବା ଘଟଣା; ସ୍ୱାମୀ ଗିରଫ

ପାରାଦୀପ, ୨୨ା୧ (ସମିସ): ପିପ୍ପଳରେ ନବବଧୂ ପୋଡ଼ି ହୋଇ ମୃତ୍ୟୁବରଣ କରିଥିବା ଘଟଣାରେ ସ୍ୱାମୀକୁ ଆଜି ଜେଲ ଯିବାକୁ ପଡିଛି। ନବବଧୂର ବାପାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଝିଅକୁ ଯୌତୁକ ପାଇଁ ମାରି ଦିଆଯାଇଛି। ଏହି ଅଭିଯୋଗ ଆଧାରରେ ସ୍ୱାମୀ ବିରୋଧରେ ମାମଲା ରୁଜୁ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ପିପ୍ପଳ ଗ୍ରାମର ସ୍ମୃତି ରଞ୍ଜନ ସ୍ୱାଇଁଙ୍କ ସ୍ତ୍ରୀ ରୀନା ଦଳାଇ ଗତ ଦୁଇଦିନ ତଳେ ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ଏହି ମୃତ୍ୟୁ ପାଇଁ ଅଧିକ ଯୌତୁକ ହିଁ କାରଣ ଥିଲା। ତାକୁ ମାରି ଦିଆଯାଇଥିବା ମୃତକଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରୀନାଙ୍କ ସ୍ୱାମୀ ସ୍ମୃତି ରଞ୍ଜନ ସ୍ୱାଇଁଙ୍କୁ ଲକ୍ ଥାନା ପୁଲିସ ଥାନାକୁ ଆଣି ଅଟକ ରଖି ଅଧିକ ପଚରା ଉଚରା କରୁଥିଲା। ତେବେ ଆଜି ତାକୁ କୋର୍ଟଚାଲାଣ କରାଯାଇଛି। ଅନ୍ୟ ପକ୍ଷରେ ରୀନାର ପରିବାର ପକ୍ଷରୁ ବିବାହ ସମୟରେ ଦାବି ମୁତାବକ ସୁନା, ଟଙ୍କା ଓ ଘରର ଆସବାସପତ୍ର ଦେଇଥିଲେ। କିନ୍ତୁ ବିବାହ ପରେ ପୁଅ ଡିୟୁଟି ଯିବା ନେଇ ଏକ ବାଇକ୍ କିଣିବା ପାଇଁ ଦେଢ଼ ଲକ୍ଷ ଟଙ୍କା ପରିବାର ଲୋକ ମାଗିଥିଲେ। ପରେ ୫୦ ହଜାର ଟଙ୍କା ବହୁ କଷ୍ଟରେ ବାପ ଘର ଲୋକେ ଯୋଗାଡ଼ କରି ଦେଇଥିଲେ। ସେଥିରେ ଜୋଇଁ ବାଇକ୍ କିଣି ଚଢ଼ିବା ପରେ ବାଇକ୍‌ର କିସ୍ତି ଦେବାକୁ ଦାବି କରିଥିଲେ। ହେଲେ ବାଇକ୍‌ର କିସ୍ତି ଦେବାକୁ ବାପ ଘର ଲୋକେ ଅସମର୍ଥ ବୋଲି ରୀନା ସ୍ୱାମୀଙ୍କୁ କହିଥିଲେ। ତେବେ ଜୋଇଁ ରାଗି ଯାଇ ରୀନାକୁ ପୋଡ଼ି ମାରି ଦେଇଥିବା ବାପା ରବୀନ୍ଦ୍ର ଦଳାଇ ଅଭିଯୋଗ କରିଥିଲେ। ଏନେଇ ଥାନାରେ ୨୫/୨୬ ଏକ ମାମଲା ରୁଜୁ କରାଯାଇଛି। ସାଇଣ୍ଟିଫିକ ଟିମ୍‌ର ତଦନ୍ତ ରିପୋର୍ଟ ଆସିଲେ ଘଟଣାର ସତ୍ୟତା ପଦାକୁ ଆସିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ବ୍ରାଉନସୁଗର ଜବତ; ଜଣେ ଗିରଫ

ଜଗତସିଂହପୁର,୨୩ା୧(ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଖେରସ ଠାରେ ନିର୍ମାଣାଧୀନ ଜାତୀୟ ରାଜପଥ ୫୫ ନିକଟରେ ଚଢ଼ାଉ କରି ପୁଲିସ ୧୨.୩୮ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏକ ସୂତ୍ରରୁ ଖବର ପାଇ ସଦର ଥାନା ଆଇଆଇସିଙ୍କ ତତ୍ତ୍ୱାବଧାନରେ ଏସଆଇ ବ୍ରହ୍ମାନନ୍ଦ ପଣ୍ଡା ପୋଲିସ ଟିମ ସହିତ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ଖେରସ ପାଟଣା ଗ୍ରାମର ସୁଦର୍ଶନ ଖଟୁଆକୁ ପୁଲିସ ଗିରଫ କରି ଉକ୍ତ ବ୍ରାଉନ ସୁଗାର ଜବତ କରିଥିଲା। ଜବତ ବ୍ରାଉନସୁଗରର କଳାବଜାର ମୂଲ୍ୟ ୧ ଲକ୍ଷ ୨୫ ହଜାର ହେବ ବୋଲି ପୁଲିସ ସୂଚନା ଦେଇଛି। ଗିରଫ ସୁଦର୍ଶନକୁ କୋର୍ଟଚାଲାଣ କରାଯାଇଛି।

## ଚୋରା ମଦ ଜବତ; ଦୁଇ ଗିରଫ

ଜଗତସିଂହପୁର,୨୩ା୧(ସମିସ): ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଅଙ୍କିତ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଓ ଜଗତସିଂହପୁର ଅବକାରୀ ଅଧିକ୍ଷକ ଅନିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏରସମାର ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ପାଲଙ୍କ ଉପସ୍ଥିତରେ ଏରସମା ଥାନା ସହିତ ବାଲିକୁଦା ଅବକାରୀ ଥାନା ପକ୍ଷରୁ ଏରସମା ତହସିଲର ରାମତରା ଗ୍ରାମରେ ମିଳିତ ଚଢ଼ଉ କରାଯାଇ ୧୨ ଲିଟର ବିଦେଶୀ ମଦ ଏବଂ ୪୧ ଲିଟର ବିଅର ଜବତ କରାଯାଇଛି। ଏଥି ସହିତ ଚୋରା ମଦ ବିକ୍ରି ଅଭିଯୋଗରେ ରାମତରା ଗ୍ରାମର କବିତାରାଣୀ ସେଠୀ ଓ ସୁମିତ୍ରା ମଣ୍ଡଳଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ଉରେ ପଦ୍ମପୁର ରାଜସ୍ୱ ନିରୀକ୍ଷକ ରାଜୀବ ରଞ୍ଜନ ନାୟକ, ବାଲିକୁଦା ଅବକାରୀ ଥାନାର ନିରୀକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, କନେଷ୍ଟବଲ ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଏରସମା ଥାନର ଏ ଏସ୍ ଆଇ ଶୁଶାନ୍ତ କୁମାର ଆଚାର୍ଯ୍ୟ ଓ ଆଲିଶା ପ୍ରତିଭା ମିଞ୍ଜ ପ୍ରମୁଖ ସାମିଲଥିଲେ।

## ସାଇଧାମ ଟ୍ରଷ୍ଟ ସଭାପତିଙ୍କ ପରଲୋକ



ତିର୍ତ୍ତୋଲ,୨୩ା୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ମୁରବୀ, ସାଇଧାମ ମନ୍ଦିର ଟ୍ରଷ୍ଟର ସଭାପତି କେଶବ ଚରଣ ମହାନ୍ତି(୯୩)ଙ୍କ ପରଲୋକ ହୋଇଯାଇଛି। ସେ ବ୍ୟବସାୟ କ୍ଷେତ୍ରରେ କେସିଏମ ପ୍ରାଇଭେଟ୍ ଲିମିଟେଡ, ସାଇ ଫିଲିଂ ଷ୍ଟେସନ, ସାଇ ଗଣେଶ ଲକ୍ଷ୍ମୀ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ଥିଲେ। ତାଙ୍କ ମୃତ୍ୟୁଖବର ପାଇ ସାଇଧାମ ମନ୍ଦିର ଟ୍ରଷ୍ଟ ସମ୍ପାଦକ ବିଷ୍ଣୁ ପ୍ରସାଦ ନାୟକ, ଅବସରପ୍ରାପ୍ତ ପୋଷ୍ଟମାଷ୍ଟର ନରେନ୍ଦ୍ର ଷଡ଼ଙ୍ଗୀ, ସାଂସଦଙ୍କ ପ୍ରତିନିଧି ସୁନନ୍ଦ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ପ୍ରଦୀପ୍ତ ପରିଡ଼ାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀର ଏକ ଶୋଭାଯାତ୍ରାରେ ଜଗନାଥପୁର ଗ୍ରାମ ଓ ବଜାର ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ବାଲିକୁଦା,୨୩ା୧(ସମିସ): ବାଲିକୁଦା ବ୍ଲକ ବୋରିକିନା ଶାଖା ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ସଭାପତି ପଣ୍ଡିତ ହୃଷୀକେଶ ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବଂଶୀଧର ଶତପଥୀ ମଙ୍ଗଳା ଚରଣ ପାଠ କରିଥିଲେ।ଏହି ଅବସରରେ ସଂଘର ଦିବଂଗତ ସଦସ୍ୟ କାଶୀନାଥ ସାହୁ, ସପନୀ ବେହେରା, ବିଚିତ୍ରାନନ୍ଦ ମହାନ୍ତି, ବିଚିତ୍ରାନନ୍ଦ ସ୍ୱାଇଁ, ରମେଶ ଚନ୍ଦ୍ର ସାମଲଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ୨ ମିନିଟ ନୀରବ ପାର୍ଥନା କରାଯାଇଥିଲା। ସଂଘର ସମ୍ପାଦକ ଡ. ବିଷ୍ଣୁ ଚରଣ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଉପସଭାପତି କୈଳାଶ ଚନ୍ଦ୍ର ବିଶ୍ୱାଳ ସଂଘର ବାର୍ଷିକ ଉତ୍ସବ ଆସନ୍ତା ଏପ୍ରିଲ ମାସ ରେ କରିବା ନେଇ ପ୍ରସ୍ତାବ ହୋଇଥିଲା। ନିରଞ୍ଜନ ସାହୁ ସଂଘର ନୂତନ ସଦସ୍ୟତା ଗ୍ରହଣ କରିଥିଲେ। ଏରସମା ସଂଘ ସଭାପତି ପଣ୍ଡିତ ନାଗୁ ଚରଣ ଦେବତା ଯୋଗ ଦେଇ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ କୃଷ୍ଣଚନ୍ଦ୍ର ସ୍ୱାଇଁ, ନଗେନ୍ଦ୍ର ନାଥ ବିଶ୍ୱାଳ,ଗଜେନ୍ଦ୍ର ନାଥ ପଟ୍ଟନାୟକ, ଭୋଳାନାଥ ମହାନ୍ତି, ନିରଞ୍ଜନ ସ୍ୱାଇଁ, ଜଟାଧାରୀ ନାୟକ, ବିଷ୍ଣୁ ଚରଣ ପରିଡା, କୈଳାଶ ଚନ୍ଦ୍ର ସାହୁ, ବୁଲାକି ସ୍ୱାଇଁ, କଣ୍ଠମଣୀ ସାହୁ, ଆଦିକନ୍ଦ ଦାସ, ପ୍ରମୋଦ ବାରିକ, ଦୀନବନ୍ଧୁ ରାଉତ, ସଦାନନ୍ଦ ମହାନ୍ତି, ନାରାୟଣ ପରିଡା, ଶିବ ପ୍ରସାଦ ମହାନ୍ତି, ନିରଞ୍ଜନ ସାହୁ, ଧୂଳେଶ୍ୱର ସାହୁ, ଅପର୍ତ୍ତୀ ମହାନ୍ତି, ଶିବ ଚରଣ ଜେନା, ବାବାଜୀ ଚରଣ ସ୍ୱାଇଁ, ସର୍ବେଶ୍ୱର ବିଶ୍ୱାଳ, ପ୍ରମୋଦ କୁମାର ଜେନା, ସଚ୍ଚିଦାନନ୍ଦ ସାହୁ, ଗିରିଧାରୀ ପରିଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଭ୍ରମରବର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଲରୁ କ୍ଷତାକ୍ତ ହରିଣ ଉଦ୍ଧାର



ପାରାଦୀପ,୨୩ା୧(ସମିସ): ଢିଙ୍କିଆ ଅଞ୍ଚଳରେ ଜଙ୍ଗଲ କଟାଯିବା ଯୋଗୁଁ ବନ୍ୟପ୍ରାଣୀ ଏବେ ଅସୁରକ୍ଷିତ ହୋଇ ପଡିଛନ୍ତି। ଫଳରେ ଢିଙ୍କିଆ ଚାରିଦେଶରେ ବାରମ୍ବାର ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟୁଛି। କେତେକ ସ୍ଥାନରେ ସେମାନଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଉଛି। ଗତ ଦୁଇଦିନ ତଳେ ପାରାଦୀପ ଷଣ୍ଢକୁଦ ଅଞ୍ଚଳରେ ଏକ ହରିଣ ଜଣଙ୍କ ଘରେ ପଶି ଯାଇଥିବା ବେଳେ ତାକୁ ଉଦ୍ଧାର କରାଯାଇ ଜଙ୍ଗଲରେ ଛାଡି ଦିଆଯାଇଥିଲା। ପୁଣି ଆଜି ସକାଳୁ ଢିଙ୍କିଆ ଗ୍ରାମର ମାହାଳ ଯୋଗିସାହି ତୁଳସାମଠ ନିକଟରେ ବିଲରେ ବିଛା ଯାଇଥିବା ଏକ ଜାଲରେ କ୍ଷତାକ୍ତ ଅବସ୍ଥାରେ ଫସି ରହିଥିଲା ଏକ ହରିଣ ଉଦ୍ଧାର କରାଯାଇଛି। ଖବର ପାଇ ଜନ ଆନ୍ଦୋଳନକାରୀ ନେତା ଦେବେନ୍ଦ୍ର ସ୍ୱାଇଁ ବନ ବିଭାଗ ସହ ଯୋଗାଯୋଗ କରିଥିଲେ। ବନ ବିଭାଗର ଏକ ଟିମ୍ ସଙ୍ଗେ ସଙ୍ଗେ ଆସି କ୍ଷତାକ୍ତ ହରିଣଟିକୁ ଉଦ୍ଧାର କରିଥିଲେ।

## ବିକଶିତ ଭାରତ ଜି-ରାମ- ଜି କର୍ମଶାଳା



ଜଗତସିଂହପୁର,୨୩ା୧(ସମିସ): ଜଗତସିଂହପୁର ସର୍କିଟ ହାଉସଠାରେ ଜିଲ୍ଲା ବିଜେପି ପକ୍ଷରୁ ବିକଶିତ ଭାରତ ଜି-ରାମ-ଜି ସମ୍ପର୍କୀତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଏବଂ ଆଜିମିକା ମିଶନ ଗ୍ରାମୀଣ ଉପରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ତଥା ଟୋଲି ପ୍ରମୁଖ ଗଣେଶ ପ୍ରସାଦ ମହାନ୍ତି କର୍ମଶାଳା ପରିଚାଳନା କରିଥିଲେ। ସେହିପରି ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରତାପ ନାୟକ ପ୍ରଭୃତି ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଟୋଲିର ଅନ୍ୟତମ ସଦସ୍ୟ ଭବେନ୍ଦ୍ର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। କର୍ମଶାଳ ପରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟଅତିଥି ଭାବରେ ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇ ଯୋଗ ଦେଇ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଉପରେ ଆଲୋଚନା କରି ସାମ୍ବାଦିକଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି ବିନୋଦ ମହାନ୍ତି, ତପନ ତ୍ରିପାଠୀ, ସୁବାଷ ଜେନା, କ୍ରିଷ୍ଣା ମହାନ୍ତି, ଦିପ୍ତୀରେଖା ନାୟକ,ମିଡ଼ିଆ ସେଲ ଅଧ୍ୟକ୍ଷ ନିହାର ପତି, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ସମସ୍ତ ଟୋଲିର ସଦସ୍ୟ, ମଣ୍ଡଳ ସଭାପତି,ମଣ୍ଡଳ ଟୋଲିର ସଦସ୍ୟ ଗଣ ପ୍ରଭୃତି ଯୋଗ ଦେଇଥିଲେ। ଶେଷରେ ଟୋଲିର ସଦସ୍ୟ ପ୍ରଶାନ୍ତ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଏଏମ୍‌ଏନ୍‌ଏସ୍ କମ୍ପାନୀ ନିର୍ମାଣାଧୀନ ଟାଉନ୍‌ସିପ୍ ଫାଟକରେ ଧାରଣା

ପାରାଦୀପ,୨୩ା୧(ସମିସ)



ପାରାଦୀପଗଡ଼ ଚକ୍ରଧରପୁର ଗ୍ରାମ ନିକଟରେ ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ କମ୍ପାନୀର ନିର୍ମାଣଧୀନ ଟାଉନସିପ ଫାଟକ ନିକଟରେ ଧାରଣାରେ ବସି ରହିଛନ୍ତି ଗ୍ରାମବାସୀ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପାରାଦୀପରେ ଏଏମ୍‌ଏନ୍‌ଏସ ନିର୍ମାଣ ପାଇଁ ଆମେ ଶାଗମାଛ ଦରରେ ଖୁବକମ ପଇସାରେ ପ୍ରଦାନ କରିଥିଲୁ। କମ୍ପାନୀ ଆମ ପିଲାମାନଙ୍କୁ ନିଯୁକ୍ତି ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। କମ୍ପାନୀ କାମ ଚାଲିବା ପରେ ବାହାର ରାଜ୍ୟରୁ ଶ୍ରମିକ ଆଣି କାର୍ଯ୍ୟରେ ଲଗାଉଥିବା ବେଳେ ଆମ ଗ୍ରାମର ପିଲାମାନଙ୍କୁ ନିଯୁକ୍ତି ଦେଉନାହାନ୍ତି। ଯାହାକୁ ନେଇ ପୂର୍ବରୁ ଅନେକଥର ଗ୍ରାମବାସୀ ଧାରଣାରେ ବସି ରହିବା ପରେ ପ୍ରଶାସନ ଓ କମ୍ପାନୀ ଅଧିକାରୀ ଆଲୋଚନା କରିବା ସହିତ ଲେଖାପଢ଼ା କରି ଆମ ପିଲାମାନଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଏହାକୁ କାମରେ ଲଗାଉ ନାହାନ୍ତି ବୋଲି ଧାରଣାକାରୀମାନେ କହିଛନ୍ତି। ଯେ ପର୍ଯ୍ୟନ୍ତ କମ୍ପାନୀ ଆମ ପିଲାଙ୍କୁ ନିଯୁକ୍ତି ଦେଇନି ଏବଂ ଆମ ଗ୍ରାମବାସୀଙ୍କ ଦାବି ପୂରଣ କରିନାହିଁ ସେ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସି ରହିବାକୁ ଚେତାବନୀ ଦେଇଛନ୍ତି ଧାରଣାରତ ଗ୍ରାମବାସୀ।

# ଢେଙ୍କାନାଳ ମଗଜି ସପ୍ତାହ ଉଦ୍‌ଯାପିତ



ଢେଙ୍କାନାଳ,୨୨।୧(ସମିସ): ଢେଙ୍କାନାଳ ମଗଜିପ୍ରେମୀଙ୍କ ଦ୍ୱାରା ପବିତ୍ର ମକର ସଂକ୍ରାନ୍ତି ଜାନୁଆରୀ ୧୪ରୁ ଆରମ୍ଭ ହୋଇଥିବା ଢେଙ୍କାନାଳର ସ୍ୱାଦିଷ୍ଟ ମିଠା ମଗଜି ସପ୍ତାହ ଉଦଯାପିତ ହୋଇଛି। ସପ୍ତାହ ବ୍ୟାପୀ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅନୁଷ୍ଠାନରେ ମଗଜି ବଣ୍ଟନ କରାଯାଇ ଏହି ସପ୍ତାହ ପାଳନ କରାଯାଇଛି। ଉଦଯାପନୀ ଉତ୍ସବରେ ଜିଲ୍ଲା ସଂସ୍କୃତି ବିଭାଗ ସହଯୋଗରେ ସ୍ଥାନୀୟ ମିଠା ଦୋକାନୀ ସଂଘ ସଦସ୍ୟଙ୍କ ଦ୍ୱାରା ସରକାରୀ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉପ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀନିବାସ ରାଉତ, ମହାବିଦ୍ୟାଳୟ ଅଧ୍ୟକ୍ଷା ଶକୁନ୍ତଳା ଜେନା, ଅଧ୍ୟାପକ ଭୁବନେଶ୍ୱର ମୁଦୁଲି, ମିଠା ଦୋକାନୀ ସଂଘ ସଭାପତି ଜୟପ୍ରକାଶ ସାହୁ, ସମ୍ପାଦକ ଜିତେଶ କୋଟାକ ସାମିଲ ହୋଇ ଢେଙ୍କାନାଳ ମଗଜିର ମହତ୍ତ୍ୱ ଓ ଜିଆଇ ଟ୍ୟାଗ୍ ଯାତ୍ରା ଉପରେ ମତ ରଖିଥିଲେ। ପରେ ଉପସ୍ଥିତ ସମସ୍ତ ଛାତ୍ରୀଙ୍କୁ ମଗଜି ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଏହାର ପ୍ରସାରପ୍ରଚାର ପାଇଁ ସମସ୍ତ ଢେଙ୍କାନାଳବାସୀ ଏକ ହେବା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ମଗଜି ମହୋତ୍ସବ ତଥା ମଗଜି ସପ୍ତାହ ପାଳନ କମିଟି ଆବାହକ ଇଂ ସୌମ୍ୟବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ପଙ୍କଜ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## କାମାକ୍ଷାନଗର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



କାମାକ୍ଷାନଗର,୨୨।୧(ସମିସ): କାମାକ୍ଷାନଗର ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଛାତ୍ରଛାତ୍ରୀ ପାଠ ସହ କ୍ରୀଡ଼ା ଓ ଅନ୍ୟ କ୍ଷେତ୍ର ଉପରେ ମଧ୍ୟ ନିଜ ପ୍ରତିଭା ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ଉପସ୍ଥିତ ଥିଲେ।

● ଦଶମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପୁରୀକୁ ହରାଇ ସେମିରେ ତାଳଚେର ୟୁଥ୍ ସ୍ପୋର୍ଟିଂ




କାମାକ୍ଷାନଗର,୨୨।୧(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡି ଗ୍ରାମରେ ଦଶମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ତାଳଚେର ୟୁଥ୍ ସ୍ପୋର୍ଟିଂ କ୍ଲବ ପୁରୀ ପାୟୋନିଅର କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ୟୁଥ ସ୍ପୋର୍ଟିଂ ତାଳଚେର ପ୍ରଥମେ ବ୍ୟାଟି କରି ନିର୍ଦ୍ଧାରିତ ୨୫ ଓଭରରେ ୨୦୯ ରନ ସଂଗ୍ରହ କରିଥିଲା। ଜବାବରେ ପୟୋନିଅର କ୍ଲବ ୧୫୯ ରନ ସଂଗ୍ରହ କରି ଅଲଆଉଟ ହୋଇଯାଇଥିଲା। ମୁଖ୍ୟଅତିଥି ଭାବେ ରାଇବୋଲ ସରପଞ୍ଚ ଶାନ୍ତନୁ କୁମାର ସାହୁ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟର ସୁରେନ୍ଦ୍ର ସାହୁ ଓ ଦିବ୍ୟଜ୍ୟୋତି ସାହୁ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସାମନ୍ତ ସତ୍ୟପ୍ରଜ୍ଞ, ଦୀପତେଶ କୁମାର ସାହୁ, ଶୁଭମ ନନ୍ଦ, ଅଭୟ ବେହେରା ସହଯୋଗ କରିଥିଲେ। ଜାତୀୟ ଘୋଷକ ବିପିନ ବିହାରୀ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ




କାମାକ୍ଷାନଗର,୨୨।୧(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କାର୍ଯ୍ୟକ୍ରମ ଅନ୍ତର୍ଗତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୫୦ ଓ ଉଚ୍ଚ ବିଦ୍ୟାଳୟରୁ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସବ ଜୁନିଅର ଜୁନିଅର ଓ ସିନିଅର ବର୍ଗରେ ଲିଖିତ କୁଇଜ ପ୍ରତିଯୋଗିତା ହୋଇଥିଲା। ଜୁନିଅର ଗ୍ରୁପରୁ ୮ ଓ ସିନିଅର ଗ୍ରୁପରୁ ୮ ଜଣଙ୍କୁ ବଛାଯାଇ ୪ଟି ଦଳ କରି ଓପନ କୁଇଜ ପ୍ରତିଯୋଗିତା କରାଯାଇଥିଲା। ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ବିଜ୍ଞାନ କିଟ୍‌ର ବ୍ୟବହାର ସମ୍ପର୍କରେ ବିଜ୍ଞାନ ଶିକ୍ଷକମାନଙ୍କୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ, ସମ୍ମାନିତ ଅତିଥି ଭାବେ ବିଇଓ ସରୋଜ କୁମାର ସାହୁ, ଏବିଇଓ କୃଷ୍ଣଚନ୍ଦ୍ର ଭୋଇ, ବିଷ୍ଣୁପ୍ରସାଦ ମହାଳିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପନ କୁମାର ଶତପଥୀ, କାନପୁରା ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀରାମ ରାଉତ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରଥ କୁମାର ଚିନାରା ପ୍ରମୁଖ ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ଢେଙ୍କାନାଳ,୨୨।୧(ସମିସ): ସଦର ବ୍ଲକ ବେଲଟିକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଉନ୍ନବିଂଶ ବାର୍ଷିକ ଉତ୍ସବ ବୁଧବାର କୈଳାସ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଭାପତି ଦୁର୍ଗାମାଧବ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ବେଲଟିକିରି ମହାବିଦ୍ୟାଳୟ ଅଧ୍ୟକ୍ଷ ବିକାଶ କୁମାର ଦାଶ ଯୋଗଦେଇଥିଲେ। ଶିଶୁ ମନ୍ଦିରର ସମ୍ପାଦକ ପ୍ରଦୀପ କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ କୃତୀ ଶିଶୁ ଭାଇଭଉଣୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଆଚାର୍ଯ୍ୟା ଆରତୀ ଦାସ, ସରିତା ଶତପଥୀ, ରଶ୍ମିତା ରାଉତ ସହଯୋଗ କରିଥିଲେ। ବିଦ୍ୟାଳୟର ଉପଦେଷ୍ଟା ସତ୍ୟବ୍ରତ ଦାଶ, ବିବେକାନନ୍ଦ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଓଡ଼ିଶା ଯୁବରତ୍ନ ସମ୍ମାନ

## ଢେଙ୍କାନାଳର ସମାଜସେବୀ ପାର୍ଥସାରଥି ସମ୍ବର୍ଦ୍ଧିତ



ଢେଙ୍କାନାଳ,୨୨।୧(ସମିସ): ଯୁବଶକ୍ତି, ସୃଜନଶୀଳତା ଓ ସାମାଜିକ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ "ବ୍ରାଇଟ୍ ଓଡ଼ିଶା ଫାଉଣ୍ଡେସନ୍' ପକ୍ଷରୁ ପ୍ରଥମ 'ଓଡ଼ିଶା ଯୁବରତ୍ନ ସମ୍ମାନ-୨୦୨୬' ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ହୋଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କଲ୍ୟାଣ ଫାଉଣ୍ଡେସନ ସଭାପତି ସୌମିତ୍ର ଲେଙ୍କା, ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର, ମେଟ୍ରୋ ଗ୍ରୁପ୍‌ର ନିର୍ଦ୍ଦେଶକ ମହମ୍ମଦ ଅଲିମ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମିଡିଆ, କ୍ରୀଡ଼ା, ସଂସ୍କୃତି, ସ୍ୱାସ୍ଥ୍ୟ, ସମାଜସେବା, ବ୍ୟବସାୟ ଓ ପ୍ରଯୁକ୍ତି ସହ ବିଭିନ୍ନ କ୍ଷେତ୍ରରୁ ବହୁ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ସମାଜସେବା କ୍ଷେତ୍ରରେ ଢେଙ୍କାନାଳର ଯୁବ ସମାଜସେବୀ ପାର୍ଥସାରଥି ମହାକୁଳ ସମ୍ବର୍ଦ୍ଧିତ ହୋଇଛନ୍ତି। ବାଲେଶ୍ୱରର ବାହାନଗା ରେଳ ଦୁର୍ଘଟଣାର ଆହତ ଯାତ୍ରୀଙ୍କୁ କଟକ ବଡ଼ ମେଡିକାଲ୍‌ରେ ଦେଇଥିବା ତ୍ୱରିତ ସେବା କାର୍ଯ୍ୟ, ଫାଇଲିନ୍ ବାତ୍ୟା ସମୟରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅଞ୍ଚଳରେ ଖାଦ୍ୟ ଓ ବସ୍ତ୍ର ବଣ୍ଟନ, ଅସହାୟ ଲୋକଙ୍କ ଶବଦାହ, ଚାରାରୋପଣ ଓ ତଦାରଖ ଭଳି ଅନେକ ଜନହିତକର କାର୍ଯ୍ୟକରି ଅନନ୍ୟ ଉଦାହରଣ ସୃଷ୍ଟି କରିଥିବାରୁ ମହାକୁଳଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶାର ଯୁବ ପ୍ରତିଭା ନେତୃତ୍ୱ ଓ ସାମାଜିକ ଦାୟିତ୍ୱର ପ୍ରତୀକ ଭାବେ 'ଓଡ଼ିଶା ଯୁବରତ୍ନ ସମ୍ମାନ–୨୦୨୬' ଆଗାମୀ ଦିନରେ ଯୁବପିଢ଼ିଙ୍କ ପାଇଁ ଏକ ବଡ଼ ପ୍ରେରଣା ହେବ ବୋଲି ବ୍ରାଇଟ ଫାଉଣ୍ଡେସନର ପ୍ରତିଷ୍ଠାତା ସଞ୍ଜୟ କୁମାର, ଉପଦେଷ୍ଟା ରୋଜାଲିନ ପାଟଶାଣୀ, ସଞ୍ଜୟ ନାୟକ (ଟୁଟୁ), ସୁଜିତ ରାଉତ, ସନ୍ତୋଷ ପ୍ରଧାନ, ପ୍ରମୁଖ ଆଶା ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ୱାଟର୍‌ସେଡ୍ ମହୋତ୍ସବ




କଙ୍କଡ଼ାହାଡ଼,୨୨।୧(ସମିସ): କଙ୍କଡ଼ାହାଡ଼ ବ୍ଲକ ପଙ୍ଗାତିରା ଗ୍ରାମରେ ବ୍ଲକସ୍ତରୀୟ ୱାଟରସେଡ ମହୋତ୍ସବ ଅନୁଷ୍ଠିତ ହୋଇଛି। ଜଳବିଭାଜିକା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କଳ୍ପବଟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଜଳ ହିଁ ଜୀବନ। ତେଣୁ ଜଳ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଯଶୋବନ୍ତ ଦେହୁରୀ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ବ୍ଲକ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଳ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ମହାବିରୋଡ୍ ମଣ୍ଡଳ ସଭାପତି ଜିତେନ୍ଦ୍ର କର, ବିରାଶାଳ ମଣ୍ଡଳ ସଭାପତି ସୂର୍ଯ୍ୟନାରାୟଣ ମିଶ୍ର, ପୂର୍ବତନ ସରପଞ୍ଚ ଜଗନ୍ନାଥ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଙ୍ଗାତିରା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଜଳବିଭାଜିକା ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଳବିଭାଜିକାର ଗୁରୁତ୍ୱ ଏବଂ ସ୍ୱାବଲମ୍ବୀ କୃଷକ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସୁରେଶ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ମାନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ଏନ୍‌ଏସ୍‌ଏସ୍ ଶିବିର ଉଦଯାପିତ



ଢେଙ୍କାନାଳ,୨୨।୧(ସମିସ): ଢେଙ୍କାନାଳ ମହିଳା ମହାବଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଶିବିର ଉଦଯାପିତ ହୋଇଛି। ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠିତ ଏହି ଶିବିରରେ ପ୍ରତିଦିନ ଶୃଙ୍ଖଳିତ ଜୀବନଚର୍ଯ୍ୟା ଯଥା ପ୍ରାର୍ଥନା, ପ୍ରାଣାୟମ, ଯୋଗ, ବ୍ୟାୟାମ ଆଦି ସହ ପ୍ରାୟ ୧୮ଟି ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରାଯାଇଥିଲା। ପୋଷ୍ୟ ଗ୍ରାମ ଶିମିଳିଆରେ ନାରୀଶିକ୍ଷା, ଯୌତୁକ ପ୍ରଥା ନିରାକରଣ, ଝିଅ ପାଇଁ ନ୍ୟାୟ, ସାଇବର ସୁରକ୍ଷା ଆଦି ସମ୍ବେଦନଶୀଳ ବିଷୟଗୁଡ଼ିକ ଉପରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଯୋଗଦେଇ ଏହା ଏକ ସାମାଜିକ ସଚେତନତାର ଆରମ୍ଭ ବୋଲି କହିଥିଲେ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ଶୃଙ୍ଖଳା ତଥା ସେବା ମନୋଭାବର ପ୍ରଶଂସା କରିଥିଲେ। ଜିଲ୍ଲା ଏନ୍‌ଏସ୍‌ଏସ୍‌ର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା ଛାତ୍ରୀମାନଙ୍କୁ ସମାଜମୁଖୀ ହେବାପାଇଁ ବାର୍ତ୍ତା ଦେଇଥିଲେ। ସ୍ୱେଚ୍ଛାସେବୀ ରୁନିତ ମିଶ୍ର ନିଜ ଅନୁଭବ ବୟାନ କରି କହିଲେ ଯେ ସମାଜ ପ୍ରତି ତାଙ୍କର କର୍ତ୍ତବ୍ୟ ରହିଛି। ସମାଜ ପ୍ରତି ଜଣେ ଶିକ୍ଷିତ ଝିଅର ଗୁରୁଦାୟିତ୍ୱ ରହିଛି। ପ୍ରତ୍ୟେକ ଛାତ୍ରୀ ନିଜ ଦାୟିତ୍ୱ ବୁଝି କର୍ତ୍ତବ୍ୟ କରିବାକୁ ଅଙ୍ଗୀକାରବଦ୍ଧ ହେବା ଉଚିତ୍ ବୋଲି ସେ କହିଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ମଧୁସ୍ମିତା ନାୟକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅଙ୍କିତା ପ୍ରିୟଦର୍ଶିନୀ ବିଶ୍ୱାଳଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ପ୍ରଦାନ କରାଯାଇଥିଲା।

● ଢେଙ୍କାନାଳ ଜିଲ୍ଲା ମହୋତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବାର୍ତ୍ତା

## ସଂସ୍କୃତି ଓ ପରମ୍ପରା ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ: ଧର୍ମେନ୍ଦ୍ର

ଢେଙ୍କାନାଳ,୨୨।୧(ସମିସ): ଶିକ୍ଷା କେବଳ ବହି ଭିତରେ ସୀମିତ ନୁହେଁ। ଆମ ପରମ୍ପରା, ଲୋକକଳା ଏବଂ ସାଂସ୍କୃତିକ ମୂଲ୍ୟବୋଧ ବିଷୟରେ ଜାଣିବା ମଧ୍ୟ ଶିକ୍ଷାର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ୧୮ତମ ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଅବସରରେ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ କେବଳ ଏକ ଜିଲ୍ଲା ନୁହେଁ, ଏହା ହେଉଛି ବୀରତ୍ୱ ଓ ସଂସ୍କୃତିର ପବିତ୍ର ଭୂମି। ଭାରତର ସର୍ବକନିଷ୍ଠ ସହିଦ ବୀର ବାଜି ରାଉତ, ସ୍ୱାଧୀନତା ସଂଗ୍ରାମୀ ବୈଷ୍ଣବ ଚରଣ ପଟ୍ଟନାୟକ, ଗଡ଼ଜାତ ଗାନ୍ଧୀ ସାରଙ୍ଗଧର ଦାସ, ମହେଶ ଚନ୍ଦ୍ର ସୁବାହୁ ସିଂ, ମୃଷା ମଲ୍ଲିକ, ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ ଓ ବିଶିଷ୍ଟ କବି ବ୍ରଜନାଥ ବଡ଼ଜେନାଙ୍କ ଭଳି ମହାନ୍ ବ୍ୟକ୍ତିତ୍ୱମାନେ ଏହି ମାଟିକୁ ଗୌରବାନ୍ୱିତ କରିଛନ୍ତି। କପିଳାସର ଶିବଲୋକଠାରୁ ଆରମ୍ଭ କରି ମହିମା ଧର୍ମର ପ୍ରଚାର ପୀଠ ଯୋରନ୍ଦା ଏବଂ ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟନ୍ତ, ଏହି ମାଟିର ପ୍ରତିଟି ଧୂଳିକଣାରେ ଇତିହାସ ଜୀବନ୍ତ। ସେହି ଜିଲ୍ଲାରେ ଆୟୋଜିତ ଏହି ମହୋତ୍ସବ ଓଡ଼ିଶାର କଳା, ସଂସ୍କୃତି ଏବଂ ସ୍ୱାଭିମାନର ଜ୍ୱଳନ୍ତ ଉଦାହରଣ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନ କହିଛନ୍ତି। ଶିଶୁଙ୍କ ଅପପୁଷ୍ଟି ଦୂର ପାଇଁ ପ୍ରଧାନମନ୍ତ୍ରୀଙ୍କ 'ପୋଷଣ ଅଭିଯାନ'ରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଛନ୍ତି। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ୨୦୨୬ରୁ ହିଁ ପ୍ରୟାସ ଆରମ୍ଭ କରିବାକୁ ସେ ଅନୁରୋଧ କରିଛନ୍ତି। ଏକ ସୁସ୍ଥ ଶିଶୁ ହିଁ ଶ୍ରେଷ୍ଠ ଓଡ଼ିଶା ଓ ଶ୍ରେଷ୍ଠ ଭାରତ ଗଠନ କରିପାରିବ ବୋଲି ସେ ଭିଡିଓ ବାର୍ତ୍ତାରେ କହିଛନ୍ତି।

## ମାନସିକ ଓ ଶାରୀରିକ ବିକାଶ ନିମନ୍ତେ କ୍ରୀଡ଼ା ନିତାନ୍ତ ଆବଶ୍ୟକ



ଢେଙ୍କାନାଳ,୨୨।୧(ସମିସ): ସ୍ଥାନୀୟ ପୁଲିସ ଲାଇନ ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାନସିକ ତଥା ଶାରୀରିକ ବିକାଶ ନିମନ୍ତେ କ୍ରୀଡ଼ା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଦୌଡ଼, ପୁଚି, ଦଉଡ଼ି ଡିଆଁ, ଗଣିତ ଦୌଡ଼, ବେଙ୍ଗଡିଆଁ, ଅଖାଦୌଡ଼, ମ୍ୟୁଜିକାଲ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ୫୦ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଜୁନିଅର ବର୍ଗରେ କ୍ରିଷ୍ଟା ସାହୁ ଓ ସିନିଅର ବର୍ଗରେ ପ୍ରଜ୍ଞାଶ ବେହେରା ଚାମ୍ପିଅନ ହୋଇ ପୁରସ୍କୃତ ହୋଇଥିଲେ। ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରତ୍ୟୁଷ ଦାସଙ୍କୁ ଅଲରାଉଣ୍ଡର ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟ ଏସଏମସି ଅଧ୍ୟକ୍ଷ ମଞ୍ଜୁଲତା ବେହେରାଙ୍କ ସମେତ ଏମଟିଏ, ପିଟିଏ ସଦସ୍ୟମାନେ ଯୋଗଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜାବାଳା ମିଶ୍ର, ସ୍ନେହପ୍ରଭା ସାହୁ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଦେଇଥିଲେ।

## ପାଣିରେ ବୁଡ଼ି ଶିଶୁ ମୃତ

ଖଜୁରିଆକଟା,୨୨।୧(ସମିସ): ପୋଖରୀରେ ବୁଡ଼ି ହିନ୍ଦୋଳ ରୋଡ୍ ଫାଣ୍ଡି ନୂଆ ବାଙ୍ଗୁରସିଂହ ଗ୍ରାମର ସତ୍ୟବ୍ରତ ସାହୁଙ୍କ ୪ ବର୍ଷର ପୁଅର ମୃତ୍ୟୁ ହୋଇଛି। ଶିଶୁଟି ଘର ନିକଟରେ ଖେଳୁଥିବା ବେଳେ ହଠାତ୍ ପୋଖରୀ ଆଡ଼କୁ ଚାଲିଯାଇଥିଲା। ସେଠାରେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ିଯାଇଥିଲା। ଏ ସମ୍ପର୍କରେ ପରିବାର ଲୋକେ ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟ ପଠାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ




ଖଜୁରିଆକଟା,୨୨।୧(ସମିସ): ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୮ ଦିନିଆ ବାଳିକା ଆତ୍ମରକ୍ଷା ଶିବିର ଉଦଯାପିତ ହୋଇଛି। ଅର୍ଥନୀତି ବିଭାଗ ଅଧ୍ୟାପିକା ତଥା ଆତ୍ମରକ୍ଷା ତାଲିମ୍ କାର୍ଯ୍ୟକ୍ରମ ସଂଯୋଜିକା ନୟନା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗଦେଇ ବର୍ତ୍ତମାନ ସମୟରେ ଆତ୍ମରକ୍ଷା କୌଶଳ ଶିକ୍ଷା ବାଳିକାମାନଙ୍କ ନିମନ୍ତେ ଅତ୍ୟାବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣ ନାରୀ ସଶକ୍ତୀକରଣ ନିମନ୍ତେ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ, ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ କପିଳ ଚରଣ ମହାନ୍ତି ଓ ଉଦ୍ଭିଦବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ମନୋଜ କୁମାର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମୋଟ ୧୨୫ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ମାଷ୍ଟର ଟ୍ରେନର୍ ଭାବେ ପୂଜା ବେହେରା ତାଲିମ ପ୍ରଦାନ କରିଥିଲେ। ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଛାତ୍ରୀ ପ୍ରତିନିଧି ପ୍ରଜ୍ଞା ପାରମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଶାରଳା କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ମୁକ୍ତାଦେଇପୁର ଅହମଦିୟା କ୍ଲବ୍ ଚାମ୍ପିଅନ

ଢେଙ୍କାନାଳ,୨୨।୧(ସମିସ)



ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ରାଣୀ ରତ୍ନପ୍ରଭା ଦେବୀ ଷ୍ଟାଡିୟମରେ ଶାରଳା କ୍ଲବ୍ ପକ୍ଷରୁ ଆୟୋଜିତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ମ୍ୟାଚ୍ ମୁକ୍ତାଦେଇପୁର ଅହମଦିୟା କ୍ଲବ୍ ଓ ଖୁଣ୍ଟକଟା କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୋମାଞ୍ଚକର ମୁକାବିଲାରେ ଅହମଦିୟା କ୍ଲବ୍ ୨-୧ ଗୋଲ୍‌ରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ଉତ୍କଳ ଆଜବେଷ୍ଟସ ଲିମିଟେଡ୍, ଢେଙ୍କାନାଳର କାର୍ଯ୍ୟ ପରିଚାଳକ କ୍ଷୀରୋଦ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଗୁଣ୍ଡିଚାପଡ଼ା ସରପଞ୍ଚ କାର୍ତ୍ତିକ କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରେଫରୀ ଆଶୀର୍ବାଦ କାନୁନଗୋ, ବନସନ ବରାଳ ଓ ମଣ୍ଟି ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ପ୍ରେମାନନ୍ଦ ମହାନ୍ତ ସହଯୋଗ କରିଥିଲେ। ଶାରଳା କ୍ଲବର ପରିଚାଳକ ମହିଉଦ୍ଦିନ ଖାଁ, ମହମୁଦ ଖାଁ, କରିମ୍ ଖାଁ, ସ୍ୱରୂପ କୁମାର ସାହୁ, ସଲିମଉଦ୍ଦିନ ଖାଁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ୧୦ ଜିଲ୍ଲା ପରିଷଦ ସଭାପତିଙ୍କ ସହ ନବୀନଙ୍କ ଆଲୋଚନା

# ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବାକୁ ନବୀନଙ୍କ ପରାମର୍ଶ



ଭୁବନେଶ୍ୱର,୨୨।୧(ସମିସ): ରାଜ୍ୟର ୧୦ ଟି ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ନବୀନ ନିବାସରେ ଏହି ସାକ୍ଷାତ ଆଲୋଚନା ବେଳେ ଜିଲ୍ଲାପରିଷଦ ସଭାପତିମାନଙ୍କ ସହ ସେମାନଙ୍କ ଜିଲ୍ଲାର ବିକାଶ କାମ ଓ ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ବିଷୟରେ ନବୀନ ଆଲୋଚନା କରିଛନ୍ତି। ଏହି ଆଲୋଚନାବେଳେ ରାଜ୍ୟ ନେଇ ଜିଲ୍ଲା ପରିଷଦ ସଭାପତି ମାନେ ପଞ୍ଚାୟତି ପ୍ରତିନିଧି ମାନଙ୍କ କ୍ଷମତାକୁ ରାଜ୍ୟ ସରକାର ହଡପ କରି ପ୍ରଶାସନକୁ ଦେଇଥିବାରୁ ତୃଣମୂଳ ସ୍ତରରେ ସୃଷ୍ଟି ହେଉଥିବା ଅସନ୍ତୋଷ ବିଷୟରେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦୁର୍ବଳ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିବା ସହିତ ଏଥିପାଇଁ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଓଡ଼ିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବାକୁ ବିଜୁ

### ପଞ୍ଚାୟତିରାଜ ବ୍ୟବସ୍ଥାର କ୍ଷମତା ହଡ଼ପ ବିରୋଧରେ ହେବ ଆଇନଗତ ଲଢ଼େଇ

ବାବୁଙ୍କ ଆଦର୍ଶରେ ବିଜେଡି ସରକାର ଅନେକ ସକାରାତ୍ମକ ପଦକ୍ଷେପ ନେଇଥିଲେ। କୌଣସି ପରିସ୍ଥିତିରେ ବି ପଞ୍ଚାୟତକୁ ଦୁର୍ବଳ କରିବା ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ। ସରକାରଙ୍କ ଅସହଯୋଗ ପରି ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବିକାଶ କାମ ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ। ଏତଦବ୍ୟତୀତ ନିଜ ନିଜ ଜିଲ୍ଲାରେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରସ୍ତୁତି ଆରମ୍ଭ କରିବାକୁ ଶ୍ରୀ ପଟ୍ଟନାୟକ ଜିଲ୍ଲା ପରିଷଦ ସଭାପତି ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ବାଲେଶ୍ୱରର ନାରାୟଣ ପ୍ରଧାନ, କଟକର କିଶୋର ଚନ୍ଦ୍ର ମିଶ୍ର, ବଲାଙ୍ଗିରର ଦେବକୀ ସାହୁ, ବରଗଡ଼ର ମାନିନୀ ଭୋଇ, ମାଲକାନଗିରିର ସମାରି ଟାଙ୍ଗୁଲୁ, ଅନୁଗୁଳର ବବିତା ପ୍ରଧାନ, ଗଞ୍ଜାମର ଅଞ୍ଜଳି ସ୍ୱାଇଁ, ଜଗତସିଂହପୁରର ମନୋରଞ୍ଜନ ଭୋଇ, ନୟାଗଡ଼ର ଦେବାଶିଷ ପଟ୍ଟନାୟକ ଓ ନବରଙ୍ଗପୁରର ମୋତିରାମ ନାୟକ ପ୍ରମୁଖ ଜିଲ୍ଲା ପରିଷଦ ସଭାପତିମାନେ ଉପସ୍ଥିତ ଥିଲେ।

# ବାଲୁଖଣ୍ଡକୁ ବିପଦ ବଣଭୋଜି

ପୁରୀ,୨୨।୧(ସମିସ): ପର୍ଯ୍ୟଟନର ବିକାଶ ହେବା ଭଲ କଥା। ବାହାର ରାଜ୍ୟରୁ ପର୍ଯ୍ୟଟକ ଆସିଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବ। ସେଥିପାଇଁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ବିକାଶ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ଯେପରି ଅଧିକରୁ ଅଧିକ ପର୍ଯ୍ୟଟକ ଆକୃଷ୍ଟ ହେବେ, ସେ ଦିଗରେ ମଧ୍ୟ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ନିଆଯାଉଛି। କିନ୍ତୁ ପର୍ଯ୍ୟଟନକୁ ଦେଖିଦେଖି ପର୍ଯ୍ୟାବରଣକୁ ବଳି ପକାଇ ଦିଆଯାଉଛି। ପୁରୀ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଏପରି ଦୃଶ୍ୟ ଦେଖିବାକୁ ମିଳୁଥିବା ବେଳେ ବାଲୁଖଣ୍ଡ ଅଭୟାରଣ୍ୟ ବେଶି ପ୍ରଭାବିତ ହେଉଛି। ବାଲୁଖଣ୍ଡକୁ ବିପଦ ସାଜିଛି ବଣଭୋଜି। ଏଠାରେ ବଣଭୋଜି କରି ପର୍ଯ୍ୟଟକ ଖୁସି ହେଉଥିବା ବେଳେ ବାଲୁଖଣ୍ଡ ଏବଂ ଏହା ସଂଲଗ୍ନ ବେଳାଭୂମିରେ ପ୍ରଦୂଷଣର ମାତ୍ରା ବଢ଼ି ଚାଲିଛି।

ପୁରୀ-କୋଣାର୍କ ମେରାଇନ୍ ଡ୍ରାଇଭ୍ ରୋଡ଼ପାର୍ଶ୍ୱରେ ବାଲୁଖଣ୍ଡ ଅଭୟାରଣ୍ୟ ୮୭ବର୍ଗକିମି ଅଞ୍ଚଳକୁ ନେଇ ପରିବ୍ୟାପ୍ତ। ପୁରୀ ଉପକଣ୍ଠରୁ ଅନ୍ତରଙ୍ଗ ପର୍ଯ୍ୟନ୍ତ ଏହା ଜମିଛି। ଏହି ଅଭୟାରଣ୍ୟରେ ରୋଜି କରିବା, ପ୍ଲାଷ୍ଟିକ ଓ ପଲିଥିନ ସାମଗ୍ରୀ ବ୍ୟବହାର କରିବା ଉପରେ କଟକଣା ରହିଛି। ହେଲେ ସାମ୍ପ୍ରତିକ ସ୍ଥିତିକୁ ଦେଖିଲେ ଏହି କଟକଣା କେବଳ କାଗଜ କଲମରେ ସୀମିତ ଥିବା ଭଳି ମନେ ହେଉଛି। ପୁରୀ ବନଖଣ୍ଡ ପକ୍ଷରୁ ସେମିତି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଫଳରେ ପୁରୀ ଓ କୋଣାର୍କକୁ ଆସୁଥିବା ପର୍ଯ୍ୟଟକ ଅଭୟାରଣ୍ୟ ଭିତରେ ଅବାଧରେ ଭୋଜିଭାତର ଆସର ଜମାଉଛନ୍ତି। ଏହି ଅଭୟାରଣ୍ୟକୁ ସୁରକ୍ଷା ଦେବାରେ କେଉଁଭଳି ଭାବେ ଅବହେଳା କରାଯାଉଛି, ତାହା ଜଣେ ଆଖିରେ ନ ଦେଖିଲା ପର୍ଯ୍ୟନ୍ତ ଜାଣିପାରିବ ନାହିଁ।

ମେରାଇନଡ୍ରାଇଭରୋଡ୍‌କଡ଼େକଡ଼େ ମାଳମାଳ ଇକୋ-କଟେଜ୍ ଜଙ୍ଗଲ ଜମିରେ ଛିଡ଼ା ହୋଇଛି। ୧୦ ନମ୍ବର ଚାମ୍ବରରୁ ଭୂଦାନ ଛକ ପର୍ଯ୍ୟନ୍ତ ଲୋକେ ମନଇଚ୍ଛା ଅଳିଆ ଆବର୍ଜନା ପକାଉଛନ୍ତି। ବେଳେବେଳେ ପୌରସଂସ୍ଥା ପକ୍ଷରୁ ଏହାକୁ ସେହିଠାରେ ପୋତି ଦିଆଯାଉଛି। ଏହିଠାରୁ ହିଁ ଭୋଜିଭାତର ଆସର ଆରମ୍ଭ ହେଉଛି। ଭୋଜି ସରିବା ପରେ ଆଣିଥିବା ପଲିଥିନ୍ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ଜଙ୍ଗଲରେ ଫୋପାଡ଼ି ଦେଇ ଚାଲିଯାଉଛନ୍ତି। ଫଳରେ ଖାଦ୍ୟ ଖାଇବା ଅନ୍ୱେଷଣରେ ବୁଲୁଥିବା ହରିଣ ଓ ଅନ୍ୟ ବନ୍ୟଜନ୍ତୁ ପଲିଥିନ୍ ଖାଇ ରୋଗାକ୍ରାନ୍ତ

### ପର୍ଯ୍ୟଟନ ପାଇଁ ଉଜୁଡ଼ି ନଯାଉ ପର୍ଯ୍ୟାବରଣ





ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ପ୍ଲାଷ୍ଟିକ ଓ ପଲିଥିନ୍ ବର୍ଜ୍ୟବସ୍ତୁ ଜଙ୍ଗଲରେ ପଡ଼ି ରହି ପବନ ଦ୍ୱାରା ଉଡ଼ିବା ଫଳରେ ଜଙ୍ଗଲର ଶାନ୍ତ, ନିର୍ମଳ ପରିବେଶ ପ୍ରଦୂଷିତ ହେଉଛି। ଏହା ପରିବେଶ ଓ ବନ୍ୟଜନ୍ତୁପ୍ରେମୀଙ୍କୁ ବିଚଳିତ କରୁଛି।

ସେହିପରି ନେଚର କ୍ୟାମ୍ପରୁ ବାହାରୁଥିବା ଅଳିଆ କ'ଣ ହେଉଛି? ନୂଆନଇ ଜଙ୍ଗଲରେ ପ୍ରତି ବୁଧବାର, ଶୁକ୍ରବାର, ରବିବାର ଯେଉଁଭଳି ଭବେ ଭିଡ ହେଉଛି ଓ ଲୋକେ ଜଙ୍ଗଲ ଭିତରକୁ ଯାଇ ବଣଭୋଜି କରୁଛନ୍ତି, ତାହା ଚିନ୍ତାଜନକ ବିଷୟ। ସବୁଠୁ ବଡ଼ କଥା, ସେମାନଙ୍କୁ ଅନୁମତି ଦେଉଛି କିଏ? ରାମଚଣ୍ଡୀରେ ବଣଭୋଜିର ସ୍ଥିତି ଆହୁରି ସାଂଘାତିକ। ଏଠାରେ ଜଙ୍ଗଲ ତା'ର ସତ୍ତା ହରାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବୁଧବାର, ଶୁକ୍ରବାର ଓ ଭିଡ଼ ହେଉଛି। କିନ୍ତୁ ରବିବାର ଭିଡ଼ ଏମିତି ହେଉଛି ଖଲକଟାପାଟଣାଠାରୁ ଲୋଟସ ପର୍ଯ୍ୟନ୍ତ ରାସ୍ତା ପାର୍ ହେବାକୁ ଭୟ ଲାଗିବ। ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ମଟର ପାର୍କ ହେଉଛି। ଜଙ୍ଗଲ ସାରା ଜମୁଛି ବଣଭୋଜିର ଆସର। ଏଠି ପ୍ରଶ୍ନ ଉଠୁଛି, ଏଥିପାଇଁ ଅନୁମତି ଦେଉଛି କିଏ? ଅଳିଆ ସଫା ନାଁରେ ସେଠାରୁ ମୁଣ୍ଡ ପିଛା ୧୦ ଟଙ୍କା ଲେଖାଏଁ ଆଦାୟ କରାଯାଉଛି। ଏ କଥା ବନ ବିଭାଗ ଜାଣିଛି ତ? ଆଉ ଏକ ଅଭିଯୋଗ ହେଉଛି ଦୋକାନ ପାଇଁ ପ୍ରଥମେ କ୍ୟାବିନ ପକାଯାଉଛି। ପରବର୍ତ୍ତୀ ସମୟରେ ସେହି ଜାଗାରେ ଘର ତିଆରି କରୁଛନ୍ତି। ଫଳରେ ଜଙ୍ଗଲ ଜାଗା କମି ହେବା ସହ ବନ୍ୟ ଜୀବଜନ୍ତୁଙ୍କ ଚଳପ୍ରଚଳରେ ବାଧକ ସାଜୁଛି। ଅନେକ ସମୟରେ ବନ୍ୟଜନ୍ତୁମାନେ ଦୁର୍ବୃତ୍ତଙ୍କ ଶିକାର ହେଉଛନ୍ତି। ସାହୁଖଣ୍ଡିଠାରୁ ନୂଆରୋଗା ପର୍ଯ୍ୟନ୍ତ ସମୁଦ୍ର ପାର୍ଶ୍ୱରେ ଲୋକେ ରୋଷେଇ କରୁଛନ୍ତି। ଏଠିାରେ ପ୍ଲାଷ୍ଟିକ ଅଳିଆ ସିଧା ସମୁଦ୍ରରେ ମିଶୁଛି। ଆଗକୁ ଖରାଦିନ। ଏହି ବଣଭୋଜିରୁ ଅଗ୍ନିକାଣ୍ଡ ଘଟିବା ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇହେବ ନାହିଁ। ଯଦି ବାଲୁଖଣ୍ଡକୁ ଏବେଠାରୁ ସୁରକ୍ଷା ନ ଦିଆଯିବ ସମୟ ଆସିବ ଦିନେ ପ୍ରକୃତି ହିଁ ଦାଉ ସାଧିବ ଏଥିରେ ସନ୍ଦେହ ନାହିଁ।

## ଆଜି ରଥକାଠ ଅନୁକୂଳ ପୂଜା

ପୁରୀ,୨୨।୧(ସମିସ): ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ଶୁକ୍ରବାର ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ପୂଜା ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ରଖାଯାଇଛି। ସନ୍ଧ୍ୟାରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପରେ ରଥକାଠ ଅନୁକୂଳ ପୂଜା ହେବ। ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି। ବାକି ୮୧୮ଖଣ୍ଡ କାଠ ଏଥର ଆସିବ। ପ୍ରଥମ ପର୍ଯ୍ୟାୟରେ ଗତ ମଙ୍ଗଳବାର ୩ଟି ଟ୍ରକ୍‌ରେ ୮୩ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଛି। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ଏବଂ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ତେଣୁ ଶୁକ୍ରବାର ରଥକାଠ ଅନୁକୂଳ ପୂଜା ହେବ। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

## ଜାନୁଆରୀ ୨୬ରେ ଖୋଲା ରହିବ ନନ୍ଦନକାନନ

ନନ୍ଦନକାନନ, ୨୨।୧ (ସମିସ): ଆସନ୍ତା ଜାନୁଆରୀ ୨୬ତାରିଖ (ସୋମବାର) ନନ୍ଦନକାନନ ପ୍ରାଣୀଉଦ୍ୟାନ ପର୍ଯ୍ୟଟକଙ୍କ ନିମନ୍ତେ ଖୋଲା ରହିବ। ସାଧାରଣତଃ ପର୍ଯ୍ୟଟକଙ୍କ ନିମନ୍ତେ ନନ୍ଦନକାନନ ସୋମବାର ବନ୍ଦ ରହିଥାଏ। ଏଥର ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ସୋମବାର ପଡୁଛି। ଜାତୀୟ ଦିବସ ଛୁଟି ଥିବା ହେତୁ ଏହି ଦିନ ବୁଲିଯିବାକୁ ଲୋକେ ପସନ୍ଦ କରିଥା'ନ୍ତି। ଏଣୁ ଆସନ୍ତା ସୋମବାର ପର୍ଯ୍ୟଟକଙ୍କ ନିମନ୍ତେ ନନ୍ଦନକାନନ ଖୋଲା ରହିବ ବୋଲି ଜଣେ ଅଧିକାରୀ କହିଛନ୍ତି। ଏହା ବଦଳରେ ମଙ୍ଗଳବାର ପ୍ରାଣୀଉଦ୍ୟାନ ବନ୍ଦ ରହିବ।

## ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷଙ୍କୁ ନିଲମ୍ବନ କଲା ବିଜେଡି

ଭୁବନେଶ୍ୱର, ୨୨।୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଏନ୍‌ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେରଙ୍କୁ ବିଜେଡି ନିଲମ୍ବନ କରିଛି। ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ମେହେରଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଏନେଇ ବିଜେଡି ବରିଷ୍ଠ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

## ଓଡ଼ିଶା ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୨୨।୧(ସମିସ): ରାଜ୍ୟରେ ଆରମ୍ଭ ହେବ ଓଡିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ। ଏଥିପାଇଁ ମୋଟ୍ ୧୪୧.୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଏମ୍‌ଏଫ୍) ଓ ଓସଡମା ପାଣ୍ଠି ଯୋଗାଇବେ। ଏନ୍‌ଡିଏମ୍‌ଏ, ଇକ୍ରିସାଟ୍, ଆଇଆର୍‌ଆର୍‌ଆଇ(ଇରି), ଆଇସିଏଆର୍ ସିଆର୍‌ଆଇଡିଏ (କ୍ରିଡ଼ା) ପରି ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସହ କୃଷି ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଓ କୃଷି ବିଜ୍ଞାନ କେନ୍ଦ୍ର ମିଳିତ ଭାବେ ଏହାକୁ କାର୍ଯ୍ୟକାରୀ କରିବେ। ଏଥିପାଇଁ ଗୁରୁବାର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ, ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଓ ମୟୂରଭଞ୍ଜର ରରୁଆଁ ବ୍ଲକରେ ଆରମ୍ଭ ହେବ। ପ୍ରାୟ ୨୪ ହଜାର ପରିବାର ନିକଟରେ ଏହାକୁ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି।

## ସାଇକଲ ମରାମତି ଦୋକାନୀଙ୍କୁ ବୀଭତ୍ସ ହତ୍ୟା

ସୁକିନ୍ଦା, ୨୨।୧(ସମିସ): ସୁକିନ୍ଦା ଅଞ୍ଚଳରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ଯୁବକଜଣଙ୍କ ହେଲେ, ଲେମ୍ବୁ ପଞ୍ଚାୟତ ଅଧୀନ ମାଟିଗାଡ଼ିଆ ଗ୍ରାମ ଦଶରଥ ବେହେରା (୫୩)। ଦୁର୍ବୃତ୍ତମାନେ ତାଙ୍କ ବେକ କାଟି ହତ୍ୟା କରିଛନ୍ତି। ଗୁରୁବାର ସକାଳୁ ମାଟିଗାଡ଼ିଆ ଗାଁ ଛକ ନିକଟରେ ଦଶରଥଙ୍କ ମୃତଦେହ ପଡ଼ିଥିବା

### ରାତି ଅଧରେ ଘରୁ ଟେକିନେଇ ମାରିଦେଲେ

ଦେଖି ଗାଁଲୋକେ ସୁକିନ୍ଦା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏନେଇ ନମ୍ବର ୧୬/୨୬ରେ ଏକ ମାମଲା ରୁଜୁ ହୋଇଛି।

କିଛି ମାସ ତଳେ ଦଶରଥଙ୍କ ପତ୍ନୀଙ୍କ ଦେହାନ୍ତ ହୋଇଥିଲା। ତାଙ୍କର ଦୁଇ ପୁଅ। ଦଶରଥ ଓ ବଡ଼ପୁଅ ଅଶୋକ ପଡ଼ୋଶୀ ବାଲିଆ ଗ୍ରାମରେ ସାଇକଲ ମରାମତି ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ସାନପୁଅ କେନ୍ଦୁଝରରେ ଏକ ଘରୋଇ କମ୍ପାନୀରେ କାମ କରେ। ଗତକାଲି ପୁଅ ଅଶୋକ ସାଇକଲ ଦୋକାନରେ ଶୋଇଥିଲା। ଦଶରଥ ଘରେ ଏକା ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ଟେକି ନେଇ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ହତ୍ୟା କରିଥିଲେ। ପରେ ଶବକୁ ଗାଁ ଛକରେ ଫିଙ୍ଗି ଚାଲି ଯାଇଥିବା ସନ୍ଦେହ କରାଯାଉଛି।

ଗ୍ରାମବାସୀଙ୍କ କହିବା କଥା, ଦଶରଥ ଜଣେ ଶାନ୍ତ ସରଳ ଲୋକ। ତାଙ୍କର କାହା ସହ ଶତ୍ରୁତା ନଥିଲା। ତେବେ କିଏ ଓ କାହିଁକି ତାଙ୍କୁ ହତ୍ୟା କରିଛି, ତାକୁ ନେଇ ନାନା ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି।

## ଗରଦପୁର ବ୍ଲକ୍ ଅଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର, ୨୨।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ କୁମାର ମହାରାଜଙ୍କୁ ବିଜେଡି ନିଲମ୍ବନ କରିଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି। ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଲମ୍ବନ କରାଯାଇଥିବା ନେଇ ଦଳର ବରିଷ୍ଠ ଉପସଭାପତି ପ୍ରତାପ ଜେନା ଏକ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି।

## ଦୁଇ ଛାତ୍ରଙ୍କ ସଲିଳ ସମାଧି

ଚିକିଟି, ୨୨।୧(ସମିସ): ଗଞ୍ଜାମ ଜିଲ୍ଲା ଚିକିଟି ଥାନା ଅନ୍ତର୍ଗତ ନୂଆପଡ଼ା ଅଞ୍ଚଳରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଛି। ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ୨ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ଅଷ୍ଟମ ଶ୍ରେଣୀରେ ପଢୁଥିବା ବିଶ୍ୱାସ ପ୍ରଧାନ (୧୪) ଏବଂ ଶାଶ୍ୱତ ପାତ୍ର (୧୪)। ଗୁରୁବାର ଦ୍ୱିପ୍ରହରେ ଦୁହେଁ ସ୍ଥାନୀୟ ନଦୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ଉଭୟ ଗଭୀର ପାଣିକୁ ଚାଲିଯିବାରୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ନୂଆପଡ଼ା ଓ ଚାନ୍ଦପୁର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମାଓ କ୍ୟାମ୍ପ ଠାବ; ୧୩ ବନ୍ଧୁକ ଜବତ

ବାଲିଗୁଡ଼ା, ୨୨।୧ (ସମିସ): ଦେଶକୁ ନକ୍ସଲ ଏବଂ ମାଓବାଦୀମୁକ୍ତ କରିବାକୁ ଡେଡ଼ଲାଇନ ସମୟ ଯେତେ ପାଖେଇ ଆସୁଛି, ପୁଲିସ ଏବଂ ସୁରକ୍ଷାବାହିନୀଙ୍କ କମ୍ବିଂ ଅପରେସନ୍ ମଧ୍ୟ ସେତିକି ତୀବ୍ର ହେବାରେ ଲାଗିଛି। ଏହି କ୍ରମରେ କନ୍ଧମାଳ ଜିଲ୍ଲାରେ ମଧ୍ୟ ପୁଲିସ୍ ଏବଂ କେନ୍ଦ୍ରୀୟ ସୁରକ୍ଷା ବାହିନୀ ସିଆରପିଏଫ୍, ବିଏସ୍‌ଏଫ୍ ମିଳିତ ଭାବେ ଜିଲ୍ଲାର ବିଭିନ୍ନ ମାଓପ୍ରବଣ ଅଞ୍ଚଳରେ ଜୋରଦାର କମ୍ବିଂ କରିଛନ୍ତି। ଗୁରୁବାର ସକାଳେ ଜିଲ୍ଲା ପୁଲିସର ଏସ୍‌ଓଜି, ଡିଭିଏଫ୍ ଏବଂ ସିଆରପିଏଫ ମିଳିତ ଭାବେ କନ୍ଧମାଳ-କଳାହାଣ୍ଡି ସୀମାନ୍ତବର୍ତ୍ତୀ ଗାଙ୍ଗେଲ ଜଙ୍ଗଲରେ କମ୍ବିଂ ଅପେରସନ୍ ବେଳେ ଏକ ମାଓକ୍ୟାମ୍ପ ଠାବ କରିବା ସହ



ସେଠାରୁ ବନ୍ଧୁକ ସହ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରିଛନ୍ତି। ଜବତ ସାମଗ୍ରୀ ମଧ୍ୟରେ ୧୩ ବନ୍ଧୁକ, ୱାକିଟକି, ସୋଲାର ପ୍ୟାନେଲ, ବିଦ୍ୟୁତ ତାର, ଔଷଧ ରହିଛି। ବହୁ କୁଖ୍ୟାତ ମାଓବାଦୀ ଏହି ଜଙ୍ଗଲରେ ଲୁଚି ରହିଥିବା ସନ୍ଦେହରେ ମିଳିତ ଟିମ୍ ପକ୍ଷରୁ କମ୍ବିଂ ଅପେରସନ୍ ଜାରି ରହିଛି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଖାଇକୁ ଖସିଲା...

ପକ୍ଷରୁ ମିଳିତ ଉଦ୍ଧାର ଅଭିଯାନ ଆରମ୍ଭ ହୋଇଥିଲା। ଦୁର୍ଘଟଣାସ୍ଥଳରେ ୪ ଜଣ ଯବାନଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଆହତମାନଙ୍କୁ ଉଦ୍ଧାର କରି ହସପିଟାଲ ନିଆଯାଇଥିଲା। ତେବେ ବାଟରେ ଆଉ ୬ ଜଣ ଯବାନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅନ୍ୟ ୧୧ ଜଣଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଜଣେ ଯବାନ ଅବଜରଭେସନରେ ଥିବା ବେଳେ ଅନ୍ୟ ୧୧ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ହେଲିକପଟର ଯୋଗେ ଉଧାମପୁର ହସପିଟାଲକୁ ନିଆଯାଇଛି।

### ପଛଘୁଞ୍ଚା ଦେଲେ...

ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ, ଷ୍ଟେଟ୍ ସେକ୍ରେଟାରୀ ମାର୍କୋ ରୁବିଓ ଏବଂ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ୍‌ଙ୍କ ସମେତ ଉଚ୍ଚ ପଦାଧିକାରୀମାନେ ଏହି ବିଷୟରେ ଆଲୋଚନା କରିବେ। ହେଲେ ଯେତେବେଳେ ଆମେରିକା ରାଷ୍ଟ୍ରପତିଙ୍କୁ ପଚରାଗଲା ଯେ ଏହି ଚୁକ୍ତି କେତେ ଦିନ ପର୍ଯ୍ୟନ୍ତ ରହିବ। ସେତେବେଳେ ଟ୍ରମ୍ପ୍ ସ୍ୱଷ୍ଟ କରିଥିଲେ ଯେ ଏହା ଏକ ଦୀର୍ଘକାଳୀନ ଏବଂ ସ୍ଥାୟୀ ଚୁକ୍ତି ହେବ।ପୂର୍ବରୁ ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍‌କୁ ସମ୍ବୋଧିତ କରି ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ସେ ଗ୍ରୀନଲ୍ୟାଣ୍ଡର ଅଧିଗ୍ରହଣ ବିଷୟରେ ତୁରନ୍ତ ଆଲୋଚନା କରିବାକୁ ଚାହୁଁଛନ୍ତି। ଗ୍ରୀନଲ୍ୟାଣ୍ଡ ହେଉଛି ଆମେରିକାର ସହଯୋଗୀ ଦେଶ ଡେନମାର୍କର ଏକ ଅର୍ଦ୍ଧ-ସ୍ୱାୟତ୍ତ ଅଞ୍ଚଳ। ରାଷ୍ଟ୍ରପତି ଭାବରେ ପ୍ରଥମ କାର୍ଯ୍ୟକାଳ ସମୟରେ ଟ୍ରମ୍ପ୍ ପ୍ରଥମେ ୨୦୧୯ ରେ ଗ୍ରୀନଲ୍ୟାଣ୍ଡ ଅଧିଗ୍ରହଣ ପ୍ରସଙ୍ଗରେ ମତ ଦେଇଥିଲେ। ଗ୍ରୀନଲ୍ୟାଣ୍ଡ ରୋକ୍‌ଠୋକ୍ କହିଛି ଯେ ସେ ଆମେରିକାର ଅଂଶ ହେବାକୁ ଚାହୁଁନାହିଁ, ଯେ କି ପୂର୍ବରୁ ଏହି ଦ୍ୱୀପରେ ଏକ ସାମରିକ ଘାଟି ପରିଚାଳନା କରୁଛି। ଟ୍ରମ୍ପ୍ ଆହୁରି ମଧ୍ୟ କହିଛନ୍ତି ଯେ ତାଙ୍କ ଦେଶ ଗ୍ରୀନ୍‌ଲ୍ୟାଣ୍ଡକୁ ଅଧିଗ୍ରହଣ କରିବା ପାଇଁ ଆଲୋଚନା କରିବାକୁ ଚେଷ୍ଟା ଚଳାଇଛି, କାରଣ ଆମେରିକା ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଏହାକୁ ସୁରକ୍ଷିତ ରଖିବା ସ୍ଥିତିରେ ନାହାଁନ୍ତି। ସେପଟେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ କହିଛନ୍ତି ଯେ ସେ ଏହି ପ୍ରସଙ୍ଗକୁ ନେଇ ଚିନ୍ତିତ ନୁହଁନ୍ତି। ଜାତୀୟ ସୁରକ୍ଷା ପରିଷଦ ବୈଠକରେ ତାଙ୍କ ଟେଲିଭିଜନ ବକ୍ତବ୍ୟରେ ପୁଟିନ୍ କହିଛନ୍ତି ଗ୍ରୀନଲ୍ୟାଣ୍ଡରେ କ'ଣ ଘଟୁଛି ତାହା ଆମର କାମ ନୁହେଁ।

### ନିର୍ବାଚନ ପ୍ରକ୍ରିୟା...

ସାଧାରଣ ନିର୍ବାଚନ ପରେ ପରେ ମମତା ମହାନ୍ତ ଓ ସୁଜିତ୍ କୁମାର ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇ ବିଜେପିରେ ଯୋଗ ଦେଇଥିଲେ ଓ ବିଜେପି ପ୍ରାର୍ଥୀ ରୂପେ ଅବଶିଷ୍ଟ ଅବଧି ପାଇଁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ତେଣୁ ଏହି ୪ଟି ଆସନରେ ବିଜେପି ଓ ବିଜେଡି କାହାକୁ ନିର୍ବାଚିତ କରିବେ ତାହା ଉପରେ ସମସ୍ତଙ୍କ ନଜର ନିବଦ୍ଧ ହୋଇଛି । ସଂଖ୍ୟା ଦୃଷ୍ଟିରୁ ବିଜେପି ୨ଟି ଓ ବିଜେଡି ଗୋଟିଏ ଆସନ ପାଇବା ନିଶ୍ଚିତ । ମାତ୍ର ୪ର୍ଥ ଆସନଟି ପାଇଁ ବିଜେପି ବା ବିଜେଡି ପାଖରେ ସଂଖ୍ୟାବଳ ନାହିଁ । ଏହି ପରିପ୍ରେକ୍ଷୀରେ ବିଜେପିର ତୃତୀୟ ଓ ବିଜେଡିର ଦ୍ୱିତୀୟ ପ୍ରାର୍ଥୀଙ୍କ ପାଇଁ କଂଗ୍ରେସ ସଦସ୍ୟଙ୍କ ପ୍ରଥମ ପସନ୍ଦ ଭୋଟ ଅନିବାର୍ଯ୍ୟ ହୋଇ ପଡ଼ିବ । କିମ୍ବା ୪ର୍ଥ ଆସନରେ ପ୍ରାର୍ଥୀ ହେଉଥିବା ବ୍ୟକ୍ତିଙ୍କୁ ତିନି ଦଳର ପ୍ରଥମ ପସନ୍ଦ ଭୋଟ ପାଇଲେ ନିର୍ବାଚିତ ହେବା ସମ୍ଭବ ହୋଇ ପାରିବ । ସବୁ ଦଳର ସମର୍ଥନ ପାଇବା ପରି ବ୍ୟକ୍ତି ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ିଲେ ଏହି ଆସନରେ ବିଜୟୀ ହୋଇପାରନ୍ତି ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି ।

ଅନ୍ୟପକ୍ଷରେ ବିଜେପି ୨ଟି ଆସନରେ ବିଜୟୀ ହେବା ନିଶ୍ଚିତ କୁହାଯାଉଥିବାରୁ ଏହା ଉପରେ ପ୍ରାୟ ଡ଼ଜନେରୁ ଅଧିକ ନେତା ଆଖି ରଖିଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ପୂର୍ବତନ ସଭାପତି ସମୀର ମହାନ୍ତି, ଉପସଭାପତି ଗୋଲୋକ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ପ୍ରମୁଖ ଦାବିଦାର ସୂଚୀରେ ଥିବା କୁହାଯାଉଛି । ଏହାବ୍ୟତୀତ ଗତ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିବା କିଛି ନେତା ରାଜ୍ୟସଭାରେ ଥଇଥାନ ହେବାକୁ ଲାଗି ପଡ଼ିଥିଲେ ହେଁ ସେମାନଙ୍କର ସମ୍ଭାବନା କମ୍ ଥିବା କୁହାଯାଉଛି ।

### ୬ ପ୍ରସଙ୍ଗରେ ସରକାରଙ୍କୁ...

ଉପସ୍ଥିତିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ଚାଷୀଙ୍କ ସମସ୍ୟା ସମେତ ରାଜ୍ୟରେ ଚରମ ଆଇନ ଶୃଙ୍ଖଳା ପରିସ୍ଥିତି, ସଂଖ୍ୟାଲଘୁ ଓ ଦଳିତ ମାନଙ୍କ ପ୍ରତି ଅତ୍ୟାଚାର, ପଲ୍ୟୁସନ ସାର୍ଟିଫିକେଟ୍ ନାଁରେ ଲୋକଙ୍କ ଉପରେ ଜିଜିଆ କର ଆଦାୟ କରିବା, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ସ୍କାମକୁ ନେଇ ବୈଠକରେ ଆଲୋଚନା ହୋଇଛି । ସେହିପରି ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ ସରକାର ୧୦୦ରୁ ଊର୍ଦ୍ଧ୍ୱ ଇଣ୍ଡଷ୍ଟ୍ରିଆଲ ବ୍ୟାରେଜ ନିର୍ମାଣ କରିବା ପରେ ମହାନଦୀର ତଳ ମୁଣ୍ଡରେ ଓଡ଼ିଶାର ୧୩ଟି ଜିଲ୍ଲା ପ୍ରଭାବିତ ହୋଇଛି। ପିଇବା ପାଣି ସ୍କିମ୍ ଠାରୁ ଆରମ୍ଭ କରି, ଅଣମୌସୁମୀ ଜଳସେଚନ, ଶକ୍ତି ଉତ୍ପାଦନ ଓ ବନ୍ୟା ନିୟନ୍ତ୍ରଣ ଆଜି ଦିନରେ ରାଜ୍ୟର ପ୍ରମୁଖ ସମସ୍ୟା ସାଜିଛି। ମହାନଦୀର ସୁରକ୍ଷା ଏବଂ ଓଡିଶାର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଏକ ବ୍ୟାପକ ଜନ ଆନ୍ଦୋଳନ କରିଥିଲା, ଯାହା ଫଳରେ କେନ୍ଦ୍ର ସରକାର ରାଜ୍ୟର ଆଇନଗତ ଲଢ଼େଇ ପରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ଆହ୍ୱାନ କରାଯାଇଥିବା ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ଆଜିର ବୈଠକରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ ଓଡ଼ିଶାର ଜନସାଧାରଣଙ୍କର ସ୍ୱାର୍ଥ ଓ ମହାନଦୀର ଜଳ ପ୍ରବାହର ସୁରକ୍ଷା କ୍ଷେତ୍ରରେ ବିଜେଡି ଆଭିମୁଖ୍ୟରେ କୌଣସି ସାଲିସ୍ କରାଯିବ ନାହିଁ ବୋଲି ଶ୍ରୀ ଦାସବର୍ମା କହିଛନ୍ତି। ସେହିପରି ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ଓଡ଼ିଶାର ଜନସାଧାରଣଙ୍କୁ ଯେଉଁ ୨୧ଟି ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲା, ସେ ସମ୍ପର୍କରେ ଆଜି ରାଜନୈତିକ ବ୍ୟାପାର କମିଟିରେ ବ୍ୟାପକ ଭାବରେ ଚର୍ଚ୍ଚା ଓ ଆଲୋଚନା କରାଯାଇଛି। ଓଡ଼ିଶାର ଜନସାଧାରଣଙ୍କ ଭୋଟ୍ ନେଲା ପରେ ଡବଲ ଇଞ୍ଜିନ ସରକାର ରାଜ୍ୟବାସୀଙ୍କୁ ପ୍ରତାରିତ କରଥିବାରୁ ସେ ସମ୍ପର୍କରେ ରାଜ୍ୟବ୍ୟାପୀ ୱାର୍ଡ, ପଞ୍ଚାୟତ, ବ୍ଲକ, ନିର୍ବାଚନ ମଣ୍ଡଳୀ, ଜିଲ୍ଲା, ଏନଏସି, ପୌରପରିଷଦ ଓ ମହାନଗର ନିଗମ ସ୍ତରରେ ବିଜେଡି ପକ୍ଷରୁ ସରକାରଙ୍କ ବିଫଳତା ଏବଂ ପ୍ରତାରଣା ବରୋଧରେ ସଶକ୍ତ ଜନମତ ସୃଷ୍ଟି କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଦୁର୍ନୀତିରେ ଶୂନ୍ୟ ସହନଶୀଳତା, ଚିଟ୍‌ଫଣ୍ଡ ସ୍କାମ୍‌ରେ ପ୍ରଭାବିତ ଜନସାଧାରଣଙ୍କୁ ୧୮ ମାସ ମଧ୍ୟରେ ପ୍ରାପ୍ୟ ପ୍ରଦାନ, ୪୮ ଘଣ୍ଟା ମଧ୍ୟରେ ଡିବିଟି ମାଧ୍ୟମରେ ଓଡ଼ିଶାର ଚାଷୀକୁଳକୁ ବିନା କଟନୀ ଛଟନୀରେ ୩୧୦୦ ଟଙ୍କା କୁଇଣ୍ଟାଲ ପ୍ରାପ୍ୟ, ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କାର କ୍ୟାସ୍ ଭାଉଚର , ୨୦୨୭ ମସିହା ସୁଦ୍ଧା ୨୫ ଲକ୍ଷ ଲକ୍ଷପତି ଦିଦି, ବୟସ୍କ ବ୍ୟକ୍ତିମାନଙ୍କୁ ୩ ହଜାର ଟଙ୍କା ଭତ୍ତା, ୩୦୦ ୟୁନିଟ୍ ମାଗଣା ବିଜୁଳି, ମତ୍ସ୍ୟଜୀବୀ ମାନଙ୍କୁ ୧୦ ହଜାର ଟଙ୍କା ଭତ୍ତା, ପଞ୍ଚାୟତ, ଜିଲ୍ଲା ସଦର ମହକୁମା ଓ ଷ୍ଟେଟ୍ କ୍ୟାପିଟାଲକୁ ନୂତନ ଭାବେ ୭୫,୦୦୦ କିମି ଗ୍ରାମ୍ୟ ଓ ସହରୀ ରାସ୍ତା ନିର୍ମାଣ, ୪ଟି ସହରରେ ଆଇଟି ପାର୍କ, ମେକ୍ ଇନ୍ ଓଡ଼ିଶା ସ୍କିମ୍ ମାଧ୍ୟମରେ ଓଡ଼ିଶାର ବିକାଶ, ପାରାଦୀପ, ଧାମରା, ରାଉରକେଲା ଓ ସମ୍ବଲପୁର ମଧ୍ୟରେ ଶିଳ୍ପ କରିଡର ପ୍ରତିଷ୍ଠା, ୨ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି, କେନ୍ଦୁପତ୍ର ତୋଳାଳୀ ମାନଙ୍କର ସମସ୍ୟାର ସମାଧାନ, ପିଏମ୍ ଆବାସ ଯୋଜନା ମାଧ୍ୟମରେ ୧୫ ଲକ୍ଷ ନୂତନ ଗୃହ ନିର୍ମାଣ, ଜଳଜୀବନ ମିଶନ ଜରିଆରେ ୨୬ ଲକ୍ଷ ପରିବାରକୁ ପିଇବା ପାଣିର ବ୍ୟବସ୍ଥା, ବାକି ଥିବା ପୁରୀ ପରିକ୍ରମା ପ୍ରକଳ୍ପର ପୂର୍ଣ୍ଣାଙ୍ଗ, ପଶ୍ଚିମ ଓଡ଼ିଶାରେ ୩ ଟି ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣତ ହୋଇଛି ବୋଲି ବିଜେଡି ପକ୍ଷରୁ ଶ୍ରୀ ଦାସବର୍ମା କହିଛନ୍ତି। ବିଜୁ ଜନତା ଦଳ ଖୁବଶୀଘ୍ର ରାଜ୍ୟବ୍ୟାପୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ରୂପରେଖ ଘୋଷଣା କରିବ ବୋଲି ଦଳ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।

### ସରଣ୍ଡାରେ ଏନକାଉଣ୍ଟର...

ଆହୁରି କେତେକ ମାଓବାଦୀ ଜଙ୍ଗଲରେ ଲୁଚି ରହିଥିବା ଏଥିରୁ ସ୍ପଷ୍ଟ ହେଉଛି। ପୁଲିସ ଡିଆଇଜି କହିଛନ୍ତି ଯେ ସର୍ଚ୍ଚ ଅପରେସନ ସରିବା ପରେ ବିସ୍ତୃତ ବିବରଣୀ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ଧରି ସରଣ୍ଡା ଜଙ୍ଗଲ ମାଓବାଦୀଙ୍କ ଗଡ଼ ହୋଇ ରହିଛି। ସେମାନେ ଏଠାରେ ରହି ଝାଡ଼ଖଣ୍ଡ ଓ ଓଡ଼ିଶାରେ ମଧ୍ୟ ନିଜର କାର୍ଯ୍ୟକଳାପ ଜାରି ରଖିଛନ୍ତି। ନିଜକୁ ସୁରକ୍ଷିତ ରଖିବା ଲାଗି ସେମାନେ ଜଙ୍ଗଲ ସାରା ବାରୁଦ ବିଛାଇ ଦେଇଛନ୍ତି। ତେଣୁ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷା ବାହିନୀକୁ ଖୁବ ସତର୍କତା ସହିତ କାମ କରିବାକୁ ପଡୁଛି। ୨୦୨୨ରୁ ଏହି ଜଙ୍ଗଲରେ ବିଭିନ୍ନ ସମୟରେ ଏନକାଉଣ୍ଟର ହେଉଛି। ଏହି ଜଙ୍ଗଲରେ ଆଉ ଜଣେ ଦୁର୍ଦାନ୍ତ ମାଓ ନେତା ମିସିର ବେସରା ମଧ୍ୟ ଲୁଚି ରହିଥିବା ସନ୍ଦେହ କରାଯାଉଛି। ତାକୁ ଧରିବା ଲାଗି ରାଜ୍ୟ ପୁଲିସ ଏକ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି।

### କ୍ୟାନସର୍‌ରେ ନଷ୍ଟ...

ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଚିକିତ୍ସା ପରେ ଗତ ମାସରେ ପୁଣି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

ଉକ୍ତ ହାଡ଼କୁ ବଦଳାଇବା ଆବଶ୍ୟକ ଥିବାରୁ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡା. ସୁଧୀର ମହାପାତ୍ରଙ୍କ ନେତୃତ୍ୱରେ ବିଭିନ୍ନ ବିଭାଗର ଡାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ଗତ ୨୧ତାରିଖରେ ମନୀଷାଙ୍କ ଅସ୍ତ୍ରୋପଚାର କରିଥିଲେ। ସକାଳ ୯ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୀର୍ଘ ୭ଘଣ୍ଟା ଧରି ଏହି ଜଟିଳ ଅସ୍ତ୍ରୋପଚାର ଚାଲିଥିବା ବେଳେ ଶେଷରେ ଡାକ୍ତରୀଦଳକୁ ସଫଳତା ମିଳିଥିଲା। ରୋଗୀଙ୍କ ମେରୁଦଣ୍ଡର ଭଟିଭ୍ରା ବର୍ଣ୍ଣ (୧୦ନମ୍ବର ହାଡ଼ଖଣ୍ଡ)କୁ ବଦଳାଇ ସେହି ସ୍ଥାନରେ କୃତ୍ରିମ ପ୍ରସ୍ତୁତି ଭଟିଭ୍ରା ବର୍ଣ୍ଣକୁ ପ୍ରତିରୋପଣ କରାଯାଇଥିବା ଡା. ମହାପାତ୍ର କହିଛନ୍ତି। ବର୍ତ୍ତମାନ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ବେଳେ ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସା ଜାରି ରହିଛି। ରାଜ୍ୟରେ ଥିବା ସରକାରୀ ହସ୍ପିଟାଲରେ ମଧ୍ୟରେ 'କର୍ପେଟୋମି ଅସ୍ତ୍ରୋପଚାର' ଏମକେସିଜି ମେଡ଼ିକାଲରେ ପ୍ରଥମ। ଏଭଳି ଘଟଣା ରାଜ୍ୟ ତଥା ବିଶ୍ୱରେ ବିରଳ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦୦ଟି ରୋଗୀଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି। ଅସ୍ତ୍ରୋପୋଚାରରେ ଅନ୍ୟମାନଙ୍କ ମଧ୍ୟରେ ସିଟିଭିଏସ ବିଭାଗ ମୁଖ୍ୟ ଡା. ସାରଦା ପ୍ରସନ୍ନ ସାହୁ, ନିଶ୍ଚେତକ ବିଭାଗର ଡା. ବିଷ୍ଣୁ ମହାପାତ୍ର, ଅସ୍ଥିଶଲ୍ୟ ବିଭାଗର ଡା. କିରଣ ସାହୁ, ଓ ଡ଼ା. ଅଭିଶେଖ ଦାଶ ପ୍ରମୁଖ ଅସ୍ତ୍ରୋପଚାର କରାଇଥିଲେ।

GOVERNMENT OF ODISHA A-1323
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

e-PROCUREMENT NOTICE No. RLBCD-P1-11/2025-26

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 11 (Eleven) Nos of work. |
| 3 | Estimated Cost | Varies From Rs.49.73 Lakhs to Rs.8.85 Lakhs |
| 4 | Period of Completion | 30 Days |
| 5 | Class of Contractor | Varies From "B' Class (Odisha P.W.D), "B' Class & 'C' Class and "C" & "D"(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies From Rs. 6,000/- (Non-Refundable) and Rs. 4,000/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 49,730/- to Rs.8,850/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 16.01.2026 from 10.00 Hours to 30.01.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.31.01.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.11.02.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
kamakhyanagar

OIPR-

## ଆଜିର ରାଶିଫଳ

**ମେଷ:** ଖୁସି ଖବର ମିଳିବ। ଚାକିରିରେ ସଫଳତା ମିଳିବ। ଅର୍ଥ ନିବେଶ କରିବା ପାଇଁ ଭଲ ସମୟ। ଭବିଷ୍ୟତ ପାଇଁ ଅର୍ଥ ସଞ୍ଚୟ କରିବେ। ନିଜ ଭୁଲ୍‌କୁ ସୁଧାରିବେ। ଧାର୍ମିକ ଯାତ୍ରା ଯୋଗ ଅଛି।

**ବୃଷ:** ଦିନଟିରେ ସଫଳତା ପ୍ରାପ୍ତି ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହେବେ। ବନ୍ଧୁଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**ମିଥୁନ:** ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ରାଜନୀତିରେ ସକ୍ରିୟ ହେବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି କରିବେ।

**କର୍କଟ:** ଅଫିସ୍‌ରେ ଉଚ୍ଚ ଅଧିକାରୀଙ୍କ ସହଯୋଗ ମିଳିବ। ବ୍ୟବସାୟରୁ ଲାଭ ମିଳିବ। ଅର୍ଥ ନିବେଶରୁ ଦୂରେଇ ରୁହନ୍ତୁ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ସିଂହ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ସମ୍ବନ୍ଧିତ ନୂଆ ଯୋଜନାରୁ ବଞ୍ଚିତ ରହିବେ। ମନ ଖୁସି ରହିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିବେ।

**କନ୍ୟା:** ଆର୍ଥିକ ସ୍ଥିତି ଭଲ ରହିବ। ସୁଖଦ ଯାତ୍ରା ଯୋଗ ଅଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଭାଇ, ଭଉଣୀଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟସ୍ତତା ଭିତରେ ସମୟ କଟିବ।

**ତୁଳା:** ପ୍ରେମ ସମ୍ପର୍କରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ କର୍ମଚଞ୍ଚଳ ହେବେ। ଆଇନଜୀବୀଙ୍କୁ ସଫଳତା ମିଳିବ। ଘରକୁ ଅତିଥି ଆଗମନ ହେବ। ଜୀବନସାଥୀଙ୍କ ନୂଆ କାମକୁ ନେଇ ଖୁସି ଅନୁଭବ କରିବେ।

**ବିଛା:** ଘରେ ଧନଧାନ୍ୟ ବୃଦ୍ଧି ହେବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପରିବାର ସଦସ୍ୟଙ୍କ ମଧ୍ୟରେ ତିକ୍ତତା ଦୂର ହେବ। ଉଚ୍ଚଶିକ୍ଷା ଲାଗି ଉତ୍ତମ ସମୟ।

**ଧନୁ:** ଯାତ୍ରା ସମୟରେ ମୂଲ୍ୟବାନ ଜିନିଷ ହଜିବା ସମ୍ଭାବନା ଅଛି। ଅଫିସ୍‌ରେ ମାନସମ୍ମାନ ବଢ଼ିବ। ଅନଲାଇନ କାର୍ଯ୍ୟରୁ ଲାଭ ମିଳିବ। ଜବୀନସାଥୀଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଦେଖା ଦେବ।

**ମକର:** ଚାକିରି ନିଷ୍ପତ୍ତି ପାଇଁ ଦ୍ୱନ୍ଦ୍ୱରେ ରହିବେ। ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**କୁମ୍ଭ:** କାର୍ଯ୍ୟରେ ବାଧା ଆସିବ। ବ୍ୟବହାରରେ ନିୟନ୍ତ୍ରଣ ରକ୍ଷା କରିବେ। ଭାବିଚିନ୍ତି ଖର୍ଚ୍ଚ କରିବେ। କୌଣସି ଦୁର୍ଘଟଣା ଘଟିବା ସମ୍ଭାବନା ଅଛି। ଅଚାନକ ଦୂର ସ୍ଥାନକୁ ଯାତ୍ରା କରିବେ। ଚିନ୍ତାରେ ରହିବେ।

**ମୀନ:** ଦିନଟି ଉତ୍ସାହଜନ ରହିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ। ନିଜ ପସନ୍ଦର କାର୍ଯ୍ୟ କରିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ପାରିବାରିକ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ସହଯୋଗ ମିଳିବ।

- ୧୯୨୦- ବାୟୁ ଡାକ ସେବା ଆରମ୍ଭ ହେଲା।
- ୧୯୮୯ - ତାଜିକିସ୍ତାନରେ ଆସିଥିବା ଭୂମିକମ୍ପ ଯୋଗୁ ଶତାଧିକ ମୃତ।
- ୨୦୦୨- ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲ କରାଚୀରୁ ଅପହରଣ କରାଗଲା।
- ୨୦୨୦- ବ୍ରିଟେନ୍‌ର ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ବ୍ରେକ୍‌ଜିଟ୍ ଆଇନ୍‌କୁ ମଞ୍ଜୁରି ଦେଲେ।

ଆଜି ଆସିଥିଲେ

# ନେତାଜୀ ସୁଭାଷ ଚନ୍ଦ୍ର ବୋଷ




ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଭାରତୀୟ ମୁକ୍ତି ସଂଗ୍ରାମ ଇତିହାସର ସବୁଠାରୁ ପ୍ରଭାବଶାଳୀ ଏବଂ ପ୍ରେରଣାଦାୟୀ ନେତାମାନଙ୍କ ମଧ୍ୟରେ ସେ ଅଗ୍ରଣୀ ଥିଲେ। ନେତାଜୀ ଭାରତର ଏମିତି ଜଣେ ବୀରପୁତ୍ର ଥିଲେ; ଯିଏ ଦେଶକୁ ସ୍ୱାଧୀନ କରିବାକୁ ବ୍ରିଟିଶମାନଙ୍କ ସହ ମୁହାଁମୁହିଁ ଲଢ଼ିବାକୁ ସ୍ଥିର କରିଥିଲେ। ତାଙ୍କ ଓଜସିନୀ ଭାଷଣରେ ହଜାର ହଜାର ଭାରତୀୟ ଯୁବକ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ବିଦେଶ ମାଟିରୁ 'ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' ଆହ୍ୱାନରେ ଯୁବଗୋଷ୍ଠୀଙ୍କ ମନରେ ସେ ସୃଷ୍ଟି କରିଥିଲେ ଦେଶପ୍ରେମର ବହ୍ନି । ବିଚକ୍ଷଣ ପ୍ରତିଭା, ଅଦମ୍ୟ ଶକ୍ତି ଏବଂ ତାଙ୍କ ଭିତରେ ଥିବା ବିଦ୍ରୋହୀ ମନୋଭାବ ତାଙ୍କୁ ନେତାଜୀର ଆଖ୍ୟା ଦେଇଥିଲା । ସେ ଥିଲେ ଓଡ଼ିଶା ଆଉ କଟକ ମାଟିର ପୁଅ। ୧୮୯୭ ମସିହା ଆଜିର ଦିନରେ ଜାନକୀ ନାଥ ଦାସ ଓ ପ୍ରଭାବତୀ ଦେବୀଙ୍କ ନବମ ସନ୍ତାନ ଭାବେ କଟକଠାରେ ସୁଭାଷ ଜନ୍ମ ନେଇଥିଲେ। ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ପଢ଼ି ସେ ମାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଛାତ୍ର ଜୀବନରେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ତାଙ୍କୁ ଅନୁପ୍ରାଣିତ କରିଥିଲା। ୧୯୨୦ ମସିହା ଆଇସିଏସ୍ ପରୀକ୍ଷାରେ ସେ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ପରବର୍ତ୍ତୀ ସମୟରେ ୧୯୨୧ ମସିହାରେ ଭାରତରେ ଘଟିଥିବା ଜାଲିଓ୍ୱାନାବାଗ ହତ୍ୟାକାଣ୍ଡ ଫଳରେ ସୁଭାଷ ଅଧାରୁ ଆଇ.ସି.ଏସ୍ ପ୍ରଶିକ୍ଷଣ ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୩୯ ମସିହାରେ 'ଫରୱାର୍ଡ ବ୍ଲକ୍' ନାମକ ଏକ ରାଜନୈତିକ ଦଳ ଗଠନ କରି ଇଂରେଜ ସରକାରଙ୍କ ବିରୋଧରେ ବିଦ୍ରୋହ ଜାରି ରଖିଥିଲେ। ସଶସ୍ତ୍ର ଆନ୍ଦୋଳନ ଦ୍ୱାରା ହିଁ ଭାରତକୁ ବ୍ରିଟିଶ ସାମ୍ରାଜ୍ୟବାଦରୁ ମୁକ୍ତ କରିହେବ ବୋଲି ସେ ବିଶ୍ୱାସ କରୁଥିଲେ। ଭାରତର ସ୍ୱାଧୀନତା ପାଇଁ ୧୯୪୧ ଜାନୁୟାରୀ ୧୭ ତାରିଖରେ ସେ ଭାରତର ସୀମାନ୍ତ ଅତିକ୍ରମ କରି ଆଫଗାନିସ୍ତାନ ଓ ସୋଭିଏତ ରୁଷ ମଧ୍ୟ ଦେଇ ମାର୍ଚ୍ଚ ମାସରେ ବର୍ଲିନଠାରେ ପହଞ୍ଚିଥିଲେ। ବର୍ଲିନ୍‌ରୁ ଆଜାଦ ହିନ୍ଦ୍ ରେଡିଓ ମାଧ୍ୟମରେ ଭାରତବାସୀଙ୍କୁ ସଂଗ୍ରାମ ପାଇଁ ଆହ୍ୱାନ ଦେଇଥିଲେ। ସୁଭାଷ ସିଙ୍ଗାପୁରରେ ଆଜାଦହିନ୍ଦ୍ ଫୌଜର ଦାୟିତ୍ୱ ଗ୍ରହଣ କଲେ। ୧୯୪୩ ମସିହା ଅକ୍ଟୋବର ୨୧ ତାରିଖ ଦିନ ସେଠାରେ ସେ ଏକ ଅସ୍ଥାୟୀ ସ୍ୱାଧୀନ ସରକାର ଗଠନ କଲେ। ସେହିଦିନଠାରୁ ସେ 'ଦିଲ୍ଲୀ ଚଲୋ' ଆହ୍ୱାନ ଦେଇଥିଲେ। ୧୯୪୪ ମାର୍ଚ୍ଚ ୧୮ ତାରିଖରେ ଆଜାଦ ହିନ୍ଦ୍ ଫୌଜ ବର୍ମା ସୀମା ଅତିକ୍ରମ କରି ଭାରତୀୟ ମାଟିରେ ପାଦ ଥାପିଥିଲା ଓ ମଣିପୁରର ଇମ୍ଫାଲ ଯାଏଁ ଏହି ଅଭିଯାନ ଅଗ୍ରସର ହେଲା। ଦୃଢ଼ ପଦକ୍ଷେପରେ ଅଗ୍ରସର ହେଉଥିବା ଆଜାଦ ହିନ୍ଦ୍ ଫୌଜ ଉପରକୁ ବ୍ରିଟିଶ ବାହିନୀ ଉଭୟ ସ୍ଥଳ ଓ ଆକାଶପଥରୁ ଆକ୍ରମଣ କରି ଇମ୍ଫାଲଠାରେ ତାଙ୍କୁ ପରାସ୍ତ କଲା। ୧୯୪୫ରେ ନେତାଜୀଙ୍କର ବିମାନ ଦୁର୍ଘଟଣାରେ ମୃତ୍ୟୁ ହୋଇଛି ବୋଲି ଖବର ଆସିଥିଲା। ହେଲେ ଆଜି ବି ନେତାଜୀଙ୍କ ମୃତ୍ୟୁ ରହସ୍ୟ ଘେରରେ ରହିଛି। ତାଙ୍କର ସିଦ୍ଧାନ୍ତ ଏବଂ ଆଦର୍ଶ ଆଜି ମଧ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି। ନେତାଜୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ତାଙ୍କ ଜନ୍ମଦିନକୁ 'ପରାକ୍ରମ ଦିବସ' ଭାବେ ପାଳନ କରାଯାଉଛି। ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଦେଶଭକ୍ତ ଓ ଜଣେ ଅବିସ୍ମରଣୀୟ ଯୋଦ୍ଧାଭାବେ ନେତାଜୀ ଏ ଜାତିର ଚିର ନମସ୍ୟ।



ବଲିଉଡ୍ କିଙ୍ଗ୍ ଖାନ୍ ଶାହାରୁଖ୍ ଏବେ ତାଙ୍କ ଫିଲ୍ମ 'କିଙ୍ଗ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି । ଅନେକ ଦିନରୁ ଶାହାରୁଖ୍‌ଙ୍କ ପ୍ରଶଂସକମାନେ ଏହାର ରିଲିଜ୍ ଦିନକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଏହାର ରିଲିଜ୍‌କୁ ନେଇ ଖବର ଆସିଛି। ସିଦ୍ଧାର୍ଥ ଆନନ୍ଦ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ନିକଟରେ ସିଦ୍ଧାର୍ଥ ଏହାର ରିଲିଜ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର୍ କରିଥିଲେ। ଏହାପରେ ସିଦ୍ଧାର୍ଥ 'କିଙ୍ଗ୍'କୁ ଏଇ ବର୍ଷ କ୍ରିସ୍‌ମାସ ଅବସରରେ ରିଲିଜ୍ କରାଯିବା ପାଇଁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ନୀତେଶ ତିୱାରିଙ୍କ 'ରାମାୟଣ' ପାଇଁ ସିଦ୍ଧାର୍ଥ ଏହି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। 'ରାମାୟଣ' ଓ 'କିଙ୍ଗ୍' ଉଭୟ ଫିଲ୍ମ ବକ୍ସ ଅଫିସ୍‌ରେ ଆୟ ମାମଲାରେ ରେକର୍ଡ କରିବ ବୋଲି ଆଶା କରାଯାଉଛି। 'ରାମାୟଣ'ର ପ୍ରଥମ ପାର୍ଟ ୨୦୨୬ ନଭେମ୍ବରରେ ରିଲିଜ୍ ହେଉଥିବାରୁ 'କିଙ୍ଗ୍' ଫିଲ୍ମ ନିର୍ମାତା ଉଭୟ ଫିଲ୍ମକୁ ବିଜିନେସ୍ ପାଇଁ ଯଥେଷ୍ଟ ସମୟ ମିଳୁ ବୋଲି ଇଚ୍ଛା ରଖିଛନ୍ତି। ଏହି କାରଣରୁ କ୍ରିସମାସ୍ ସମୟ 'କିଙ୍ଗ୍' ପାଇଁ ଉପଯୁକ୍ତ ସମୟ ବୋଲି ଏହାର ପ୍ରଯୋଜକ ଭାବୁଛନ୍ତି। ସବୁଠୁ ବଡ଼ କଥା ହେଲା, ଏହି ସମୟରେ ଅନ୍ୟ କୌଣସି ବଡ଼ ହିନ୍ଦୀ ଫିଲ୍ମ ମଧ୍ୟ ରିଲିଜ୍ ହେଉ ନାହିଁ। ତେବେ ଫିଲ୍ମର ରିଲିଜ୍‌କୁ ନେଇ ଖୁବ୍‌ଶୀଘ୍ର ସିଦ୍ଧାର୍ଥ ବିଧିବଦ୍ଧଭାବେ କିଛି ସୂଚନା ଦେଇପାରନ୍ତି ବୋଲି କୁହାଯାଉଛି। 'କିଙ୍ଗ୍'ରେ ଶାହାରୁଖ୍‌ଙ୍କ ସହ ଦୀପିକା ପାଦୁକୋନ୍, ସୁହାନା ଖାନ୍, ଅଭିଷେକ ବଚ୍ଚନ, ଅରଶଦ ୱର୍ସି ପ୍ରମୁଖ ନଜର ଆସିବେ।

# ବୀର ସୁରେନ୍ଦ୍ର ସାଏ



ଆଜି ଆସିଥିଲେ

ଭାରତୀୟ ସଶସ୍ତ୍ର ସଂଗ୍ରାମର ମହାନାୟକ ବୀର ସୁରେନ୍ଦ୍ର ସାଏଙ୍କ ଆଜି ଜନ୍ମତିଥି। ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରିତ୍ୱ ନେଇ ସେ ବ୍ରିଟିଶ ସରକାର ବିରୋଧରେ 'ଉଲଗୁଲାନ' (ଆନ୍ଦୋଳନ) ଆରମ୍ଭ କରିଥିଲେ। ସେ ଥିଲେ ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧା ଓ ବିଚକ୍ଷଣ ବିପ୍ଳବୀ। ୧୮୦୯ ମସିହା ଆଜିର ଦିନରେ ସୁରେନ୍ଦ୍ର ସାଏ ସମ୍ବଲପୁରଠାରୁ ୧୯ ମାଇଲ ଦୂର ଖିଣ୍ଡା ଗାଁରେ ଜନ୍ମଗ୍ରହଣ କରିଥିଲେ । ଖିଣ୍ଡାବଂଶୀୟ ଧରମ ସିଂହ ଓ ରେବତୀ ଦେବୀଙ୍କ ସାତ ପୁଅ ଓ ଗୋଟିଏ ଝିଅ ମଧ୍ୟରୁ ସୁରେନ୍ଦ୍ର ସାଏ ଥିଲେ ବଡ଼ ପୁଅ। ସେ ଥିଲେ ସମ୍ବଲପୁରରେ ଚୌହାଣ ବଂଶର ଚତୁର୍ଥ ରାଜା ମଧୁକର ସାଏଙ୍କ ବଂଶଜ। ସୁରେନ୍ଦ୍ର ସାଏ ଗାଙ୍ଗପୁର ରାଜ୍ୟର ହାତିବାରୀ ଜମିଦାରଙ୍କ କନ୍ୟା ସୁବର୍ଣ୍ଣକୁମାରୀଙ୍କୁ ବିବାହ କରିଥିଲେ । ୧୮୨୭ରେ ଚୌହାଣ ବଂଶର ଶେଷ ରାଜା ନିଃସନ୍ତାନ ମହାରାଜ ସାଏଙ୍କ ମୃତ୍ୟୁ ପରେ ରାଜଗାଦିରେ ଅଧିଷ୍ଠିତ ହେବା ପାଇଁ ସୁରେନ୍ଦ୍ର ସାଏ ଥିଲେ ଯୋଗ୍ୟ ବ୍ୟକ୍ତି। ବ୍ରିଟିଶ କର୍ତ୍ତୃପକ୍ଷ କିନ୍ତୁ ନାନା ଫନ୍ଦି ଫିକର କରି ସୁରେନ୍ଦ୍ର ସାଏଙ୍କୁ ରାଜଗାଦିରୁ ଦୂରେଇ ରଖିବାରୁ ଜନ ଅସନ୍ତୋଷ ତୀବ୍ରତର ହୋଇ ସମ୍ବଲପୁର ବିପ୍ଳବର ରୂପ ନେଲା। ତାଙ୍କ ମୋଟ ଜୀବନ କାଳ ୭୫ ବର୍ଷ ମଧ୍ୟରୁ ୩୭ ବର୍ଷକାଳ ସେ କାରାଗାରରେ କାଟିଥିଲେ। ସୁରେନ୍ଦ୍ର ସାଏ ୧୮୨୭ରୁ ୧୮୪୦ ପର୍ଯ୍ୟନ୍ତ ୧୩ ବର୍ଷ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ୭ ବର୍ଷ ଏହିପରି ଦୁଇଟି ପର୍ଯ୍ୟାୟରେ ମୋଟରେ ୨୦ ବର୍ଷ ଇଂରେଜ ସରକାରଙ୍କ ବିରୁଦ୍ଧରେ ନିରବଚ୍ଛିନ୍ନ ଭାବରେ ଲଢ଼େଇ କରିଥିଲେ । ସେ ଇଂରେଜମାନଙ୍କ ମୁକାବିଲା ନିମନ୍ତେ ଗରିଲା ରଣନୀତି ଆପଣେଇ ଥିଲେ। ପାହାଡ଼ ଉପରୁ ପଥର ଖସାଇ ଇଂରେଜମାନଙ୍କ ଉପରେ ଅତର୍କିତ ଆକ୍ରମଣ କରୁଥିଲେ। ତାଲିମପ୍ରାପ୍ତ ଇଂରେଜ ସୈନ୍ୟମାନଙ୍କ ଯୁଦ୍ଧ କୌଶଳ କାମ ଦେଇ ନ ଥିଲା। ତେବେ ବିଶ୍ୱାସଘାତକତାର ଶିକାର ହୋଇଥିଲେ ସୁରେନ୍ଦ୍ର ସାଏ। ତାଙ୍କ ଜନ୍ମଦିନ ୨୩ ଜାନୁଆରି ୧୮୬୪ ରେ ହିଁ ଦ୍ୱିତୀୟ ଥର ପାଇଁ ସେ ଗିରଫ ହୋଇଥିଲେ। ଗିରଫ ସୁରେନ୍ଦ୍ର ସାଏଙ୍କୁ ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାସ୍ଥ ଅସୀରଗଡ଼ ଦୁର୍ଗରେ ବନ୍ଦୀ କରାଯାଇଥିଲା। ସେବେଠାରୁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ବନ୍ଦୀ ଜୀବନ କାଟିଥିଲେ ସୁରେନ୍ଦ୍ର ସାଏ । ୧୮୮୪ ଫେବୃଆରୀ ୨୮ ତାରିଖରେ ଅସୁରଗଡ଼ ଦୁର୍ଗରେ ହିଁ ସୁରେନ୍ଦ୍ର ସାଏଙ୍କ ପରଲୋକ ହୋଇଥିଲା । ମାତୃଭୂମିକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ତାଙ୍କର ଜୀବନବ୍ୟାପୀ ପ୍ରଚେଷ୍ଟାର ତୁଳନା ନାହିଁ ।

## ସଞ୍ଜୀବନୀ

# ହେୟାର ଲାଇନ୍ ଫ୍ରାକ୍‌ଚର୍

**ହେୟାର ଲାଇନ୍ ଫ୍ରାକ୍‌ଚର୍‌କୁ ଡାକ୍ତରୀ ଭାଷାରେ ଷ୍ଟ୍ରେସ୍ ଫ୍ରାକ୍‌ଚର୍ କୁହାଯାଏ। ଏଥିରେ ଅସ୍ଥି ଭାଙ୍ଗି ନ ଥାଏ ବରଂ କେଶ ପରି ପତଳାର କ୍ରାକ୍ ବା ଫାଟ ହୋଇଥାଏ। ଚିକିତ୍ସାରେ ଅବହେଳା ହେଲେ ଭବିଷ୍ୟତରେ ଫ୍ରାକ୍‌ଚର୍ ହେବା ଆଶଙ୍କା ବଢ଼ିପାରେ।**



ଅଚାନକ ପାଦ ମଚକି ଯିବା, ପାଦ ଝିମ୍‌ଝିମ୍ ଲାଗିବା, ପାଦରେ ଚାପ, ଦୌଡ଼ିବା କିମ୍ବା ଡିଆଁଡେଇଁ ଦ୍ୱାରା ହାଡରେ ସୂକ୍ଷ୍ମ ଫାଟ ଆସିପାରେ। ଏହାବାଦ୍ ଭୁଲ୍ ଶୈଳୀରେ ବ୍ୟାୟାମ, ସଠିକ୍ ଜୋତା ନ ପିନ୍ଧିବା, ଦୁର୍ବଳ ଅସ୍ଥି କିମ୍ବା ଖାବଡ଼ା ଭୂମିରେ ଚାଲିବା ଦ୍ୱାରା ଏହି ରୋଗ ହୋଇପାରେ। ଏହି ରୋଗ ହେଲେ ପାଦରେ ଯନ୍ତ୍ରଣା ହୁଏ। ତଳେ ପାଦ ରଖିବାରେ କଷ୍ଟ, ଫ୍ରାକ୍‌ଚର୍ ସ୍ଥାନଟି ଫୁଲିଯିବା ଓ ସେଠାରେ ଆଘାତ ନଜର ଆସିବା ଆଦି ଲକ୍ଷଣ ଦେଖାଯାଏ। ହେୟାରଲାଇନ୍ ଫ୍ରାକ୍‌ଚର୍‌ରେ ଡାକ୍ତର ମୋଟା ପଟି କିମ୍ବା ପ୍ଲାଷ୍ଟର ଲଗାନ୍ତି। ଫ୍ରାକ୍‌ଚର୍ ସ୍ଥାନକୁ ଆରାମ ଦେବା ସହିତ ବରଫ ଘସିବା ଦ୍ୱାରା ଆରାମ ମିଳିଥାଏ। ଖାଦ୍ୟପେୟରେ କ୍ୟାଲ୍‌ସିୟମ ଏବଂ ଭିଟାମିନ୍-ଡି' ଭରପୁର ଖାଦ୍ୟ ସାମିଲ କରିବା ଦ୍ୱାରା ଅସ୍ଥି ଶକ୍ତ ହୁଏ। ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଆବଶ୍ୟକ।

# ଫ୍ଲେକ୍ସିବଲ୍ ରେନୋସ୍କୋପି

ବିଶୃଙ୍ଖଳିତ ଜୀବନଶୈଳୀ, କମ୍ ପାଣି ପିଇବା, କ୍ୟାଲ୍‌ସିୟମ ଓ ୟୁରିକ ଏସିଡ୍ ଉଚ୍ଚ ପରିମାଣ ଥିବା ଖାଦ୍ୟ ଅଧିକ ଖାଇଲେ କିଡ୍‌ନୀ ଷ୍ଟୋନ୍ ହେବା ଆଶଙ୍କା ଅଧିକ ଥାଏ। ଏହାଦ୍ୱାରା ଶରୀରରେ ବିଭିନ୍ନ ଲକ୍ଷଣ ଦେଖାଯାଇଥାଏ। ରୋଗୀର ଶାରୀରିକ ଅବସ୍ଥା, ପଥୁରିର ସ୍ଥିତି ଆଦିକୁ ଗୁରୁତ୍ୱ ଦେଇ ଚିକିତ୍ସା କରାଯାଇଥାଏ। ଆବଶ୍ୟକ ହେଲେ ସର୍ଜରୀ ଓ ଅନ୍ୟାନ୍ୟ ଚିକିତ୍ସା ପଦ୍ଧତିଗୁଡ଼ିକୁ ଅନୁସରଣ କରିବାକୁ ହୁଏ। ଏହିକ୍ରମରେ ଫ୍ଲେକ୍ସିବଲ୍ ରେନୋସ୍କୋପି ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି। ଏଫ୍‌ୟୁଆର୍‌ଏସ୍ ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି। ଏହାକୁ ରେଟ୍ରୋଗ୍ରେଡ ଇଣ୍ଟ୍ରାରେନଲ୍ ସର୍ଜରୀ ମଧ୍ୟ କୁହାଯାଏ। ବୃକ୍‌କର ଭିତରେ ପଥୁରି କିମ୍ବା ୟୁରେଟର୍ ଷ୍ଟୋନ ଚିହ୍ନଟ ଏବଂ ଚିକିତ୍ସା ପାଇଁ ଫ୍ଲେକ୍ସିବଲ୍ ରେନୋସ୍କୋପି ଅସ୍ତ୍ରୋପଚାର ବ୍ୟବହୃତ କରାଯାଏ। ଏହି ସର୍ଜରୀରେ ରୋଗୀଙ୍କ ଶରୀରରେ କଣା କରିବାକୁ ପଡ଼ି ନ ଥାଏ। ଏହି ପ୍ରକ୍ରିୟାରେ ଏକ ଫ୍ଲେକ୍ସିବଲ ୟୁରେଟେରୋସ୍କୋପ ପରିସ୍ରା ରାସ୍ତା ଦେଇ ମୂତ୍ରାଶୟ, ୟୁରେଟର ଓ ବୃକ୍‌କର ଭିତରକୁ ପ୍ରବେଶ କରି ଏବଂ ଲେଜର ବ୍ୟବହାର କରି ପଥୁରିକୁ ଗୁଣ୍ଡ କରି କାଢ଼ି ଦିଆଯାଏ। ବିନା କଣାରେ ପଥୁରି ଅସ୍ତ୍ରୋପଚାର ହୁଏ। ଫଳରେ ରୋଗୀକୁ ହସ୍‌ପିଟାଲରୁ ଶୀଘ୍ର ଛଡ଼ାଯାଇଥାଏ। ଏଥିରେ କମ୍ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯିବା ସହ ରକ୍ତ କ୍ଷୟ କମ୍ ସମ୍ଭାବନା ଥାଏ। ତେବେ ଅସ୍ତ୍ରୋପଚାର ପରେ ପୀଡ଼ିତ ଡାକ୍ତରଙ୍କ ପରାମର୍ଶ ନେବା ନିତାନ୍ତ ଜରୁରି।



# ସିଭିଆଇକୁ ବୁଝିବା ପିତାମାତାଙ୍କ କର୍ତ୍ତବ୍ୟ

**ଶିଶୁମାନଙ୍କ ଦୃଷ୍ଟିଶକ୍ତି ସମସ୍ୟାର ଅନ୍ୟତମ ପ୍ରମୁଖ କାରଣ ହେଉଛି କର୍ଟିକାଲ୍/ସେରେବ୍ରାଲ୍ ଭିଜୁଆଲ୍ ଇମ୍ପେୟାରମେଣ୍ଟ (ସିଭିଆଇ)। ଏହା ସାଧାରଣ ଚକ୍ଷୁ ରୋଗ ପରି ନୁହେଁ। ମସ୍ତିଷ୍କର ଦୃଶ୍ୟ ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷତି ହେବା ଯୋଗୁ ଏହି ରୋଗ ହୁଏ। ଅନେକ କ୍ଷେତ୍ରରେ ଶିଶୁର ଚକ୍ଷୁ ସୁସ୍ଥ ଏବଂ ସ୍ୱାଭାବିକ ଦେଖାଯାଇପାରେ, ତଥାପି ଶିଶୁଟି ଦୈନନ୍ଦିନ ଜୀବନରେ ଭଲ ଭାବରେ ଦେଖିବା, ବୁଝିବା କିମ୍ବା ଦେଖିଚାହିଁ କାର୍ଯ୍ୟ କରିବାକୁ ଅସୁବିଧାରେ ପଡ଼ିଥାଏ। ଜନ୍ମ ପୂର୍ବରୁ, ଜନ୍ମ ସମୟରେ କିମ୍ବା ଜନ୍ମ ପରେ ପରେ ମସ୍ତିଷ୍କରେ ଆଘାତ ଯୋଗୁଁ ସିଭିଆଇ ବାଧିତ ହୋଇପାରେ।**



**କାରଣ:** ସାଧାରଣ କାରଣଗୁଡିକ ମଧ୍ୟରେ ମସ୍ତିଷ୍କକୁ ଅମ୍ଳଜାନ କିମ୍ବା ରକ୍ତ ଯୋଗାଣର ଅଭାବ, ମସ୍ତିଷ୍କରେ ତରଳ ପଦାର୍ଥ ଜମା, ସଂକ୍ରମଣ ଯାହା ମସ୍ତିଷ୍କ ପର୍ଯ୍ୟନ୍ତ ପହଂଚିଥାଏ, ମୁଣ୍ଡରେ ଆଘାତ, ସମୟ ପୂର୍ବରୁ ଜନ୍ମ, ଆନୁବଂଶିକ ରୋଗ, ଶରୀର ବୃଦ୍ଧିକାରୀ ରାସାୟନିକ ପ୍ରକ୍ରିୟା କିମ୍ବା କ୍ରୋମୋଜୋମ୍ ସମ୍ବନ୍ଧୀୟ ଅବସ୍ଥା ଆଦି ଅନ୍ତର୍ଭୁକ୍ତ।

**ଲକ୍ଷଣ:** ସିଭିଆଇ ବା ମସ୍ତିଷ୍କ ଦୃଷ୍ଟି ବାଧିତ ରୋଗ ହେଲେ ଶିଶୁମାନେ ଦେଖୁଥିବା ଜିନିଷ ଉପରେ ପ୍ରତିକ୍ରିୟା ଦେବାକୁ ସମୟ ନିଅନ୍ତି, କେବଳ ସାମ୍ନାର ରହିଥିବା ସାମଗ୍ରୀ ଦେଖିପାରନ୍ତି, ମୁହଁ ଏବଂ ବସ୍ତୁଗୁଡ଼ିକୁ ଚିହ୍ନିବାରେ ଅସୁବିଧା ଭୋଗନ୍ତି। ଅସଜଡ଼ାଭାବେ ଜିନିଷକୁ ଚିହ୍ନିବାରେ ଅସୁବିଧା ହୁଏ। ଗତିଶୀଳ ବସ୍ତୁକୁ ସହଜରେ ଲକ୍ଷ୍ୟ କରନ୍ତି। ସେମାନେ ପ୍ରାନ୍ତ ଦୃଷ୍ଟିକୋଣରେ ଦେଖିବାକୁ ପସନ୍ଦ କରନ୍ତି। ଆଲୋକ ପ୍ରତି ସମ୍ବେଦନଶୀଳ ହୁଅନ୍ତି। ନିର୍ଦ୍ଦିଷ୍ଟ ରଙ୍ଗକୁ ପସନ୍ଦ କରନ୍ତି। ତେଣୁ ଶରୀର ବିକଶିତ ହେବାରେ ବିଳମ୍ବ, ଶିଶୁଠାରେ ଅସ୍ୱାଭାବିକ ଭାବେ ଦେଖିବାର ଆଚରଣ ସହିତ ଉପରୋକ୍ତ ଲକ୍ଷଣ ଦେଖାଦେଲେ ପିତାମାତାମାନେ ଏଥିପ୍ରତି ଧ୍ୟାନ ଦେଇ ରୋଗ ନିର୍ଣ୍ଣୟ ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ। ସିଭିଆଇ ବା ମସ୍ତିଷ୍କ ଦୃଷ୍ଟି ବାଧିତ ରୋଗ ନିରୂପଣ ଏକ ବିଳମ୍ବିତ ପ୍ରକ୍ରିୟା। ଅଧିକାଂଶ କ୍ଷେତ୍ରରେ ଶିଶୁ ଚାଲିବା ଆରମ୍ଭ ଅବସ୍ଥାରେ କିମ୍ବା ପରେ ଏହି ରୋଗ ଚିହ୍ନଟ ହୁଏ।

**ପ୍ରତିକାର:** ବିଶେଷଜ୍ଞ ଡାକ୍ତରମାନେ ନିର୍ଦ୍ଦିଷ୍ଟ ଭାବେ ସ୍ପିଚ୍ ଏବଂ ଲାଙ୍ଗୁଏଜ୍ ଥେରାପି, ଫିଜିଓଥେରାପି, ଅକୁପେସନାଲ୍ ଥେରାପି, କଗ୍ନିଟିଭ୍ ଡେଭେଲପମେଂଟ ସପୋର୍ଟ, ଏବଂ ବିହେଭିଅରାଲ୍ ଥେରାପି ଭଳି ସହଯୋଗୀ ସେବା ସହିତ ବ୍ୟକ୍ତିଗତ ହସ୍ତକ୍ଷେପ ଯୋଜନା ପ୍ରଦାନ କରନ୍ତି। ସିଭିଆଇ ପୀଡ଼ିତ ଅନେକ ପିଲା ଠିକ ଭାବେ ମନଯୋଗୀ ନ ହେବା କିମ୍ବା ଶିଖିବାରେ ଅସୁବିଧା ଭୋଗନ୍ତି ବୋଲି ଭୁଲ ବୁଝାଯାଏ। ଦୃଷ୍ଟିଶକ୍ତି ସମସ୍ୟାଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଚିହ୍ନଟ କରିବା ଦ୍ୱାରା ସେମାନଙ୍କର ଶିଖିବା, ପାରସ୍ପରିକ କ୍ରିୟା କରିବା ଏବଂ ଉନ୍ନତି କରିବାର କ୍ଷମତାକୁ ପରିବର୍ତ୍ତନ କରାଯାଇପାରିବ।

- ମିତାରାଣୀ ନାୟକ
ପୁନର୍ବାସ ଚିକିତ୍ସକ
ମିଠୁ ତୁଳସୀ ଚାନରାଇ କ୍ୟାମ୍ପସ

# ପ୍ରଦୂଷଣ ପ୍ରତିହତକାରୀ ଖାଦ୍ୟ

ବର୍ତ୍ତମାନ ଦେଶର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣମାତ୍ରା ଖରାପସ୍ତରରେ ପହଞ୍ଚିଛି। ପ୍ରଦୂଷଣ ବୃଦ୍ଧି ଯୋଗୁ ରୋଗପ୍ରତିରୋଧକଶକ୍ତି ଦୁର୍ବଳ ହୁଏ। ଆଜ୍‌ମା, ହରମୋନ୍ ଅସନ୍ତୁଳନ, ହୃଦ୍‌ରୋଗ ଆଦି ରୋଗ ସୃଷ୍ଟି ହୁଏ। ତେଣୁ ଖାଦ୍ୟପେୟ ପ୍ରତି ଧ୍ୟାନ ଦେଇ ଫିଟ୍ ରହିପାରିବେ। ହଳଦୀର ଉପକାରୀ ତତ୍ତ୍ୱ ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ସଂକ୍ରମଣରୁ ରକ୍ଷା କରିଥାଏ। ଯକୃତରୁ ବିଷାକ୍ତ ପଦାର୍ଥ ବାହାର କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ରସୁଣ ଖାଇ ପାରିବେ। ଚର୍ମ ଜନିତ ସମସ୍ୟା ଦୂର ପାଇଁ ପିତା ଖାଦ୍ୟ ସେବନ ଜରୁରି। ସେହିପରି ଖାଦ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଦୈନିକ ଖାଦ୍ୟରେ ପ୍ରଦୂଷଣ ପ୍ରତିହତକାରୀ ଖାଦ୍ୟ ଯଥା- ଅଁଳା, ପିଜୁଳି, କମଳା, ଅମୃତଭଣ୍ଡା, ବିଟ୍, ଶ୍ରୀଅନ୍ନ -ମାଣ୍ଡିଆ, ଗାଜର, ଅଦା, ବ୍ରୋକଲି, ଟମାଟୋ, ଡ୍ରାଏଫ୍ରୁଟ୍‌ସ, ପାଳଙ୍ଗ, ମେଥି, ସାଲମନ ଆଦି ସାମିଲ କରିବା ଜରୁରି। ଉଷୁମ ପାଣିରେ ଲେମ୍ବୁ ରସ ମିଶାଇ ପାନ ମଧ୍ୟ ହିତକର। ପାଣି ସହିତ ପଇଡ଼, ଜୁସ୍ ପିଇ ପାରିବେ। ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପ୍ରତି ହିତକର।



# ହୃଦ୍ ରୋଗରେ ଅର୍ଜୁନ ଗଛର ଉପକାରିତା

ଡାକ୍ତର ପ୍ରଦୀପ କୁମାର ମିଶ୍ର

**ଅର୍ଜୁନ ଗଛର ପତ୍ର ଓ ଛାଲି ଔଷଧାର୍ଥେ ବ୍ୟବହାର ହୋଇଥାଏ। ଏହା କଷାୟରସଯୁକ୍ତ ଉଷ୍ଣବୀର୍ଯ୍ୟ ଅଟେ।**

- ଅର୍ଜୁନ ଛାଲିର ଚୂର୍ଣ୍ଣ ଏକରୁ ତିନିଗ୍ରାମ ମାତ୍ରାରେ ଦିନକୁ ଦୁଇବେଳା ସେବନ କଲେ ହୃଦ୍ ରୋଗରେ ଉପକାର ହୁଏ।
- ଅର୍ଜୁନ ଛାଲି ୨୦ ଗ୍ରାମ୍, ଗାଈଦୁଗ୍ଧ ୧୬୦ମିଲି ଏବଂ ଜଳ ୬୪୦ମିଲି ଏକତ୍ର ଯଥାବିଧି ପାକ କରି ଦୁଗ୍ଧାବଶେଷ ରଖି ଛାଣି ପାନ କଲେ ହୃଦ୍‌ରୋଗରେ ବିଶେଷ ଉପକାର ହୁଏ। (ଚକ୍ରଦତ୍ତ)
- ମକଚି ଯାଇଥିବା ସ୍ଥାନରେ ଅର୍ଜୁନ ଛାଲି ବାଟି ଲେପ ଦେଲେ ଉପକାର ହୁଏ।
- ଅର୍ଜୁନ ଛାଲି ବାଟି ସେଥିରେ ମହୁ ମିଶାଇ ମୁଖରେ ଲେପନ କରି ଅଧଘଣ୍ଟା ପରେ ଧୋଇ ଦେଲେ ତ୍ୱଚାର କଳାଦାଗ କମିଥାଏ।
- ଅର୍ଜୁନ ଛାଲି ଚୂର୍ଣ୍ଣକୁ ବାସଙ୍ଗ ପତ୍ର ରସରେ ସାତ ଥର ଭାବନା ଦେଇ ଏହି ଚୂର୍ଣ୍ଣକୁ ଏକଗ୍ରାମ୍ ମାତ୍ରାରେ ଘିଅ, ମହୁ ଓ ମିଶ୍ରି ସହିତ ସେବନ କଲେ କ୍ଷୟ କାଶ ଓ ପୁରାତନ କାଶରେ ଉପକାର ହୁଏ।

ମାଛରଙ୍କା, ସିଂଲା, ବାଲେଶ୍ୱର

# ସ୍ପଷ୍ଟ କଲା ବାଂଲାଦେଶ; ଭାରତରେ ବିଶ୍ୱକପ୍ ଖେଳିବନି

ଦୁବାଇ,ଢାକା,୨୨।୧(ଏଜେନ୍ସି):



ଭାରତରେ ଫେବୃଆରୀ ୭ରୁ ହେବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଖେଳ ନଚେତ୍ ଅନ୍ୟଦଳକୁ ସୁଯୋଗ ମିଳିବ ବୋଲି ଗତକାଲି ବାଂଲାଦେଶକୁ ଦେଇଥିବା ଧମକ ବା ଚେତାବନୀ ଏହି ଦେଶ ଉପରେ କୌଣସି ପ୍ରଭାବ ପକାଇନାହିଁ। 'ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବାରୁ ଭାରତରେ ଆମେ ବିଶ୍ୱକପ୍ ଖେଳିବାକୁ ଯିବୁ ନାହିଁ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି'। ଏ ସମ୍ପର୍କରେ ବାଂଲାଦେଶ କାମଚଳା ସରକାରଙ୍କ କ୍ରୀଡ଼ା ପରାମର୍ଶଦାତା ଆସିଫ ନଜରୁଲ ସାମ୍ବାଦିକ ସମ୍ମିଳନୀରେ ଏହା ପ୍ରକାଶ କରିବା ସହ ଭାରତ ବାହାରେ ଆମେ ବିଶ୍ୱକପ୍ ଖେଳିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ଆଇସିସି ସହ ଯୋଗାଯୋଗ ରଖିବାକୁ ମଧ୍ୟ କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ୍‌ଙ୍କୁ ସେ ପରାମର୍ଶ ଦେଇଛନ୍ତି। ତାଙ୍କ କହିବା କଥା ହେଲା କିଛି ମୌଳବାଦୀଙ୍କ ଧମକରେ ଆମର ଜଣେ ଖେଳାଳିଙ୍କୁ ଭାରତ ସରକାର ସୁରକ୍ଷା ଦେଇ ନପାରି ବିଦା କରିଦେଲେ। ଏଭଳି ସ୍ଥିତିରେ ଆମ ଖେଳାଳି, କର୍ମକର୍ତ୍ତା ଓ ସାମ୍ବାଦିକ କିପରି ଭାରତରେ ସୁରକ୍ଷିତ ରହିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଆଜି କ୍ରୀଡ଼ା ପରାମର୍ଶଦାତା, କ୍ରିକେଟ ବୋର୍ଡ ଓ ଖେଳାଳିଙ୍କ ମଧ୍ୟରେ ଏକ ବୈଠକ ବସିଥିଲା। ଏଥିରେ ସମସ୍ତେ ବିଶ୍ୱକପ୍ ଖେଳିବାକୁ ପ୍ରସ୍ତୁତ ବୋଲି କହିଥିଲେ। କିନ୍ତୁ ଆଇସିସି କେବଳ ଆମର ଭେନ୍ୟୁ ପରିବର୍ତ୍ତନ କରିବା ଆବଶ୍ୟକ ବୋଲି ଅନୁରୋଧ କରିଥିଲେ।

ମୁସ୍ତାଫିଜୁର ରହେମାନଙ୍କୁ ଆଇପିଏଲ୍‌ରୁ ବିଦା କରିବା ପରେ ବାଂଲାଦେଶ ନିଜର ବିଶ୍ୱକପ୍ ଭେନ୍ୟୁ ପରିବର୍ତ୍ତନ କରିବାକୁ ଦୁଇସପ୍ତାହ ହେଲା ଦାବି କରିଆସୁଛି। ଏଭଳି ନ କରିବାକୁ ବାଂଲାଦେଶକୁ ଆଇସିସି ଅନୁରୋଧ, ଚେତାବନୀ କିମ୍ବା ସ୍ଥିର କରିଥିବା ଡେଡ୍‌ଲାଇନ୍ ଧାର୍ଯ୍ୟ କରିବା ବାଂଲାଦେଶ ଉପରେ କୌଣସି ପ୍ରଭାବ ପକାଇନାହିଁ। ଫଳରେ ବାଂଲାଦେଶ ନିଜ ଜିଦ୍‌ରେ ଅଟଳ ରହିବା ପରେ ଭାରତରେ ଖେଳିବାକୁ ରାଜି ନ ହୁଏ ତେବେ ଅନ୍ୟ ଦଳକୁ ସୁଯୋଗ ମିଳିବ ବୋଲି ଚେତବାନୀ ଦେଇ ଆଜି (ଗୁରୁବାର) ସୁଦ୍ଧା ନିଷ୍ପତ୍ତି ନେବାକୁ ଡେଡ୍‌ଲାଇନ୍ ରଖିଥିଲା। ଏବେ ଆଇସିସି କି ନିଷ୍ପତ୍ତି ନେବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି। ବାଂଲାଦେଶ ଯଦି ବିଶ୍ୱକପ୍‌ରୁ ବାଦ୍ ପଡେ, ତେବେ ସ୍କଟ୍‌ଲାଣ୍ଡକୁ ଖେଳିବା ସୁଯୋଗ ମିଳିବ ବୋଲି ସୂଚନା ମିଳିଛି।

### ବ୍ୟାପକ କ୍ଷତି

ଫେବୃଆରୀ ୭ରୁ ମାର୍ଚ୍ଚ ୮ ମଧ୍ୟରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ବାଂଲାଦେଶ ଅଂଶଗ୍ରହଣ ନ କଲେ, ଖେଳାଳି, ବୋର୍ଡ ଓ ପ୍ରାୟୋଜକଙ୍କର ବ୍ୟାପକ କ୍ଷତି ହେବ। ଆଇସିସି ଟୁର୍ଣ୍ଣାମେଣ୍ଟ ପରେ ପାଇବାକୁ ଥିବା ଅନୁଦାନରେ କାଣ୍ଟଛାଣ୍ଟ ହେବ ନାହିଁ। ୨୦୨୭ ଯାଏ ଏପରି କରାଯିବାକୁ ନିଷ୍ପତ୍ତି ହୋଇଛି। ଫଳରେ ବାଂଲା କ୍ରିକେଟ ବୋର୍ଡର କୌଣସି କ୍ଷତି ହେବ ନାହିଁ। କିନ୍ତୁ ଦଳକୁ ମିଳିବାକୁ ଥିବା ୫ କୋଟି ଟଙ୍କାର ଅଂଶଗ୍ରହଣକାରୀ ଫି' ମିଳିବ ନାହିଁ। ଖେଳାଳିମାନେ ମ୍ୟାଚ୍ ଫି' ପାଇବେ ନାହିଁ, ପୁରସ୍କାର ରାଶି ମିଳିବ ନାହିଁ ଓ ପ୍ରାୟୋଜକଙ୍କଠାରୁ ମଧ୍ୟ ଦିଆଯାଉଥିବା ଅର୍ଥ ଦିଆଯିବ ନାହିଁ। ବାଂଲାଦେଶରେ ବହୁତ କ୍ରିକେଟ ସମର୍ଥକ ରହିଛନ୍ତି। ବାଂଲାଦେଶକୁ ବିଦା କରିବା ପରେ ସେଠାରେ ଦର୍ଶକ ସଂଖ୍ୟା ନିଶ୍ଚିତଭାବେ କମିଯିବ। ସବୁଠାରୁ ବଡ଼ କଥା ହେଲା, ଖେଳାଳିମାନଙ୍କ ବ୍ୟକ୍ତିଗତ ପ୍ରାୟୋଜକ। ବାଂଲା ଦଳର ଅଧାଡଜନେରୁ ଅଧିକ ଖେଳାଳି ଭାରତୀୟ କମ୍ପାନିଗୁଡ଼ିକ ସହ ଚୁକ୍ତିବଦ୍ଧ ଅଛନ୍ତି। ଏଣୁ ଏମାନଙ୍କ ଉପରେ ସୁଦୂର ପ୍ରସାରୀ ପ୍ରଭାବ ପଡ଼ିବା ନିଶ୍ଚିତ। ଏପରି କି ଭବିଷ୍ୟତରେ ସେମାନଙ୍କୁ ପ୍ରାୟୋଜନ ସଂସ୍ଥା ଚୁକ୍ତିବଦ୍ଧ କରିବାକୁ ନିଶ୍ଚିତ ଅନିଚ୍ଛା ପ୍ରକାଶ କରିବା ସ୍ପଷ୍ଟ ଭାବେ ଜଣାପଡୁଛି।

### ଆଇସିସି ଟୁର୍ଣ୍ଣାମେଣ୍ଟରେ ଖେଳି ନ ଥିବା ଦଳ

- ୧୯୯୬ ଦିନିକିଆ ବିଶ୍ୱକପ୍: ଶ୍ରୀଲଙ୍କାରେ ଖେଳିବାକୁ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ଓହରିଲେ। ଶ୍ରୀଲଙ୍କାରେ ଅରାଜକତା ଓ ବୋମା ବିସ୍ଫୋରଣ ଥିଲା ମୁଖ୍ୟ କାରଣ।
- ୨୦୦୩ ଦିନିକିଆ ବିଶ୍ୱକପ୍: ଜିମ୍ବାୱେରେ ଇଂଲଣ୍ଡ ଓ କେନିଆରେ ନ୍ୟୁଜିଲାଣ୍ଡ ଖେଳିବାକୁ ମନାକରିଥିଲେ। ନୀତିଗତ ନିଷ୍ପତ୍ତି ଯୋଗୁଁ ଏହି ଦୁଇ ଦେଶ ବିଶ୍ୱକପ୍ ଖେଳିବାକୁ ଯାଇ ନ ଥିଲେ।



- ୨୦୦୯ ଟି-୨୦ ବିଶ୍ୱକପ୍: ଜିମ୍ବାୱେ ରାଷ୍ଟ୍ରପତି ରବର୍ଟ ମୁଗାବେଙ୍କ ସହ ଇଂଲଣ୍ଡର ରାଜନୈତିକ ଉତ୍ତେଜନା ରହିଥିଲା। ଫଳରେ ଇଂଲଣ୍ଡରେ ଖେଳିବାକୁ ଜିମ୍ବାୱେ ଓହରିଯାଇଥିଲା।
- ୧୯ ବର୍ଷରୁ କମ୍ ବିଶ୍ୱକପ୍ ୨୦୦୯: ବାଂଲାଦେଶରେ ଅସ୍ଥିରତା ଓ ଅରାଜକତା ଯୋଗୁ ଅଷ୍ଟ୍ରେଲିଆ ଅଧାରୁ ଦ୍ୱିପାକ୍ଷିକ ସିରିଜ୍ ନ ଖେଳି ସ୍ୱଦେଶ ଫେରିଥିଲା। ଏହିବର୍ଷ ବାଂଲାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରୁ ମଧ୍ୟ ଅଷ୍ଟ୍ରେଲିଆ ଓହରିଯାଇଥିଲା।
- ୨୦୨୫ ଚାମ୍ପିଅନ୍ସ ଟ୍ରଫି: ୨୯ ବର୍ଷ ପରେ ପାକିସ୍ତାନ ଚାମ୍ପିଅନ୍ସ ଟ୍ରଫି ରୂପରେ ଆଇସିସି ଇଭେଣ୍ଟ ଆୟୋଜନ କରିବାକୁ ସୁଯୋଗ ପାଇଥିଲା। କିନ୍ତୁ ୨୦୦୮ ରୁ ପାକିସ୍ତାନରେ ଖେଳିବାକୁ ଯାଇ ନ ଥିବା ଭାରତ ସେଠାରେ ଖେଳିବ ନାହିଁ ବୋଲି ମନା କରିଦେଇଥିଲା। ଏହା ପରେ ଦୁବାଇରେ ଭାରତ ସମସ୍ତ ମ୍ୟାଚ୍ ଖେଳିଥିଲା।

### ରାୟପୁରରେ ଆଜି ଦ୍ୱିତୀୟ ଟି-୨୦

# ପ୍ରତ୍ୟାବର୍ତ୍ତନ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

ରାୟପୁର, ୨୨।୧ (ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଏଠାରେ ଆସନ୍ତାକାଲି ବା ଶୁକ୍ରବାର ଖେଳାଯିବ। ଏହି ମୁକାବିଲା ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଦିନ ପୂର୍ବରୁ ନାଗପୁରଠାରେ ଅନୁଷ୍ଠିତ ପ୍ରଥମ ମୁକାବିଲାରେ ଭାରତର ପାୱାରଫୁଲ ବ୍ୟାଟିଂ ଆଗରେ ହାର ମାନିଥିଲା ନ୍ୟୁଜିଲାଣ୍ଡ। ଏହାର ଅର୍ଥ ନୁହେଁ ଯେ ଏହି ବ୍ୟାଟରମାନେ ଦ୍ୱିତୀୟ ମୁକାବିଲାରେ ମଧ୍ୟ ସଫଳ ହେବେ। କିନ୍ତୁ ଯେଉଁ ଦୁଇ ଖେଳାଳିଙ୍କ ଉପରେ ନଜର ରହିଛି, ସେମାନେ ପ୍ରଥମ ଟି-୨୦ରେ ଫେଲ୍ ମାରିଥିଲେ। ଓପନର ସଞ୍ଜୁ ସାମସନ ୧୦ ଓ ନଂ-୩ରେ ଇସାନ କିଶାନ ୮ ରନ୍ କରିଥିଲେ। ଅଭିଷେକ ଶର୍ମାଙ୍କ ୩୫ ବଲ୍‌ରେ ୮୪ ଓ ରିଙ୍କୁ ସିଂଙ୍କ ୨୦ ବଲ୍‌ରୁ ୪୪ ରନ୍‌ର ବିସ୍ଫୋରକ ବ୍ୟାଟିଂ ସାଙ୍ଗକୁ ବରୁଣ ଚକ୍ରବର୍ତ୍ତୀ ଓ ଅନ୍ୟ ବୋଲରଙ୍କ ଦ୍ୱାରା ଚେକ୍‌ମେଟ ହୋଇଛନ୍ତି। ଭାରତ ନିକଟରେ ଏକାଧିକ ସୁପରପାୱାର ବ୍ୟାଟର ରହିଛନ୍ତି। ଯାହା ଫଳରେ ଭାରତ ଜଣେ କିମ୍ବା ଦୁଇଜଣଙ୍କ ଉପରେ ନିର୍ଭର କରୁନାହିଁ।

ଏହାର ଅର୍ଥ ନୁହେଁ ଯେ ନ୍ୟୁଜିଲାଣ୍ଡ ବିନା ଲଢ଼େଇରେ ଏହି ସିରିଜ୍ ହାରିଯିବ। ଭାରତୀୟ ସ୍ପିନରଙ୍କୁ ଉଭୟ ଟେଷ୍ଟ ଓ ଦିନିକିଆ ସିରିଜ୍‌ରେ ଫ୍ଲପ୍ କରିଦେଇଥିବା ନ୍ୟୁଜିଲାଣ୍ଡ ବ୍ୟାଟର ଗୋଟିଏ ସୁଯୋଗକୁ

**ଖେଳ ଆରମ୍ଭ : ରାତି ୭ଟା**
**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅପେକ୍ଷା କରିଛନ୍ତି। ଦଳ ନିକଟରେ ବିସ୍ଫୋରକ ବ୍ୟାଟର ରହିଛନ୍ତି। ଭାରତୀୟ ପିଚ୍‌ରେ ସଫଳ ହୋଇଥିବା ବୋଲର ମଧ୍ୟ ରହିଛନ୍ତି। ଟି-୨୦ ବିଶ୍ୱକପ୍ ଖେଳିବାକୁ ମନୋନୀତ ଦଳ ଏଠାରେ ଖେଳୁଛି। ଆସନ୍ତାକାଲି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଏହି ଦଳ ଯେ ପ୍ରତ୍ୟାବର୍ତ୍ତନ ନ କରିବ ତାହା କହିବା କଷ୍ଟକର। ସେ ଯାହା ହେଉ ଟି-୨୦ ଫର୍ମାଟରେ ଆଉ ଏକ ଧମାକାଦାର ବ୍ୟାଟିଂରେ ରାୟପୁର ଷ୍ଟାଡିୟମ୍‌ରେ ଦେଖିବାକୁ ମିଳିବ ଏଥିରେ ସନ୍ଦେହର ଅବକାଶ ନାହିଁ।

## 'ଆର୍‌ସିବି' କିଣିବାକୁ ପୁନାୱାଲା ଆଗ୍ରହୀ

ପୁଣେ, ୨୨।୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଆରମ୍ଭ ପୂର୍ବରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ପୁଣେସ୍ଥିତ ଭ୍ୟାକସିନ କମ୍ପାନୀ ସିରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ସିଇଓ ଅଦର ପୁନାୱାଲା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳକୁ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଆରସିବି ଲାଗି ଦୃଢ଼ ବିଡ୍ ଦାଖଲ କରିବି ବୋଲି ପୁନାୱାଲା ଗୁରୁବାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଜଣାଇଛନ୍ତି।

## ୫୦୦ କୀର୍ତ୍ତିମାନ

ଜାକର୍ତ୍ତା, ୨୨।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ତାଙ୍କ କ୍ୟାରିୟରର ଆଉ ଏକ ମାଇଲଖୁଣ୍ଟ ହାସଲ କରିଛନ୍ତି। ବିଶ୍ୱର ୬ଷ୍ଠ ତଥା ଭାରତର ପ୍ରଥମ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ



### ସିନ୍ଧୁଙ୍କ ବିଜୟ

୩୦ ବର୍ଷୀୟା ସିନ୍ଧୁ ୫୦୦ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅବସରରେ ସିନ୍ଧୁ ଏହି ସଫଳତା ପାଇଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସର ଏକ ମ୍ୟାଚରେ ସିନ୍ଧୁ ୨୧-୧୯, ୨୧-୧୮ ସିଧାସଳଖ ଗେମରେ ଡେନମାର୍କର ଫୋଏ ଲିନ ଜାଏର୍ଫେଲ୍ଡଟଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ ଜିତିବାକୁ ସିନ୍ଧୁଙ୍କୁ ୪୩ ମିନିଟ୍ ସମୟ ଲାଗିଥିଲା। ସିନ୍ଧୁଙ୍କ କ୍ୟାରିୟରର ଏହା ୫୦୦ତମ ସିଙ୍ଗଲ୍ସ ବିଜୟ ଥିଲା। ବର୍ତ୍ତମାନ ସୁଦ୍ଧା ସିନ୍ଧୁ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନରେ ୭୩୨ ମ୍ୟାଚ୍ ଖେଳିସାରିଛନ୍ତି। ତାଙ୍କର ବିଜୟ ପ୍ରତିଶତ ୬୮.୩ ରହିଛି। ସିନ୍ଧୁଙ୍କ ପୂର୍ବରୁ ଉଭୟ ପୁରୁଷ ଓ ମହିଳା ବର୍ଗରେ କୌଣସି ଭାରତୀୟ ଖେଳାଳି ଏହି ମାଇଲଖୁଣ୍ଟ ହାସଲ କରିନାହାନ୍ତି।

## ଜଲାଜଙ୍କ ମାଇଲ୍‌ଖୁଣ୍ଟ

ପୁଣେ, ୨୨।୧ (ଏଜେନ୍ସି): ମହାରାଷ୍ଟ୍ରର ଅଫ୍-ସ୍ପିନ ଅଲ୍‌ରାଉଣ୍ଡର ଜଲାଜ ସକ୍ସେନା ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ୫୦୦ତମ ୱିକେଟ୍ ପୂରଣ କରିଛନ୍ତି। ଗୁରୁବାର ଗୋଆ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚରେ ୬ଟି ୱିକେଟ୍ ନେବା ସହ ସକ୍ସେନା ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ଫଳରେ ୩୯ ବର୍ଷୀୟ ଜଲାଜ ବର୍ତ୍ତମାନ ୧୫୬ଟି ପ୍ରଥମଶ୍ରେଣୀ ମ୍ୟାଚରୁ ୫୦୨ଟି ୱିକେଟ ନେଇଛନ୍ତି। ଯେଉଁଥିରେ ୩୪ଥର ପାଞ୍ଚ ୱିକେଟ୍ ସଫଳତା ଓ ୧୦ଥର ୧୦ ୱିକେଟ୍ ସଫଳତା ପାଇଛନ୍ତି। ସେହିଭଳି ୧୪ଟି ଶତକ ସହ ସେ ୭୨୦୨ ରନ କରିଛନ୍ତି। ଏହାସତ୍ତ୍ୱେ ସେ କେବେ ଭାରତ ପକ୍ଷରୁ ଖେଳିବାର ସୁଯୋଗ ପାଇନାହାନ୍ତି।

## ଡବ୍ଲ୍ୟୁପିଏଲ୍: ଜାଏଣ୍ଟସର ୩ୟ ବିଜୟ

ଭଦୋଦରା, ୨୨।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିଅର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଗୁଜରାଟ ଜାଏଣ୍ଟସ ୩ୟ ବିଜୟ ହାସଲ କରିଛି। ଗୁରୁବାର ଅନୁଷ୍ଠିତ ଏକ ମ୍ୟାଚରେ ଗୁଜରାଟ ୪୫ ରନରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଗୁଜରାଟ ସୋଫି ଡିଭାଇନଙ୍କ ଅପରାଜିତ ୫୦ ରନ ବଳରେ ୮ ୱିକେଟ୍‌ରେ ୧୫୩ ରନ କରିଥିଲା। ୟୁପି ୱାରିୟର୍ଜ ପକ୍ଷରୁ କ୍ରାନ୍ତି ଗୌଡ଼ ଓ ସୋଫି ଇକଲେଷ୍ଟୋନ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ମେଗ୍ ଲାନ୍ନିଂଙ୍କ ୟୁପି ଦଳ ୧୭.୩ ଓଭରରେ ୧୦୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ରାଜେଶ୍ୱରୀ ଗାଏକୱାଡ ସର୍ବାଧିକ ୩ଟି ଓ ଡିଭାଇନ ୨ଟି ୱିକେଟ ନେଇଥିଲେ। ଶୁକ୍ରବାର ଲିଗ୍‌ର ବିଶ୍ରାମ ଦିବସ ରହିଛି।

## ଅଷ୍ଟ୍ରେଲିଆନ୍ ଓପନ୍ / ତୃତୀୟ ରାଉଣ୍ଡରେ ୪୦ ବର୍ଷୀୟ ୱାରିଙ୍କା

ମେଲବୋର୍ଣ୍ଣ, ୨୨।୧ (ଏଜେନ୍ସି): ପୂର୍ବତନ ଚାମ୍ପିଅନ ଷ୍ଟାନ ୱାରିଙ୍କା ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡର ଏକ ମ୍ୟାଚରେ ସୁଇସ ତାରକା ୱାରିଙ୍କା ୪-୬, ୬-୩, ୩-୬, ୭-୫, ୭-୬ (୩) ସେଟ୍‌ରେ ଫ୍ରାନ୍ସ କ୍ୱାଲିଫାୟର ଆର୍ଥର ଗେ'ଙ୍କୁ ପରାସ୍ତ କରିଥିଲେ। ଏଥିସହ ବିଶ୍ୱର ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ୱାରିଙ୍କା କୌଣସି ଗ୍ରାଣ୍ଡସ୍ଲାମର ୩ୟ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୱାରିଙ୍କାଙ୍କୁ ବର୍ତ୍ତମାନ ୪୦ ବର୍ଷ ୩୧୦ ଦିନ ହୋଇଛି। ବିଶ୍ୱର ବୟୋଜ୍ୟେଷ୍ଠ ଖେଳାଳି ଭାବେ ୪୮ ବର୍ଷ ତଳେ ଅଷ୍ଟ୍ରେଲିଆର କେନ୍ ରୋସେୱାଲ ମେଲବୋର୍ଣ୍ଣ



ପାର୍କରେ ୩ୟ ରାଉଣ୍ଡରେ ଖେଳିଥିଲେ। ସେତେବେଳେ ତାଙ୍କୁ ୪୪ ବର୍ଷ ହୋଇଥିଲା।

୧୦ଥରର ବିଜେତା ନୋଭାକ ଜୋକୋଭିଚ୍, ଡିଫେଣ୍ଡିଂ ଚାମ୍ପିଅନ ଜାନିକ ସିନ୍ନର, ୯ମ ସିଡ ଆମେରିକାର ଟେଲର ଫ୍ରିଜ, ୧୨ତମ ସିଡ୍ କାସ୍ପର ରୁଡ ପ୍ରମୁଖ ତୃତୀୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି। ସର୍ବିଆ ତାରକା ଜୋକୋଭିଚ ୬-୩, ୬-୨, ୬-୨ ସେଟରେ ଇଟାଲୀର ଫ୍ରାନ୍ସିକୋ ମାଏଷ୍ଟ୍ରେଲିଙ୍କୁ, ଦ୍ୱିତୀୟ ସିଡ୍ ସିନର ୬-୧, ୬-୪, ୬-୨ ସେଟରେ ଘରୋଇ ଖେଳାଳି ଜେମ ଡକୱର୍ଥଙ୍କୁ ହରାଇଥିଲେ। ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିଅନ ମାଡିସନ କିଜ୍, ୨ୟ ସିଡ୍ ଇଗା ସ୍ୱିଆଟେକ, ୪ର୍ଥ ସିଡ୍ ଆମଣ୍ଡା, ଆନିସିମୋଭା, ୫ମ ସିଡ୍ ଏଲିନା ରିବାକିନା, ୬ଷ୍ଠ ସିଡ୍ ଜେସିକା ପେଗୁଲା, ଦୁଇଥରର ପୂର୍ବ ଚାମ୍ପିଅନ ନାଓମି ଓସାକା, ଲିଣ୍ଡା ନୋସ୍କୋଭା ସହଜ ବିଜୟ ସହ ରାଉଣ୍ଡ-୩୨ରେ ପହଞ୍ଚିଛନ୍ତି।

## ଏଚଆଇଏଲ୍: ଆଜି କ୍ୱାଲିଫାୟର-୧ | ଫାଇନାଲ ଟିକଟ ଲକ୍ଷ୍ୟରେ କଳିଙ୍ଗ, ରୟାଲ୍ସ

ଭୁବନେଶ୍ୱର, ୨୨।୧ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୭ମ ସଂସ୍କରଣର ଲିଗ୍ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଯାଇଛି। ଶେଷ ଲିଗ୍‌ରେ ସୁରମା ହକି କ୍ଲବ୍ ୬-୦ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଶୁକ୍ରବାରଠାରୁ ପ୍ଲେ-ଅଫ୍ ଅର୍ଥାତ୍ ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବ। ପଏଣ୍ଟ ଟେବଲର ଶୀର୍ଷ ଦୁଇ ସ୍ଥାନରେ ରହିଥିବା ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ ପ୍ରଥମ କ୍ୱାଲିଫାୟର ଅନୁଷ୍ଠିତ ହେବ। ସନ୍ଧ୍ୟା ୫ଟାରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚରେ ଯେଉଁ ଦଳ ବିଜୟୀ ହେବ ଜାନୁଆରୀ ୨୬ରେ ହେବାକୁ ଥିବା ଟାଇଟଲ୍ ଲଢ଼େଇ ମୁକାବିଲାକୁ ସିଧାସଳଖ ଟିକଟ୍ ହାସଲ କରିବ। ଅର୍ଥାତ୍ ଉଭୟ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ପାଇଁ କ୍ୱାଲିଫାୟର-୧ ସେମିଫାଇନାଲ ସଦୃଶ ହୋଇଛି।

ଲିଗ୍ ପର୍ଯ୍ୟାୟ ଉପରେ ନଜର ପକାଇଲେ ଭୁବନେଶ୍ୱରଭିତ୍ତିକ ଦଳ କଳିଙ୍ଗ ଲାନ୍ସର୍ସ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲା। ନେଦରଲାଣ୍ଡସର ଆର୍ଥର ଭାନ୍ ଡୋରେନଙ୍କ ନେତୃତ୍ୱାଧୀନ ଲାନ୍ସର୍ସ ୭ଟି ମ୍ୟାଚରୁ ୬ ବିଜୟ ଓ ଗୋଟିଏ ପରାଜୟ ସହ ୧୬ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ଏପରିକି କ୍ରମାଗତ ୬ଟି ବିଜୟ ସ୍ୱାଦ ଚାଖିଥିବା କଳିଙ୍ଗ ଶେଷ ଲିଗ୍‌ରେ ୧-୨ ଗୋଲରେ ସୁରମା ହକି କ୍ଲବଠାରୁ ହାରିବା ଫଳରେ ବିଜୟ ଧାରାରେ ବ୍ରେକ୍ ଲାଗିଥିଲା। ଏହାସତ୍ତ୍ୱେ ଘରୋଇ ପରିବେଶରେ ଖେଳୁଥିବାରୁ କଳିଙ୍ଗ ଲାନ୍ସର୍ସକୁ ଏହି ମ୍ୟାଚରେ ଫେଭରିଟ୍ ବିବେଚନା କରାଯାଉଛି। ଶ୍ରେଷ୍ଠ ରକ୍ଷଣଭାଗ କଳିଙ୍ଗର ସବୁଠୁ ବଡ଼ ଶକ୍ତି ରହିଛି। ୭ଟି ମ୍ୟାଚରେ ଦଳ ମାତ୍ର ୮ଟି ଗୋଲ୍ ବରଣ କରିଛି। ବେଲ୍‌ଜିୟମ ଆଲେକ୍ସଜାଣ୍ଡର ହେଣ୍ଡ୍ରିକ୍ସ ୮ଟି ଗୋଲ୍ ଦେଇ ଲାନ୍ସର୍ସ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି।

### ଟମ୍ ବୁନ୍ ଦେଇଛନ୍ତି ୧୫ ଗୋଲ୍

ଅପରପକ୍ଷରେ ରାଞ୍ଚି ରୟାଲ୍ସ ୪ଟି ବିଜୟ ଓ ୩ଟି ପରାଜୟ ସହ ୭ଟି ଲିଗ୍‌ରୁ ୧୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ଲିଗ୍ ପର୍ଯ୍ୟାୟରେ ଏକମାତ୍ର ଦଳ ଭାବେ ରାଞ୍ଚି ୨୫ଟି ଗୋଲ୍ ଦେଇଥିଲା। ବେଲ୍‌ଜିୟମ ଷ୍ଟ୍ରାଇକର ଟମ୍ ବୁନ୍ ରୟାଲ୍ସର ପ୍ରମୁଖ ଖେଳାଳି ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୧୫ଟି ଗୋଲ୍ ଦେଇସାରିଛନ୍ତି। ତେଣୁ କ୍ୱାଲିଫାୟର-୧ ନିଶ୍ଚିତ ଭାବେ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଶୁକ୍ରବାର ରାତି ୭ଟା ୩୦ରେ ହାଇଦରାବାଦ୍ ତୁଫାନ୍ସ ଓ ଏଚ୍‌ଆଇଏଲ୍ ଜିସି ମଧ୍ୟରେ ଏଲିମିନେଟର ମୁକାବିଲା ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

## ଓଡ଼ିଶା ଓପନ ଚେସ୍ | ଅଭିଜିତ, ଏନ୍‌ଗୁଏନ୍ ମିଳିତ ଅଗ୍ରଣୀ

ଭୁବନେଶ୍ୱର,୨୨।୧(ସମିସ): ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଚାଲିଥିବା ଓଡ଼ିଶା ଓପନ ଚେସ୍ ଟୁର୍ଣ୍ଣାମେଣ୍ଟର କାଟାଗୋରୀ-ଏ'ରେ ଦୁଇ ଗ୍ରାଣ୍ଡମାଷ୍ଟର ଭାରତର ଅଭିଜିତ ଗୁପ୍ତା ଓ ଭିଏତନାମ୍‌ର ଏନ୍‌ଗୁଏନ ଭାନ ହୁଏ ମିଳିତଭାବେ ଅଗ୍ରଣୀ ରହିଛନ୍ତି। ୭ମ ରାଉଣ୍ଡ ଖେଳ ଶେଷସୁଦ୍ଧା ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏମାନଙ୍କ ପଛକୁ ମଧ୍ୟ ଉଭୟ ଦେଶର ଦୁଇ ଖେଳାଳି ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରୁଷର ଗ୍ରାଣ୍ଡମାଷ୍ଟର ବୋରିସ୍ ସାଭେଚେଙ୍କୋ, କ୍ୟୁମାର ଆଇଏମ୍ ଡାଏସମାନି ଓଟେରୋ ଆକୋଷ୍ଟା, ବେଲାରୁଷର ଆଲେକସେଜ ଆଲେକଜାଣ୍ଡର, ରୁଷର ଗ୍ରାଣ୍ଡମାଷ୍ଟର ଭ୍ଲାଦିମିର ବୁର୍ମାକିନ୍‌ଙ୍କ ସହ ୯ଜଣ ଖେଳାଳି ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ତୃତୀୟସ୍ଥାନରେ ରହିଛନ୍ତି।

ଗତକାଲି ଆରମ୍ଭ ହୋଇଥିବା କାଟାଗୋରୀ-ସି'ରେ ୩ ରାଉଣ୍ଡ ଶେଷସୁଦ୍ଧା ୨୭ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ସେମାନଙ୍କ ମଧ୍ୟରେ ଓଡ଼ିଶାର ଦାଶରଥି ସାହୁ, ଲରେନ୍ସ ପ୍ରଧାନ, ଶ୍ରୀନାଥ ଭୋଇ, ସୁରଜ ମହାରଣା, ଏସ୍ ଗୋରାଚାନ୍ଦ ରେଡ୍ଡୀ, ସିଦ୍ଧାର୍ଥ ମିଶ୍ର, ନନ୍ଦନ ରାୟ ଓ ଦୀପ୍ତିରଞ୍ଜନ ନାୟକ ରହିଛନ୍ତି।

## ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ | ଏମ୍‌ପିକୁ ହରାଇ ଓଡ଼ିଶା ଚାମ୍ପିଅନ

ଭୁବନେଶ୍ୱର,୨୨।୧(ସମିସ): ଓଡ଼ିଶା ମହିଳା ଦଳ ଜାତୀୟ ଦୃଷ୍ଟିବାଧିତ ଟି-୨୦ କ୍ରିକେଟ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସ୍ଥାନୀୟ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡ ଖେଳପଡ଼ିଆରେ ଗୁରୁବାର ଅନୁଷ୍ଠିତ ଫାଇନାଲ ଖେଳରେ ଓଡ଼ିଶା ୩୨ ରନ୍‌ରେ ମଧ୍ୟପ୍ରଦେଶ (ଏମ୍‌ପି)କୁ ପରାସ୍ତ କରି ଏହି ଜାତୀୟ ଟାଇଟଲ କବ୍‌ଜା କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ମହିଳା ଦଳ ୪ ୱିକେଟରେ ୧୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଓପନର ପାର୍ବତୀ ମାର୍ଣ୍ଡି ସର୍ବାଧିକ ୫୫, ଅଧିନାୟିକା ଫୁଲ ସୋରେନ୍ ୩୮ ଓ ଫର୍ମରେ ଥିବା ସୁକାନ୍ତି ଦଳପତି ୩୦ ରନ୍ କରିଥିଲେ। ଜବାବରେ ଓଡ଼ିଶା ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ମଧ୍ୟପ୍ରଦେଶ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୧ ରନ୍‌ରେ ସୀମିତ ରହିଥିଲା। ଏମ୍‌ପି ପକ୍ଷରୁ ଦୁର୍ଗା ସର୍ବାଧିକ ୬୦ ଓ ସୁଷମା ପଟେଲ ୪୦ ରନ୍




କରିଥିଲେ। ଉଭୟ ମୁନି ପୂର୍ତ୍ତିଙ୍କ ଦ୍ୱାରା ଆଉଟ ହେବା ପରେ ଏମ୍‌ପି ଏହି ମ୍ୟାଚ୍ ହାରିଯାଇଥିଲା।

ଖେଳ ଶେଷରେ ଆୟୋଜିତ ଉତ୍ସବରେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ଚେୟାରମ୍ୟାନ୍ ତିରୁପତି ପାଣିଗ୍ରାହୀ, ଗଜପତି ବିଧାୟକ ତଥା ମେଡିକାଲ ଏମ୍‌ଡି ରୂପେଶ ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେସନ ସିଏସ୍‌ଆର୍ ରିଷି ପଠାଣିଆ, ଜାତୀୟ ଦୃଷ୍ଟିହୀନ କ୍ରିକେଟ ମହାସଂଘ ସଭାପତି ବିଜୁ ଗୌଡ଼, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ଉନ୍ନୟନ ଚେୟାରମ୍ୟାନ୍ ମେଜର କଳ୍ପନା ଦାସ୍, କେନ୍ଦ୍ରସରକାରଙ୍କ ଦୁଇ ପଦାଧିକାରୀ ଭାସ୍କର ରାଇତୋ ଓ ବସନ୍ତ ବେହେରା, ଓଡ଼ିଶା ଦୃଷ୍ଟିବାଧିତ ସଂଘ ସଭାପତି ଜାଫର ଇକବଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

### ଓଡ଼ିଶା ବିପକ୍ଷ ରଣଜୀ ଲଢ଼େଇ

# ୪ ଅର୍ଦ୍ଧଶତକ ବଳରେ ତାମିଲନାଡୁ ୨୮୧/୭

ଭୁବନେଶ୍ୱର, ୨୨।୧ (ସମିସ):

ଚଳିତ ରଣଜୀ ଟ୍ରଫିର ୬ଷ୍ଠ ରାଉଣ୍ଡ ପର୍ଯ୍ୟାୟ ଖେଳ ଗୁରୁବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଏହିକ୍ରମରେ ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମୁକାବିଲାରେ ଓଡ଼ିଶା ଓ ତାମିଲନାଡୁ ପରସ୍ପର ସାମ୍ନାସାମ୍ନି ହୋଇଛନ୍ତି। ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ତାମିଲନାଡୁ ୪ଟି ଅର୍ଦ୍ଧଶତକୀୟ ପାଳି ବଳରେ ୭ ୱିକେଟ୍‌ରେ ୨୮୧ ରନର ସମ୍ମାନଜନକ ସ୍କୋର ଠିଆ କରାଇଛି। ଓଡ଼ିଶା ବୋଲରମାନେ ୮୩ ଓଭର ବୋଲିଂ କରି ୭ଟି ୱିକେଟ୍ ନେବାରେ ସମର୍ଥ ହୋଇଛନ୍ତି। ଭ୍ରମଣକାରୀ ତାମିଲନାଡୁ ପକ୍ଷରୁ ବାମହାତୀ







ବ୍ୟାଟର୍ ପ୍ରଦୋଷ ରଞ୍ଜନ ପଲ୍ ସର୍ବାଧିକ ୭୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଅତିଶ ଏସଆର୍ ୫୦, ଆନ୍ଦ୍ରେ ସିଦ୍ଧାର୍ଥ ୫୬, ଇନଫର୍ମ ବ୍ୟାଟର ଏନ୍. ଜଗଦିଶନ ୭, ପି. ବିଦ୍ୟୁତ ୧୨, ସୋନୁ ଯାଦବ ୮ ରନ କରିଥିବାବେଳେ ଅଜିତେଶ ଗୁରୁସ୍ୱାମୀ ଖାତା ଖୋଲିପାରି ନ ଥିଲେ। ଷ୍ଟମ୍ପସବେଳକୁ ନଂ-୭ ବ୍ୟାଟର୍ ନିଧିଶ ରାଜଗୋପାଳ ୫୪ ଓ ଅଧିନାୟକ ଆର୍. ସାଇକିଶୋର ୧୨ ରନ କରି ଅପରାଜିତ ରହିଛନ୍ତି।

ଘରୋଇ ଦଳ ପକ୍ଷରୁ ରାଜେଶ ମହାନ୍ତି ଓ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ୱିକେଟ୍ ପାଇଥିଲେ। ତାମିଲନାଡୁର ୨୮୧ ରନ ଓ ଓଡ଼ିଶା ବୋଲରଙ୍କ ୭ ୱିକେଟ୍ ସଫଳତା ବଳରେ ପ୍ରଥମ ଦିବସର ସମ୍ମାନ ଉଭୟ ଦଳ ବାଣ୍ଟିନେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS